


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୬ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 26 FEBRUARY 2025

Vol.No. 36 ■ No.55 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା....

ନୂଆବର୍ଷ ସଂଖ୍ୟା

ସାଗରିକା


ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


## ଶିଖ୍ ବାପ-ପୁଅଙ୍କୁ ହତ୍ୟା ମାମଲା

# ପୂର୍ବତନ ସାଂସଦ ସଜ୍ଜନ କୁମାରଙ୍କୁ ଆଜୀବନ ଜେଲ୍



ନୂଆଦିଲ୍ଲୀ, ୨୫/୦୨ : ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କୁ ଆଜୀବନ ଜେଲ୍ । ୧୯୮୪ ଶିଖ୍? ଦଙ୍ଗା ସହ ଜଡିତ ସରସ୍ୱତୀ ବିହାରରେ ଶିଖ୍ ବାପ-ପୁଅ ହତ୍ୟା ମାମଲାରେ ସଜ୍ଜନ କୁମାରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ । ଦିଲ୍ଲୀ ରାଉଜ୍ ଆଭେନ୍ୟୁ କୋର୍ଟ ଏହି ସଜ୍ଜା ଶୁଣାଇଛନ୍ତି । ଗତ ୧୨ ତାରିଖରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ କୋର୍ଟ । ତାଙ୍କର ମାନସିକ ସ୍ଥିତି ନେଇ ତିହାର କେନ୍ଦ୍ରୀୟ ଜେଲ୍ ଅଧିକାରୀଙ୍କୁ ରିପୋର୍ଟ ମଗାଯାଇଥିଲା । ଆଜି ଏହି ମାମଲାରେ ରାୟ ପ୍ରକାଶ ପାଇଛି । ପୋଲିସ କୋର୍ଟରେ ଦାଖଲ କରିଥିବା ଦଲିଲ୍‌ରେ କହିଥିଲା, ଏହି ମାମଲା ନିର୍ଭୟା କେସଠାରୁ ମଧ ଅଧିକ ସଙ୍ଗୀନ । ନିର୍ଭୟା ମାମଲାରେ ଜଣେ ମହିଳାଙ୍କୁ ଟାର୍ଗେଟ କରାଯାଇଥିଲା । ହେଲେ ଏଥିରେ ଏକ ସମୁଦାୟକୁ ଟାର୍ଗେଟ ହୋଇଥିଲା । ଏନେଇ ପୋଲିସ ଓ ଅଭିଯୋଗକାରୀ ସଜ୍ଜନ କୁମାରଙ୍କ ବିରୋଧରେ ଫାଶୀଦଣ୍ଡ ଦାବି କରିଥିଲେ । ୧୯୮୪ ଶିଖ୍ ଦଙ୍ଗା ମାମଲାରେ ଗତ ୧୨ ତାରିଖରେ କୋର୍ଟ ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଦିଲ୍ଲୀ ରାଉଜ ଆଭେନ୍ୟୁ କୋର୍ଟର ବିଚାରପତି କାବେରୀ ବାଓ୍ୱେଜା ସଜ୍ଜନଙ୍କୁ ଆଜୀବନ ସଜ୍ଜା ଶୁଣାଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସଜ୍ଜନ କୁମାରଙ୍କୁ ଦ୍ୱିତୀୟ ଥର ଆଜୀବନ ଜେଲ୍ ଦଣ୍ଡ ମିଳିଛି । ପୂର୍ବରୁ ସେ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ଦଙ୍ଗା ମାମଲାରେ ଆଜୀବନ ସଜ୍ଜା କାଟୁଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ୧୯୮୪ ନଭେମ୍ବର ୧ରେ ଯଶୱନ୍ତ ସିଂହ ଓ ତାଙ୍କ ପୁଅ ତରୁଣଦୀପ ସିଂହଙ୍କୁ ସରସ୍ୱତୀ ବିହାରରେ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ସଜ୍ଜନ କୁମାରଙ୍କ ନିର୍ଦ୍ଦେଶରେ ଏକ ହିଂସାତ୍ମକ ଭିଡ଼ ଶିଖ୍ ସମୁଦାୟ ବିରୋଧରେ ହିଂସା, ଲୁଟପାଟ୍, ଭଙ୍ଗାରୁଜା ସହ ଏହି ଶିଖ୍ ବାପ-ପୁଅଙ୍କୁ ହତ୍ୟା କରିଥିଲେ । ଏହି ମାମଲାରେ ମୃତ ଯଶୱନ୍ତ ସିଂହଙ୍କ ପତ୍ନୀ ସଜ୍ଜନ କୁମାରଙ୍କୁ ଫାଶୀ ଦଣ୍ଡ ଦାବି କରିଥିଲେ । ଏବେ ସଜ୍ଜନ କୁମାରଙ୍କ ଆଜୀବନ ସଜ୍ଜା ରାୟ ପ୍ରକାଶକୁ ନେଇ ପୀଡିତ ପକ୍ଷ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଜଣେ ଶିଖ୍ ନେତା ଗୁରଲାଦ ସିଂହ କହିଛନ୍ତି, କୋର୍ଟଙ୍କ ଏହି ରାୟରେ ଆମେ ଖୁସି ନାହୁଁ । ଦୋଷୀକୁ ଫାଶୀ ଛଡା ଆଉ କିଛି ଚାହୁଁନୁ । ସଜ୍ଜନ କୁମାରଙ୍କୁ ଫାଶୀ ଦେବାକୁ ଆମେ ସରକାରଙ୍କ ନିକଟରେ ଉପର କୋର୍ଟ ଯିବାକୁ ଅପିଲ୍ କରିବୁ ।

# ହଟ୍ଟଗୋଳ କରି ସସପେଣ୍ଡ ହେଲେ ୨୨ ଆପ୍ ବିଧାୟକ

## ଉପସ୍ଥାପିତ ହେଲା ଅବକାରୀ ନୀତି ଘୋଟାଲା



ନୂଆଦିଲ୍ଲୀ, ୨୫/୦୨ : ଦିଲ୍ଲୀ ବିଧାନସଭାରେ ପ୍ରବଳ ହଙ୍ଗାମା । ଗୃହରେ ହଟ୍ଟଗୋଳ କରିବାରୁ ୨୨ ଆପ୍ ବିଧାୟକଙ୍କୁ ଦିନକ ପାଇଁ ସସପେଣ୍ଡ କଲେ ବାଚସ୍ପତି । ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଉପ-ରାଜ୍ୟପାଳ ଭି କେ ସାକ୍ସେନା ଅଭିଭାଷଣ ରଖିଥିଲେ । ଏହି ସମୟରେ ଆପର ବିଧାୟକମାନେ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ । ଅଭିଭାଷଣରେ ବାଧା ସୃଷ୍ଟି କରିଥିଲେ । ବିଜେପି ବିରୋଧରେ ଉଚ୍ଚ ସ୍ୱରରେ ସ୍ଲୋଗାନ ଦେଇଥିଲେ । ସିଏଜି ରିପୋର୍ଟ ଉପସ୍ଥାପନକୁ ନେଇ ଗୃହରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଆପ୍ ବିଧାୟକମାନେ ଶାନ୍ତ ରହିବାକୁ ବାଚସ୍ପତି ବିଜେନ୍ଦର ଗୁପ୍ତା ବାରମ୍ବାର ଅନୁରୋଧ କରିଥିଲେ । କିନ୍ତୁ ସେମାନେ ବାଚସ୍ପତିଙ୍କ ଅନୁରୋଧକୁ ଖାତିର୍ କରିନଥିଲେ । ବରଂ ଅଧିକ ଜୋରରେ ସ୍ଲୋଗାନ ଦେଇଥିଲେ । ତେଣୁ ବାଚସ୍ପତି ବାଧ ହୋଇ ଆପର ୨୨ ଜଣ ବିଧାୟକଙ୍କୁ ଦିନକ ପାଇଁ ସସପେଣ୍ଡ କରିଥିଲେ । ବିରୋଧୀ ଦଳ ନେତ୍ରୀ ଆତିଶୀ ବି ସସପେଣ୍ଡ ହୋଇଛନ୍ତି । ସସପେଣ୍ଡ ହେବା ପରେ ବିଧାନସଭା ବାହାରକୁ ଆସି ଆପ୍ ବିଧାୟକମାନେ ଧାରଣା ଦେଇଛନ୍ତି । ତେବେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ବିଧାନସଭାରେ ଅବକାରୀ ନୀତି ଘୋଟାଲା ନେଇ ରିପୋର୍ଟ ଉପସ୍ଥାପନ କରିଛନ୍ତି । ▶▶ପୃଷ୍ଠା ୭

## ପଂଜାବ ବିଧାନସଭାରେ ଦିଲ୍ଲୀ ସରକାରଙ୍କ ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ପାରିତ

ଚଣ୍ଡିଗଡ, ୨୫/୦୨ : ପଂଜାବ ସରକାର ବିଧାନସଭାର ଦୁଇ ଦିବସୀୟ ବିଶେଷ ଅଧିବେଶନରେ ମଙ୍ଗଳବାର ଦିଲ୍ଲୀରେ ନିକଟରେ ଗଠନ ହୋଇଥିବା ବିଜେପି ସରକାର ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ପାରିତ କରିଛନ୍ତି । ପଂଜାବ ସରକାରଙ୍କ ଅଭିଯୋଗ ଯେ, ଦିଲ୍ଲୀରେ ଗଠନ ବିଜେପି ସରକାରର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ପଦଭାଗ ଗ୍ରହଣ କରିବା ମାତ୍ରେ ହିଁ ନିଜ କାର୍ଯ୍ୟାଳୟରେ ଲାଗିଥିବା ସମ୍ବିଧାନ ନିର୍ମାତା ବାବା ସାହେବ ଆମ୍ବେଦକର ତଥା ସହିଦ ଭଗତ ସିଂହଙ୍କ ଫଟୋକୁ କାଢି ଦେଇଛନ୍ତି । ପଂଜାବର ସଂସଦୀୟ କାର୍ଯ୍ୟମନ୍ତ୍ରୀ ଅମନ ଅରୋଡା ମଙ୍ଗଳବାର ଏ ସଂପର୍କରେ ପ୍ରସ୍ତାବ ଆଗତ କରି କହିଛନ୍ତି ଯେ,ଦିଲ୍ଲୀ ସରକାରର ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ କାର୍ଯ୍ୟାଳୟରେ ଲାଗିଥିବା ବାବା ସାହେବ ଓ ସହିଦ ଭଗତ ସିଂହଙ୍କ ଫଟୋକୁ କାଢିବା ବିଜେପିର ଦଳିତ ଓ ସହିଦଙ୍କ ପ୍ରତି ବିଚାରଧାରାକୁ ଦର୍ଶାଇଥାଏ । ଏ ସଂପର୍କରେ ନିନ୍ଦା ପ୍ରସ୍ତାବ ପାରିତ କରି ଭାରତର ରାଷ୍ଟ୍ରପତିକୁ ପଠାଯିବ ଏବଂ ଏହା ସୁନିଶ୍ଚିତ କରିବାର ଦାବି କରାଯିବ ଯେ, ସହିଦଙ୍କୁ ଉଚିତ ମାନ ସମ୍ମାନ ମିଳୁ ।

# ଓଡ଼ିଶାରେ ମୃଦୁ ଭୂକମ୍ପ; ଥରିଲା ରାଜଧାନୀ : ଭୂକମ୍ପର ତୀବ୍ରତା ୫.୧

## ବଙ୍ଗୋପସାଗରେ ଭୂକମ୍ପର କେନ୍ଦ୍ରସ୍ଥଳ

ଭୁବନେଶ୍ୱର, ୨୫/୨(ନି.ପ୍ର) : ଓଡ଼ିଶାରେ ଆଜି ସକାଳେ ମୃଦୁ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି । ଭୁବନେଶ୍ୱର, ବାଲେଶ୍ୱର, ବାରିପଦା ଓ ପାରାଦୀପରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଥିବା ଜଣାଯାଇଛି ।ବଙ୍ଗୋପସାଗରେ ଭୂକମ୍ପର କେନ୍ଦ୍ରସ୍ଥଳ ରହିଛି । ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୫.୧ ରହିଛି । ପୁରୀରୁ ୨୮୬ ଓ ଭୁବନେଶ୍ୱରରୁ ୨୯୭ କିମି ଦୂରରେ ଭୂକମ୍ପର କେନ୍ଦ୍ରସ୍ଥଳ ରହିଛି । ସେହିପରି ବ୍ରହ୍ମପୁର ଠାରୁ ୩୧୪ କିମି ଦୂରରେ କେନ୍ଦ୍ରସ୍ଥଳ ରହିଛି । ଭାରତ ଓ ବାଂଲାଦେଶରେ ମଧ ଭୂକମ୍ପର ପ୍ରଭାବ ଅନୁଭୂତ ହୋଇଥିବା ସୂଚନା ରହିଛି । ଭୂକମ୍ପ ଦ୍ୱାରା କିଛି କ୍ଷୟ କ୍ଷତି ହୋଇନାହିଁ । ଆଜି ସକାଳେ ୬ଟା ୧୦ ମିନିଟ୍‌ରେ ଓଡ଼ିଶା ସହ ପଶ୍ଚିମବଙ୍ଗରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଥିଲା । ଏହା ଭୂପୃଷ୍ଠରୁ ୯୧ କିମି ଗଭୀରରେ ସୃଷ୍ଟି ହୋଇଥିଲା । ସୂଚନାଯୋଗ୍ୟ, କିଛି ଦିନ ତଳେ ପୁରୀରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଥିଲା । ଏହାର ତୀବ୍ରତା ଥିଲା୪.୭ ଥିଲା ।

## ଡିଆରଡିଓରେ ନକଲି ନିଯୁକ୍ତି ରାକେଟ : ସିବିଆଇ ମାମଲା କଲା ରୁଜୁ

ନୂଆଦିଲ୍ଲୀ, ୨୫/୨- କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏକ ନକଲି ନିଯୁକ୍ତି ରାକେଟ ଚଳାଉଥିବା ଅଜ୍ଞାତ ବ୍ୟକ୍ତିଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରିଛି । ତାଙ୍କ ବିରୁଦ୍ଧରେ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ ରେ ଚାକିରି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ବେକାରୀ ଲୋକଙ୍କୁ ଠକିବାର ଅଭିଯୋଗ ଅଛି । ସିବିଆଇ ବିବୃତି ଅନୁଯାୟୀ, ଏହି ମାମଲାର ତଦନ୍ତ ଚାଲିଛି ଏବଂ ଏଜେନ୍ସି ଏହି ସମ୍ପର୍କରେ ଜୟପୁରର ୦୨ଟି ସ୍ଥାନରେ ଏବଂ ନୂଆଦିଲ୍ଲୀର ଗୋଟିଏ ସ୍ଥାନରେ ତଲାସ କରିଛି । ଠକ ନିଯୁକ୍ତିଦାତାମାନେ ପିଅନ, ଝାଡୁଦାର, ମଲ୍ଟି-ଟାସ୍କିଂ ଷ୍ଟାଫ୍ ଏବଂ ଲୋୟର ଡିଭିଜନ କ୍ଲର୍କ ସମେତ ବିଭିନ୍ନ ପଦବୀ ପାଇଁ ଠକେଇ କରି ଚାକିରି ପ୍ରଦାନ କରୁଥିଲେ ଏବଂ ପ୍ରାର୍ଥୀଙ୍କଠାରୁ ୧୦ ଟଙ୍କାରୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟଙ୍କା ଆଦାୟ କରୁଥିଲେ । ଦେୟ ଦେବା ପରେ, ପ୍ରାର୍ଥୀମାନଙ୍କୁ ନୂଆଦିଲ୍ଲୀର ଏକ ନକଲି ସମ୍ପର୍କିତ ପ୍ରତିଷ୍ଠାନରେ ଡାକ୍ତରୀ ପରୀକ୍ଷା କରିବାକୁ ଇମେଲ୍ ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ପରେ, ଚାକିରି ଆଶାୟୀମାନଙ୍କୁ ନକଲି ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା ଏବଂ ସେମାନଙ୍କୁ ଜୟପୁରର ଏକ ନକଲି କାର୍ଯ୍ୟାଳୟରେ ତିନି ମାସର ତାଲିମ ଅଧିବେଶନ ପାଇଁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

## ଡବଲ ଇଞ୍ଜିନ୍ ସରକାର ରେ କାହା କାହା ଭିତରେ ସାମଞ୍ଜସ୍ୟ ନାହିଁ : କଂଗ୍ରେସ

ଭୁବନେଶ୍ୱର, ୨୫ ଫେବୃଆରୀ – ରାସନ କାର୍ଡ ରେ ଆଇଟି ରିଟର୍ଣ ଦାଖଲ କାରୀ ଙ୍କୁ ସାମିଲ ନେଇ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । କଂଗ୍ରେସ ବିଧାୟକ ପବିତ୍ର ସାଉଂଟା କହିଛନ୍ତି ଯେ ସରକାର ଯାହା ନିଷ୍ପତ୍ତି ନେଉଛନ୍ତି ବୁଝି ବିଚାରି ନିଷ୍ପତ୍ତି ନିଅନ୍ତୁ । ଡବଲ ଇଞ୍ଜିନ୍ ସରକାର ରେ କାହା କାହା ଭିତରେ ସାମଞ୍ଜସ୍ୟ ନାହିଁ । ମନ୍ତ୍ରୀ ଗୋଟେ କଥା କହିଲେ ସଚିବ ଆଉ ଗୋଟେ କଥା କହୁଛନ୍ତି । ରାସନ କାର୍ଡ ତାଲିକାରୁ ନାଁ କାଟି ଲୋକଙ୍କୁ ହଇରାଣ ନ କରନ୍ତୁ । ସେ କହିଛନ୍ତି ଯେ, ଧାନ କଟନି ଛଟନି ଜାରି ରହିଚି । କୁଇଂଟାଲ ପିଛା ୧୦ ପ୍ରତିଶତ ଧାନ କାଟୁ ଛନ୍ତି । ଠନ ଠନ କହିଥିଲେ କିନ୍ତୁ ୪୮ ଦିନ ପରେ ବି ପଇସା ଦେଖା ନାହିଁ ।

# ଆମେରିକାର ୟୁଟର୍ଣ୍ଣ : ୟୁକ୍ରେନ ମାମଲାରେ ଜାତିସଂଘରେ ଋଷକୁ ସମର୍ଥନ




ନୂଆଦିଲ୍ଲୀ, ୨୫/୦୨ :ଅତି ନାଟକୀୟ ଘଟଣାକ୍ରମରେ ଜାତିସଂଘରେ ଋଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଆସିଥିବା ପ୍ରସ୍ତାବରେ ଆମେରିକା କ୍ରେମଲିନକୁ ଭୋଟ ଦେଇଛି । ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବାପରଠୁ ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନକୁ ଅନ୍ଧଭାବେ ସମର୍ଥନ କରିବା ସପକ୍ଷରେ ନାହାଁନ୍ତି । ସେପଟେ ରୁଷକୁ ବୁଝାଇ ଯୁଦ୍ଧ ବନ୍ଦ କରିବାକୁ ଟ୍ରମ୍ପ ଆହ୍ୱାନ ଦେଇଛନ୍ତି ।

ଋଷ -ୟୁକ୍ରେନ ଯୁଦ୍ଧ ୩ବର୍ଷରେ ପ୍ରବେଶ କରିବା ସମୟରେ ଏହାକୁ ବନ୍ଦ କରିବାକୁ ନାଟୋ ମେଣ୍ଟ ଅର୍ନ୍ତଭୁକ୍ତ ବ୍ରିଟେନ ଓ ଫ୍ରାନ୍ସ ଏକ ପ୍ରସ୍ତାବ ଆଣିଥିଲେ । ଏହି ପ୍ରସ୍ତାବରେ ରୁଷର ଭାଇପଣିଆକୁ ସମାଲୋଚନା କରିବା ସହିତ ୟୁକ୍ରେନରୁ କ୍ରେମଲିନ ସୈନ୍ୟ ପ୍ରତ୍ୟାହାର କରିବାକୁ ଉଲ୍ଲେଖ ଥିଲା । ମାତ୍ର ନିର୍ବାଚିତ ହେବାପରଠାରୁ ଋଷ ସମ୍ବନ୍ଧିତ ନିଜ ମତ ପରିବର୍ତ୍ତନ କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ପ୍ରସ୍ତାବକୁ ବିରୋଧ କରିଥିଲେ । ପ୍ରସ୍ତାବ ସପକ୍ଷରେ ୯୩ଟି ଭୋଟ ପଡ଼ିଥିଲା । ବିପକ୍ଷରେ ଆସିଥିଲା ୧୮ଟି ଭୋଟ । ଭାରତ ଓ ଚୀନ ସମେତ ୬୫ ଦେଶର ଭୋଟରୁ ନିଜକୁ ଦୂରେଇ ରଖିଥିଲେ ଆମେରିକା ସମେତ ଇସ୍ରାଏଲ, ▶▶ପୃଷ୍ଠା ୭

# ପ୍ରୟାଗ 'ମହାକୁମ୍ଭ'ରେ କାଲି ଶେଷ ସ୍ନାନ ଯୋଗ : ଅନ୍ତିମ ଦିନରେ ବୁଡ଼ ପକାଇବେ ୧ କୋଟି ଶ୍ରଦ୍ଧାଳୁ



ଭୁବନେଶ୍ୱର, ୨୫/୨(ନି.ପ୍ର) : ଦୀର୍ଘ ୪୫ ଦିନ ଧରି ଆସ୍ଥା, ଭକ୍ତି ଓ ଆଧ୍ୟାତ୍ମିକତାର ସ୍ନାନରେ ଫାଟି ପଡୁଛି ତ୍ରିବେଣୀ ଘାଟ । ତିନି ନଦୀଙ୍କ ପବିତ୍ର ମିଳନ ସ୍ଥଳୀରେ ବୁଡ଼ ପକାଇ ଦିବ୍ୟ ଅନୁଭବ ଲଭିଲେଣି ୬୪ କୋଟିରୁ ଅଧିକ ଶ୍ରଦ୍ଧାଳୁ । କାଲି ମହାଶିବରାତ୍ରୀରେ ଅନ୍ତିମ ସ୍ନାନ ଯୋଗ, ସରିଯିବ ମହାକୁମ୍ଭ । ଦୀର୍ଘ ୪୫ ଦିନର ପ୍ରୟାଗରାଜ ମହାକୁମ୍ଭ ମେଳାରେ ପଡ଼ିବ ଯବନିକା । ୧୪୪ ବର୍ଷର ବିରଳ ସଂଯୋଗରେ ପ୍ରାୟ ୬୪ କୋଟିରୁ ଅଧିକ ଲୋକ ତ୍ରିବେଣୀ ସଂଗମ ଘାଟରେ ବୁଡ଼ ପକାଇ ସୃଷ୍ଟି କରିଛନ୍ତି ବିରଳ ରେକର୍ଡ । ଏଥରର ମହାକୁମ୍ଭକୁ ଦିବ୍ୟ, ଭବ୍ୟ ଓ ଡିଜିଟାଲ୍ କରିବାକୁ ଯୋଗୀ ଓ ମୋଦି ସରକାରଙ୍କ ପ୍ରତିଶ୍ରୁତି ବି ହୋଇଛି ସାକାର । ମୌନୀ ଅମାବାସ୍ୟାର ଦଳାଚକଟା ଘଟଣା ହେଉ କି ୫ଟି ଛୋଟବଡ଼ ଅଗ୍ନିକାଣ୍ଡ, ମଳିନ କରିପାରିନି ମହାକୁମ୍ଭର ଛବିକୁ । ନେତାଙ୍କଠୁ ସେଲିବ୍ରିଟି, ହଜାର ହଜାର ବିଦେଶୀ ସମସ୍ତଙ୍କ ପାଖରେ ସ୍ୱଷ୍ଟ ବାରିହୋଇ ପଡ଼ିଥିଲା କୁମ୍ଭ ସ୍ନାନର କ୍ରେଜ୍ । ଆଧ୍ୟାତ୍ମିକ ଐତିହ୍ୟର ଦିବ୍ୟ ପ୍ରତୀକ । ବିଶ୍ୱାସ ଏବଂ ସୌହାର୍ଦ୍ଦ୍ୟର ଦୀର୍ଘତମ ମହୋତ୍ସବ । ଗଙ୍ଗା ଅମୃତର ଧାରା, ଯମୁନା ପୁଣ୍ୟତୋୟା, ଅଦୃଶ୍ୟ ସରସ୍ୱତୀ ପାପନାଶିନୀ । ଦୀର୍ଘ ୪୫ ଦିନ ଧରି ଆସ୍ଥା, ଭକ୍ତି ଓ ଆଧ୍ୟାତ୍ମିକତାର ସ୍ନାନରେ ଫାଟି ପଡୁଛି ତ୍ରିବେଣୀ ଘାଟ । ତିନି ନଦୀଙ୍କ ପବିତ୍ର ମିଳନ ସ୍ଥଳୀରେ ବୁଡ଼ ପକାଇ ଦିବ୍ୟ ଅନୁଭବ ଲଭିଲେଣି ୬୪ କୋଟିରୁ ଅଧିକ ଶ୍ରଦ୍ଧାଳୁ । ଆସନ୍ତାକାଲି ମହାଶିବରାତ୍ରି, ତୀର୍ଥରାଜ ପ୍ରୟାଗରେ ମହାକୁମ୍ଭର ଶେଷ ସ୍ନାନ ଯୋଗ । ଏହି ଅନ୍ତିମ ସଂଯୋଗକୁ ହାତଛଡ଼ା ନକରି ସଂଗମରେ ସ୍ନାନ କରି ପୁଣ୍ୟ ଲଭିବା ଆଶାରେ ଆହୁର ▶▶ପୃଷ୍ଠା ୬

# ଗଞ୍ଜାମ ଋଷିକୂଲ୍ୟା ମୁହାଣରେ ରେକର୍ଡ କଲେ ବିଦେଶୀ ଅତିଥି ଅଲିଭ୍ ରିଡଲେ

ଗଞ୍ଜାମ ଋଷିକୂଲ୍ୟା ମୁହାଣରେ ଏଥର ରେକର୍ଡ କରିଛନ୍ତି ବିଦେଶୀ ଅତିଥି ଅଲିଭ୍ ରିଡଲେ । ଏକ ସପ୍ତାହରେ ଆସିଛନ୍ତି ୭ ଲକ୍ଷ କଇଁଛ । ଅନୁକୂଳ ପରିବେଶ, ନରମ ମାଟି ଏବଂ ବନ ବିଭାଗର ପ୍ରସ୍ତୁତି ପାଇଁ ଲକ୍ଷ ଲକ୍ଷ ସଂଖ୍ୟାରେ କଇଁଛଙ୍କ ଓଡ଼ିଶା ଆଗମନ ସହ ଅଣ୍ଡାଦାନକୁ ବେଶ୍ ସୁହାଇଛି । ଅନ୍ୟପଟେ ଅଣ୍ଡାକୁ ସୁରକ୍ଷିତ ରଖିବାକୁ ବନ ବିଭାଗ ୨୪ ଘଣ୍ଟିଆ ପାଟ୍ରୋଲିଂ ମଧ ପକ୍ଷରୁ ଚାଲିଛି । ହଜାର ହଜାର କିଲୋମିଟର ଦୂରରୁ ଆସିଥିବା ଏହି କଇଁଛଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା ମୁହାଣ । ଏଥର ସକାଳୁ ରାତି ଯାଏ ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା । ପ୍ରଥମଥର ପାଇଁ ଦିନ ତମାମ କୂଳରେ ପହଁଚି କଇଁଛ ଅଣ୍ଡା ଦେଇଥିଲେ । ସେଥିପାଇଁ ଚଳିତ ଥର ରେକର୍ଡ କରିଛି ଅଲିଭ ରିଡଲେଙ୍କ ଅଣ୍ଡାଦାନ । ଋଷିକୂଲ୍ୟା ମୁହାଣକୁ ଗତବର୍ଷ ୬ ଲକ୍ଷ ୩୭ ହଜାର କଇଁଛ ଆସିଥିବା ବେଳେ ଏଥର ଏମାନଙ୍କ ସଂଖ୍ୟା ୬ ଲକ୍ଷ ୯୮ ହଜାର ୭୧୮ ରେ ପହଞ୍ଚିଛି । ତେବେ ପୂର୍ବ ଥର ଅପେକ୍ଷା ଏଥର ୬୦ ହଜାରରୁ ଅଧିକ କଇଁଛ ଆସିଛନ୍ତି । ବର୍ତ୍ତମାନ ଅଣ୍ଡାଦାନ ପ୍ରକ୍ରିୟା ପ୍ରାୟତଃ ବନ୍ଦ ହୋଇଗଲାଣି ତେଣୁ ଅଣ୍ଡାକୁ ସୁରକ୍ଷିତ ରଖିବାକୁ ବନ ବିଭାଗ ପକ୍ଷରୁ ଚାଲିଛି ୨୪ ଘଣ୍ଟିଆ ପାଟ୍ରୋଲିଂ । ଋଷିକୂଲ୍ୟା ମୁହାଣରେ ରେକର୍ଡ ସଂଖ୍ୟକ ଅଲିଭ ରିଡଲେଙ୍କ ଅଣ୍ଡାଦାନ ନେଇ ବନ ବିଭାଗ ଓ ପରିବେଶବିତଙ୍କ ମଧ୍ୟରେ ଖୁସିର ଲହରି ଦେଖିବାକୁ ମିଳିଛି । ତେବେ ଗହୀରମଥା ଓ ଭିତରକନିକାକୁ ଛାଡି କାହିଁକି ଋଷିକୂଲ୍ୟା ମୁହାଣ ମୁହାଁ ଅଲିଭ ରିଡଲେ ? ପୂର୍ବତନ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି, ପୂର୍ଣ୍ଣମୀର ଦୁଇ ତିନି ଦିନ ପରେ ଦକ୍ଷିଣ ପବନ ଝଟକାରେ କଇଁଛମାନେ ଋଷିକୂଲ୍ୟା ମୁହାଣ ମୁହାଁ ହୋଇଛନ୍ତି । ଅଣ୍ଡାଦାନ ପାଇଁ ଏଥର ପରିବେଶ ଅନୁକୂଳ ରହିଥିଲା । ବର୍ଷା ହୋଇନଥିବାରୁ ଋଷିକୂଲ୍ୟାର ବାଲୁକା ଶଯ୍ୟା ପୂର୍ବଅପେକ୍ଷା ନରମ ଥିଲା । କଇଁଛଙ୍କ ଅଣ୍ଡାଦାନ ପାଇଁ ମୁହାଣ ଅଧିକ ଉଚ୍ଚା କି ସମତୁଲ ନଥିଲା । ଏଥିସହ ବନ ବିଭାଗ ପକ୍ଷରୁ ଲାଇଟ୍ ପଲ୍ୟୁସନକୁ ରୋକାଯିବାରୁ ବିନା ବାଧାରେ ମୁହାଣକୁ ଆସି ଅଣ୍ଡା ଦେଇଥିଲେ ଅଲିଭ ରିଡଲେ । ସେହିପରି ୨୦ କିଲୋମିଟର ପର୍ଯ୍ୟନ୍ତ ଅଂଚଳକୁ ନୋ ଫିସିଂ ଜୋନ୍ ଘୋଷଣା କରାଯାଇଥିବାରୁ ଏଥର କଇଁଛଙ୍କ ମୃତ୍ୟୁ ସଂଖ୍ୟା ବି କମ୍ ରହିଥିଲା ।



''ଓଁ ତ୍ରୈମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟିବର୍ଦ୍ଧନମ୍, ଉର୍ବାରୁକମିବ ବନ୍ଧନାତ୍ ମୃତ୍ୟୋର୍ମୁକ୍ଷୀୟ ମାଽମୃତାତ୍'' ପ୍ରତ୍ୟେକ ଧର୍ମ ପ୍ରାଣ ହିନ୍ଦୁ ବିଶ୍ୱାସ କରନ୍ତି - ବ୍ରହ୍ମା ସୃଷ୍ଟିକର୍ତ୍ତା, ବିଷ୍ଣୁ ପାଳନ କର୍ତ୍ତା ଓ ଶିବ ସଂହାର କର୍ତ୍ତା ।

# ଜୀବନ ଚେତାନରେ ମହାଶିବରାତ୍ରିର ମହତ୍ତ୍ୱ

## ଯଶସ୍ୱିନୀ ପଟ୍ଟନାୟକ

ସମେସ୍ତ ହେଉଛନ୍ତି ଏକ ପରମାତ୍ମାଙ୍କର ବିଭିନ୍ନ ସ୍ୱରୂପ । ଭିନ୍ନ ଭିନ୍ନ ଉତ୍ସବେର ଭିନ୍ନ ଭିନ୍ନ ପୋଷାକ ପରିଧାନ କଲାପରି ଏ ସବୁ ପରିକଳ୍ପନା କରାଯାଇଛି । ବ୍ରହ୍ମା, ବିଷ୍ଣୁ ଓ ଶିବ ଯଥାଥର୍ରେ ଏକ ଓ ଅଭିନ୍ନ । ସବୁରି ମୂଳେର ବ୍ୟକ୍ତି ବଶିେଷର ବିଶ୍ୱାସ ଓ ଭକ୍ତି ନିହିତ । ରଜଗୁଣର ବଶବର୍ତ୍ତୀ ହୋଇ ଦେବତା ଯେତେବେଳ ସୃଷ୍ଟି କରନ୍ତି, ସେେତେବେଳ ତାଙ୍କୁ ବ୍ରହ୍ମା, ସତ୍ୱ ଗୁଣର ପ୍ରଭାବେର ପ୍ରଭାବିତ ହୋଇ ଯେେତେବେଳ ପୃଥିବୀକୁ ରକ୍ଷା କରନ୍ତି, ସେେତେବେଳ ତାଙ୍କୁ ବିଷ୍ଣୁ ଓ ତମ ଗୁଣେର ଆସକ୍ତ ହୋଇ ଯେେତେବେଳ ପୃଥିବୀକୁ ଧ୍ୱଂସ କରନ୍ତି, ସେେତେବେଳ ସେ ଶିବ ହୋଇଥାନ୍ତି । ଶିବଙ୍କୁ ଦେବ ଦେବ ମହାେଦବ କୁହାଯାଏ । 'ଶିବ' ଶବ୍ଦର ଅର୍ଥ ମଙ୍ଗଳମୟ । ଶିବ ହେଉଛନ୍ତି ସମସ୍ତ ଜ୍ଞାନ ଓ ପ୍ରଜ୍ଞାର ଆଧାର । ସେ ଆଦର୍ଶ ଯୋଗୀ ଓ ତେେଜସ୍ୱୀ ମୁନି । ସେ ମଧ ଆଶୁତୋଷ ନାମେର ପରିଚିତ । ଚଣ୍ଡାଳ ଠାରୁ ବ୍ରାହ୍ମଣ ପର୍ଯ୍ୟନ୍ତ ସମସ୍ତଙ୍କର ପ୍ରାଥର୍ନା ସେ ଶୁଣିଥାନ୍ତି । ତାଙ୍କ ନିକଟକୁ ସମସ୍ତଭକ୍ତର ପ୍ରେବଶାଧିକାର ରହିଛି । ଶିବ ପୁରାଣ ଅନୁଯାୟୀ ଶିବ ହେଉଛନ୍ତି -ପ୍ରକୃତି ଓ ପୁରୁଷର ଉର୍ଦ୍ଧ୍ୱରେ । ସେ ମେହଶ୍ୱର, ସେ ମଙ୍ଗଳକର୍ତ୍ତା ଏବଂ ସମସ୍ତ ପ୍ରାଣୀଙ୍କର ସବର୍କୁଶଳର କାରଣ ।

ମହାଶିବ ରାତ୍ରୀ ଅର୍ଥାତ୍ ଫାଲଗୁନ୍ କୃଷ୍ଣ ଚତୁଦ୍ଦର୍ଶୀ ହେଉଛି ଦିବ୍ୟ ଜ୍ୟୋତିର୍ଲିଙ୍ଗ ପ୍ରକଟ ହେବାର ଶୁଭ ସମୟ । ଏହି ସମୟେର ଶିବ ଭକ୍ତିରେ ତଲ୍ଲୀନ ହୋଇ ଭକ୍ତ ପରମ ସୁଖ ପ୍ରାପ୍ତି କରିପାରିବା । ମହାଶିବ ରାତ୍ରେର ଶିବ ସାଧନା ଏବଂ ରହସ୍ୟକୁ ଜାଣିବା ପେର ଅେନକ ସମସ୍ୟାରୁ ମୁକ୍ତି ମିଳିପାରିବ । ଶାସ୍ତ୍ରେର ଭଗବାନ ଶିବଙ୍କୁ ବେଦ ଅର୍ଥାତ୍ ଜ୍ଞାନ ସ୍ୱରୂପ ଭାେବ ବେିବେଚନା କରାଯାଇଥାଏ । ସେଥିପାଇଁ ଶିବ ଭକ୍ତି ମନର ଚଞ୍ଚଳତାକୁ ରୋକିବା ସହ ବ୍ୟକ୍ତିକୁ ଦୁଃଖ ଏବଂ ଦୁର୍ଗର୍ତୀରୁ ରକ୍ଷା କରିଥାଏ । ତେେବ ତନ, ମନ ଓ ବଚନ ଦ୍ୱାରା ବାସ୍ତବ ଶିବ ଭକ୍ତି, ଉପାସନା, ସାଧନା ଏବଂ ସେବାର ସଠିକ୍ ଉପାୟ ଶିବ ପୁରାଣେର ଉେଲ୍ଲଖ ରହିଛି । ଏହାକୁ ଶିବ ଧର୍ମ କୁହାଯାଇଥାଏ । ଶିବ ପୁରାଣ ଅନୁଯାୟୀ, ଭକ୍ତିର ତେିନାେଟି ସ୍ୱରୂପ ରହିଛି, ମାନସିକ ବା ମନରୁ ଭକ୍ତି, ବାଚନିକ ବା କଥନରୁ ଭକ୍ତି ଏବଂ ଶାରୀରିକ ଅର୍ଥାତ୍ ଶରୀର ଦ୍ୱାରା ଭକ୍ତି । ଶିବଙ୍କ ସ୍ୱରୂପର ଚିନ୍ତନ କରି ମନ ଦ୍ୱାରା ଜପ କରିବ ବଚନ ଦ୍ୱାରା ଏବଂ ପୂଜା କରି ଶରୀର ଦ୍ୱାରା କରାଯାଇପାରିବ ।

ମହାଶିବରାତ୍ରି ର ଆଧ୍ୟାତ୍ମିକ ମହତ୍ତ୍ୱ ଅସାଧାରଣ । ଏହି ରାତ୍ରିରେ ଉତ୍ତର ଗୋଲାର୍ଦ୍ଧର ବିରଳ ଅବସ୍ଥିତି ଯୋଗୁଁ ମଣିଷ ଶରୀରେର ପ୍ରାକୃତିକ ଭାେବ ପ୍ରବଳ ଶକ୍ତି ସଂଚାରିତ ହୁଏ । ଏହି ଦିନେର ପ୍ରକୃତି ମଣିଷକୁ ଉତ୍ସାହିତ କରି ଆଧ୍ୟାତ୍ମିକତାର ଶୀଷର୍କୁ ନିଏ । ଏହାର ଲାଭ ଉଠାଇବା ପାଇଁ କେଉଁ କାଳୁ ପାରମ୍ପରିକ ଭାେବ ମହାଶିବରାତ୍ରି ପାଳନ କରାଯାଉଛି । ସାରା ରାତି ଉଜାଗର ରହିବାର ଅର୍ଥ ଅନ୍ତର୍ନିହିତ ଆଧ୍ୟାତ୍ମିକ ଶକ୍ତିର ଜାଗରଣ । ମେରୁଦଣ୍ଡକୁ ସଳଖି ମଣିଷ ଉଜାଗର ରହିଲେ ପ୍ରାକୃତିକ ଶକ୍ତିର ସଂଚରଣ ସଂଭବ ହୁଏ । ଆଧ୍ୟାତ୍ମିକ ପଥେର ଯାତ୍ରା କରୁଥିବା ମଣିଷଙ୍କ ପାଇଁ ଏହାର ମହତ୍ତ୍ୱ ତେଣୁ ସର୍ବାଧିକ । ତେେବ ସାଧାରଣ ମଣିଷଙ୍କ ନିମେନ୍ତ ମଧ ଏହା ଗୁରୁତ୍ୱପୂର୍ଣ୍ଣ । ଘର-ସଂସାର କରିଥିବା ମଣିଷଙ୍କ ପାଇଁ ମହାଶିବରାତ୍ରି ଶିବଙ୍କ ବିବାହ ବାଷିର୍କୀ । ଆଉ ପାଥିର୍ବ ଉଚ୍ଚାଭିଳାଷୀଙ୍କ ପାଇଁ ଏହା ଶତ୍ରୁ ଉପେର ଶିବଙ୍କ ବିଜୟ । ସନ୍ନ୍ୟାସୀଙ୍କ ପାଇଁ ଏହି ଦିନେର ଶିବ କୈଳାସ ପବର୍ତ ସହ ଏକାକାର ହୋଇଥିେଲ । ସେ ପବର୍ତ ସମ ସ୍ଥିର ଓ ଅଚଳ । ଯୋଗ ପରମ୍ପରାେର ଶିବ ଭଗବାନ ନୁହନ୍ତି; ସେ ଆଦି ଗୁରୁ । ପ୍ରଥମ ଗୁରୁ, ଯାହାଙ୍କଠାରୁ ସମସ୍ତ ଜ୍ଞାନର ଉତ୍ପତ୍ତି । ହଜାର ହଜାର ବର୍ଷ ଧରି ଧ୍ୟାନସ୍ଥ ରହିବା ପେର ଦନିେ ସେ ସ୍ଥିର ହୋଇଗେଲ ଏବଂ ସେହି ଦିନଟି ଥିଲା ମହାଶିବରାତ୍ରୀ । ଯୋଗ ପରମ୍ପରାେର ଏହି ରାତିକୁ ଏେତ ଗୁରୁତ୍ୱ ଦେବାର କାରଣ, ଏହା ମାଧମେର ଆଧ୍ୟାତ୍ମିକତାର ଚରମ ସୋପାନେର ପହଞ୍ଚିବାର ସମ୍ଭାବନା । ମଣିଷ ଜୀବନ, ପଦାର୍ଥ, ସାରା ଜଗତ୍, ବିଶ୍ୱ ବ୍ରହ୍ମାଣ୍ଡ ବାବଦେର ଯାହା ଜଣେ, ତାହା କେବଳ ଏକ ଶକ୍ତି, ଯାହା ଲକ୍ଷାଧିକ ପ୍ରକାରେ ପ୍ରକଟିତ । ଏହା ଆଧୁନିକ ବିଜ୍ଞାନ ସମ୍ମତ ମଧ । ବିଜ୍ଞାନ ପାଇଁ ଯାହା ତଥ୍ୟ, ଜେଣ ଯୋଗୀ ପାଇଁ ତାହା ଅନୁଭବଶୀଳ ବାସ୍ତବତା । ଏକତ୍ୱକୁ ଅନୁଭବ କରୁଥିବା ମଣିଷ ହିଁ ଯୋଗୀ । ଯୋଗ ଭିନ୍ନ ଭିନ୍ନ ହୋଇପାେର ତେେବ ଏକତ୍ୱକୁ ଅନୁଭବ କରିବା ସମସ୍ତ ଯୋଗର ମୁଖ୍ୟ ଲକ୍ଷ୍ୟ । ମହାଶିବରାତ୍ରିରେ ଏହା ଅନୁଭବ କରିବା ପାଇଁ ସୁଯୋଗ ମିେଳ ।

ସେଥିପାଇଁ ମହାଶିବରାତ୍ରୀକୁ ନିଶ୍ଚଳତାର ଦିନ କୁହାଯାଇଥାଏ । ମହାଶିବରାତ୍ରୀ ଏକ ତପସ୍ୱୀ ଏବଂ ଜିଜ୍ଞାସୁ ସମ୍ମୁଖେର ଅେନକ ସମ୍ଭାବନା ସୃଷ୍ଟି କରିଥାଏ । ଏହି ଦିବସେର ମନୁଷ୍ୟ ଧ୍ୟାନ ଏବଂ ଶିବ ଆରାଧନାେର ସମୟ ବ୍ୟତୀତ କେଲ ପରମ ଆନନ୍ଦ ଲାଭ କରିପାରିବ । ଯାହା ମନୁଷ୍ୟକୁ ଜୀବନ ଜିଇଁବାର ପ୍ରେରଣା ଯୋଗାଇବ ।

ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ



## ଉମା ପତି ସୋମେଶ୍ୱର....

### ରାମଚନ୍ଦ୍ର ବେହେରା

ଆଜି ଫଗୁଣର କୃଷ୍ଣ ଚତୁର୍ଦ୍ଦଶୀ
ମହା ଶିବରାତ୍ରି ବ୍ରତ
ଉଜାଗର ରହି ପ୍ରଦୀପ ଜାଳିବେ
ପ୍ରଭୁ ମହେଶଂକ ଭକ୍ତ
ହସିବ ଉତ୍କଳ ଭୂଇଁ
ଶ୍ରଦ୍ଧାଳୁ ପୂଜିବେ ଶଶିଶେଖରଂକୁ
ଓଁ ନମଃ ଶିବାୟ ଗାଇ ।

ମହା ମୃତ୍ୟୁଂଜୟ ମନ୍ତ୍ରକୁ ଗାଇବେ
ଏକ ଶତ ଆଠ ବାର
ପୂଣ୍ୟ ମହାଦୀପ ଦର୍ଶନ କରିବେ
ସର୍ବେ ହୋଇ ଏକାକାର
ଶ୍ରଦ୍ଧାଭାବ ରଖି ମନେ
ଦୁଦୁରା ଗଇସ କ୍ଷୀର ବେଲପତ୍ର
ଚଢାଇବେ ସୁଧିଜନେ ।

ଅଖଣ୍ଡ ପ୍ରଦୀପ ଜଳାଇବେ ସର୍ବେ
ପ୍ରଭୁଂକୁ ହୃଦେ ସୁମରି
କୋପେ ବର ଅବା ତପେ ବର ପ୍ରଭୁ
ଢାଳିବେ କରୁଣା ବାରି
ନରହିବ ହିଂସା ଦ୍ୱେଷ
ଶଂଖ ହୁଳହୁଳି ଘଣ୍ଟ ଘଣ୍ଟି ସ୍ୱନେ
ପରାଣ ହୋଇବ ତୋଷ ।

ଶିବଂକ ଆଶିଷେ ଋଷି ମାର୍କେଣ୍ଡେୟ
ପାଇଥିଲେ ପୁନର୍ଜନ୍ମ
ଶିବ ନାମ ଜପି ଅମରତ୍ୱ ଲଭି
ଜଗତେ ହୋଇଲେ ଧନ୍ୟ
ହେ ପ୍ରଭୁ ଜଗତ ସାଇଁ
କୂଟ ଭ୍ରଷ୍ଟ ନୀତି ଦୂରେଇବ ନାଥ
ମଧୁମୟ ହେବ ମହୀ ।

ନୀଳକଣ୍ଠେଶ୍ୱର ପ୍ରଭୁ ବିରୁପାକ୍ଷ
ଏତିକି ବିନତୀ ମୋର
ସତ୍ୟ ନ୍ୟାୟ ଧର୍ମ ଆଦରନ୍ତୁ ଜନେ
ଅଧର୍ମର ହେଉ ହାର
ଉମା ପତି ସୋମେଶ୍ୱର
ଧର୍ମ ସଂସାରକୁ ହିଂସା ମୁକ୍ତ କରି
ଜଗତ ଉଦ୍ଧାର କର ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ହିନ୍ଦୁ ପରଂପରାରେ ମହାଶିବରାତ୍ରି

## ଡକ୍ଟର ଲକ୍ଷ୍ମଣ ସାହୁ

ଫାଲଗୁନ୍ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ମହାଶିବରାତ୍ରି ପାଳନ କରାଯାଏ । ଏହି ଦିନ ଭଗବାନ ଶିବ ଓ ମାତା ପାର୍ବତୀଙ୍କ ବିବାହ ପର୍ବ ଭାବରେ ପାଳନ କରାଯାଏ । ଭଗବାନ ଶିବଙ୍କ ପୂଜାର ବେଲପତ୍ର ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ । ବେଲପତ୍ର ବିନା ଭୋଳେ ନାଥ ଶିବଙ୍କ ପୂଜା ଅସମ୍ପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଧାର୍ମିକ ବିଶ୍ୱାସ ଅନୁଯାୟୀ ଭଗବାନ ଶିବଙ୍କୁ ବେଲପତ୍ର ଉତ୍ସର୍ଗ କରି ଖୁସି ହୁଅନ୍ତି ଓ ଏହା ଶିବଙ୍କ ମସ୍ତକରେ ରହିଥାଏ ।

ବିଶ୍ୱାସ କରାଯାଏ ଯେ ମହାଶିବରାତ୍ରୀ ଦିନ ଭଗବାନ ଭୋଲେନାଥ ପୃଥିବୀରେ ଉପସ୍ଥିତ ଥିବା ସମସ୍ତ ଶିବଲିଙ୍ଗରେ ରୁହନ୍ତି । ସେଥିପାଇଁ ମହାଶିବରାତ୍ରୀ ଦିନ ଶିବଙ୍କ ପୂଜା ଅନେକ ଗୁଣ ଅଧିକ ଫଳାଫଳ ଦେଇଥାଏ । ଭଗବାନ ଶିବ ଓ ମାତା ପାର୍ବତୀଙ୍କ ବିବାହର ଏହି ଶୁଭ ଦିନ ଶିବ-ପାର୍ବତୀଙ୍କ ଆଶୀର୍ବାଦ ପାଇବା ପାଇଁ ସର୍ବୋତ୍ତମ ଦିନ ବୋଲି ବିବେଚନା କରାଯାଏ । ପଣ୍ଡିତ ମାନଙ୍କ କହିବାନୁସାରେ, ପ୍ରତ୍ୟେକ ଚତୁର୍ଦ୍ଦଶୀ ତିଥି ଉପରେ ଶିବରାତ୍ରି ପାଳନ କରାଯାଏ । କିନ୍ତୁ ଫାଲଗୁନ୍ ମାସର କୃଷ୍ଣ ଚତୁର୍ଦ୍ଦଶୀ ତିଥିର ବିଶେଷ ମହତ୍ତ୍ୱ ରହିଛି । ଶିବପୁରାଣ ଅନୁଯାୟୀ ଭଗବାନ ଶିବ ପ୍ରଥମେ ମହାଶିବରାତ୍ରି ଦିନ ଶିବଲିଙ୍ଗ ଆକାରରେ ଦେଖାଦେଇଥିଲେ । ବିଶ୍ୱାସ କରାଯାଏ ଯେ ଭଗବାନ ଶିବଙ୍କ ଜ୍ୟୋତିର୍ଲିଙ୍ଗ ସେହି ଦିନ ପ୍ରକାଶ ପାଇଥିଲା । ତେଣୁ ମହାଶିବରାତ୍ରି ପ୍ରତିବର୍ଷ ଫାଲଗୁନ୍ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ଦିନରେ ପାଳନ କରାଯାଏ ।

ଏହା ବ୍ୟତୀତ ଫାଲଗୁନ୍ ଚତୁର୍ଦ୍ଦଶୀ ତାରିଖରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କ ବିବାହ ଯୋଗୁଁ ମହାଶିବରାତ୍ରି ପାଳନ କରାଯାଏ । ବିଶ୍ୱାସ ଅଛି ଯେ ମହାଶିବରାତ୍ରିରେ ଉପବାସ ରଖି ଭଗବାନ ଶିବ ଓ ମାତା ପାର୍ବତୀଙ୍କୁ ପୂଜା କରିବା ଦ୍ୱାରା ଦାମ୍ପତ୍ୟ ଜୀବନର ସବୁ ସମସ୍ୟା ଦୂର ହୋଇଥାଏ । ଶିବଙ୍କ ଉପାସନାରେ ବ୍ୟକ୍ତିର ଦାମ୍ପତ୍ୟ ଜୀବନ ସଫଳ ହୁଏ ।

ପୌରାଣିକ ମତ ଅଛି ଶିବଙ୍କୁ ପ୍ରସନ୍ନ ରଖିପାରିଲେ ମଣିଷ ସର୍ବ ଶକ୍ତିମାନ, ସର୍ବ ସୁଖ, ଐଶ୍ୱର୍ଯ୍ୟ , ଶକ୍ତିଶାଳୀ ଓ ଶେଷରେ ଶିବଙ୍କୁ ପ୍ରାପ୍ତି ହୋଇଥାଏ । ତେଣୁ ଶିବଙ୍କୁ ପ୍ରସନ୍ନ କରିବା ନିମନ୍ତେ ଦଶଗୋଟି ବ୍ରତ ଅଛି ବୋଲି ମୁନି ସନତ କୁମାର ମତ ଦେଇଛନ୍ତି । ସେ ମଧ୍ୟରୁ ଶିବରାତ୍ରି ବ୍ରତ ସର୍ବଶ୍ରେଷ୍ଠ ଓ ସର୍ବକାମପ୍ରଦ ଅଟେ ବୋଲି ସାଧାରଣରେ ବିଶ୍ୱାସ ରହିଛି । ଜାବାଳି ଶ୍ରୁତି ଅନୁସାରେ ଦଶ ଶୈବ ବ୍ରତ ମଧ୍ୟରେ ଏହି ଶିବରାତ୍ରି ବ୍ରତ ଅତ୍ୟନ୍ତ ସିଦ୍ଧିଦାୟକ । ଅନ୍ୟ କେତେକ ଶ୍ରୁତି ଅନୁସାରେ ପୁଣ୍ୟ ମାଘ ମାସର 'ମାଘସ୍ନାନ' ବ୍ରତ ମଧ୍ୟରେ କୃଷ୍ଣ ଚତୁର୍ଦ୍ଦଶୀ ତିଥିକୁ ଏକ ଶିବରାତ୍ରି ବ୍ରତ ପାଳନ କରାଯାଏ ବୋଲି ବର୍ଣ୍ଣନା ଥିଲେ ମଧ ଫାଲଗୁନ ମାସ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ପାଳନ କରାଯାଉଥିବା ଶିବରାତ୍ରି ବ୍ରତକୁ ସର୍ବଶ୍ରେଷ୍ଠ ଭାବେ ଗ୍ରହଣ କରାଯାଇଥାଏ । ଭାରତର ବିଭିନ୍ନ ସ୍ଥାନରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କ୍ଷେତ୍ରରେ ଏହି ଶିବରାତ୍ରି ପର୍ବ ବେଶ ଭକ୍ତି ଓ ଉଲ୍ଲାସର ସହ ପାଳନ କରାଯାଏ ।



ପୌରାଣିକ ଭିତ୍ତିଭୂମିକୁ ଦେଖିଲେ ଦେବଦେବ ମହାଦେବଙ୍କଦ୍ୱାରା ଏହି ଦିନ ସଂସାର ପ୍ରକଟ ହୋଇଥିଲା ବୋଲି ଲୋକେ ବିଶ୍ୱାସ ଅଛି । ପୁରାଣର ଅନ୍ୟଏକ ଆଖ୍ୟାନ ଅନୁସାରେ, ଦେବ ଓ ଅସୁରମାନଙ୍କଦ୍ୱାରା ସମୁଦ୍ର ମନ୍ଥନ ସମୟରେ ସେଥିରୁ ବାହାରିଥିବା ସମସ୍ତ ବିଷକୁ ଶିବ ପାନକରି ଧରାକୁ ଏକ ଆସନ୍ନ ବିପଦରୁ ଉଦ୍ଧାର କରିଥିଲେ । ଏହି ବିଷକୁ ପାନ କରିବା ପରେ ବିଷର ଜ୍ୱାଳାରେ ସେ ମୂର୍ଚ୍ଛା ହୋଇଯାଇଥିଲେ । ତାଙ୍କର ସଂଜ୍ଞା ନ ଫେରିବା ପର୍ଯ୍ୟନ୍ତ ଦେବଗଣ ଓ ଶୈବବୃନ୍ଦ ଅଖଣ୍ଡ ପ୍ରଦୀପ ଜାଳି ଉଜାଗରରେ ବସିଥିଲେ । ସେହିଦିନକୁ ମନେପକାଇ ଶ୍ରଦ୍ଧାଳୁମାନେ ମହାଶିବରାତ୍ରି ପାଳନ କରିଥାନ୍ତି । ଏହାକୁ ଅନେକ ଜାଗର ପର୍ବ ବୋଲି କହିଥାନ୍ତି । ସାରା ରାତି ଉଜାଗର ରହି ଦୀପ ଜାଳି ଭଗବାନ ଶିବଙ୍କୁ ପ୍ରସନ୍ନ ହେବାକୁ ପ୍ରାର୍ଥନା କରନ୍ତି । ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଶିବ ଲିଙ୍ଗ ଭାବରେ ଆବିର୍ଭୂତ ହୋଇଥିବାରୁ ପ୍ରତିବର୍ଷ ଏହି ଦିନକୁ ମହାଶିବରାତ୍ରି ଭାବରେ ପାଳନ କରାଯାଏ ।

ଶିବରାତ୍ରର ମହିମା ସମ୍ପର୍କରେ ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ଅଛି ଯେ ପିତାମହ ଭୀଷ୍ମ ଶରଶଯ୍ୟାରେ ଥାଇ ଧର୍ମୋପଦେଶ ଦେଲାବେଳେ ମହାଶିବରାତ୍ରି ପାଳନ ସମ୍ପର୍କରେ ଇକ୍ଷାକୁ ବଂଶର ରାଜା ଚିତ୍ରଭାନୁଙ୍କ କାହାଣୀ ଉଦ୍ଧାର କରିଥିଲେ । ଏକଦା ଜମ୍ବୁଦ୍ୱୀପର ରାଜା ଚିତ୍ରଭାନୁଙ୍କ ସ୍ତ୍ରୀ ଥରେ ଶିବରାତ୍ରି ଉପବାସ ପାଳନ କରିଥିଲେ । ସେ ସମୟରେ ଋଷି ଅଷ୍ଟବକ୍ର ରାଜଦରବାରକୁ ଆସି ରାଜାଙ୍କୁ ଏହି ଦିବସ ପାଳନର କାରଣ ପୁଛାକରିଥିଲେ । ରାଜା ଜାତିସ୍ମର ଥିବାରୁ ନିଜ ପୂର୍ବଜନ୍ମର କାହାଣୀ ବର୍ଣ୍ଣନା କରି କହିଥିଲେ- ' ପୂର୍ବଜନ୍ମରେ ସୁସ୍ୱର ନାମରେ ସେ ଜଣେ ଶିକାରୀ ଥିଲେ । ଦିନେ ବଣରେ ବୁଲୁବୁଲୁ ସନ୍ଧ୍ୟା ହେଲା । ନିଜ କୁଟୀରକୁ ଫେରି ନ ପାରି ରାତିରେ ହିଂସ୍ରଜନ୍ତୁଙ୍କ କବଳରୁ ରକ୍ଷାପାଇବା ପାଇଁ ସେ ନିକଟରେ ଥିବା ବେଲଗଛ ଉପରକୁ ଚଢ଼ିଗଲେ । ରାତିସାରା ବେଲପତ୍ର ଛିଣ୍ଡାଇ ତଳକୁ ପକାଇବା ସହ ନିଜ ପରିବାର କଥା ଭାବି ଲୁହ ଝରାଇବାକୁ ଲାଗିଲେ । ତାଙ୍କ ଅଜାଣତରେ ସେହି ଲୁହ ଓ ପତ୍ର ବିଲ୍ୱ ବୃକ୍ଷର ପାଦଦେଶରେ ଥିବା ଶିବଲିଙ୍ଗ ଉପରେ ପଡୁଥାଏ । ସକାଳ ହେବାରୁ ସେ ଶିକାର ଧରି ଘରକୁ ଫେରିଲେ । ପ୍ରଥମେ ଜଣେ ଭିକ୍ଷୁକୁ କିଛି ଖାଦ୍ୟ ଦାନକରି ନିଜେ ଖାଦ୍ୟଗ୍ରହଣ କଲେ । କିଛି ବର୍ଷ ପରେ ତାଙ୍କ ମୃତ୍ୟୁ ହେବାରୁ ସେ ଶୈବଲୋକ ପ୍ରାପ୍ତ ହେଲେ । ଅଜ୍ଞାତରେ ସେ ଶିବରାତ୍ରି ଦିନ ଉପବାସ ରହି ଶିବଲିଙ୍ଗ ଉପରେ ବେଲପତ୍ର ଓ ଲୋତକ ସମର୍ପଣ କରିଥିବାରୁ ସେ ଶିବଙ୍କ ପାଖରେ ରହିବାର ସୁଯୋଗ ଲାଭ କରି ପରଜନ୍ମରେ ଚିତ୍ରଭାନୁ ରୂପରେ ରାଜଗାଦି ଭୋଗ କଲେ । ଶାନ୍ତି ପର୍ବରେ ଥିବା ଏଭଳି ଆଖ୍ୟାନ ଜନ ବିଶ୍ୱାସକୁ କେବଳ ବଳିଷ୍ଠ କରିନାହିଁ ବେଲପତ୍ରର ମାହାତ୍ମ୍ୟ ସଂପର୍କରେ ସୂଚେଇ ଦେଇଛି ।

ଯାହା ଫଳରେ ସମଗ୍ର ଓଡ଼ିଶାର ବିଭିନ୍ନ ଶୈବପୀଠ, ବିଶେଷ କରି ଆରଡ଼ି, କପିଳାସ, ଗୁପ୍ତେଶ୍ୱର, ବେଦବ୍ୟାସ, ଭୁବନେଶ୍ୱର, ମହେନ୍ଦ୍ରଗିରି, ହରିଶଙ୍କର, ହୁମାରେ ଏହି ଦିନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଶିବରାତ୍ରି ପାଳନ କରିଥାନ୍ତି । ଶିବଙ୍କ ପୂଜା ଉପାସନା ନିମନ୍ତେ ସୋମବାର, ପ୍ରତ୍ୟେକ ପକ୍ଷର ଚତୁର୍ଦ୍ଦଶୀ ତିଥି ଓ ଶିବରାତ୍ରି ସର୍ବୋତ୍କୃଷ୍ଟ । ଅନ୍ୟ ଦେବତାଙ୍କ ପୂଜା ଦିନରେ ହେଉଥିବାବେଳେ ଏହି ପର୍ବରେ ଭଗବାନ ଶିବଙ୍କର ପୂଜା ରାତିରେ ହେଇଥାଏ । ବ୍ରତାଚାରୀମାନେ ସେହି ଦିନରେ ନିର୍ଜଳା ଉପବାସ ରହନ୍ତି । ସନ୍ଧ୍ୟାରେ ଶିବ ମନ୍ଦିର ଯାଇ ଅଖଣ୍ଡ ଦୀପ ଜାଳି ଉଜାଗର ରହନ୍ତି । ସେହି ରାତ୍ରିର ଚାରିପ୍ରହରରେ ଦୀପ ଜାଳିବା ସହିତ ଶିବଙ୍କର ପୂଜା ସହିତ ନାମ ଜପ କରାଯିବାର ବିଧି ରହିଛି । ଗୁରୁଦତ୍ତ ନାମ ଜପର ବିଧି ରହିଛି । ଯେଉଁମାନେ ଗୁରୁ କରିନଥିବେ ସେମାନେ ଶିବଙ୍କର ଅଷ୍ଟନାମ ଯଥା- ଭବ, ଶର୍ବ, ରୁଦ୍ର, ପଶୁପତି, ଉଗ୍ର, ମହାନ ଭୀମ, ଈଶାନ ମଧ୍ୟରୁ ଯେକୌଣସି ନାମ କିମ୍ବା ' ଓଁ ନମଃ ଶିବାୟ' ପଞ୍ଚାକ୍ଷର ମନ୍ତ୍ର ଜପ କରି ଶିବଙ୍କ କୃପା ଲାଭ କରିଥାନ୍ତି ।

ଶିବରାତ୍ରିକୁ ଚାରୋଟି ପ୍ରହରରେ ସମ୍ପନ୍ନ କରାଯାଏ । ପ୍ରତ୍ୟେକ ପ୍ରହରର ସମୟ ତିନି ଘଟିକା । ପ୍ରଥମ ପ୍ରହର ବା ସନ୍ଧ୍ୟା ସମୟରେ ଶିବଲିଙ୍ଗକୁ ଦୁଗ୍ଧରେ ଅଭିଷେକ କରାଯାଏ । ଦ୍ୱିତୀୟ ପ୍ରହର ବା ସନ୍ଧ୍ୟାର ପରବର୍ତ୍ତୀ ସମୟରେ ଲିଙ୍ଗକୁ ଦହିରେ ଅଭିଷେକ କରାଯାଏ । ତୃତୀୟ ପ୍ରହର ବା ଘୋର ରାତ୍ର ସମୟରେ ଶିବଲିଙ୍ଗକୁ ମହୁରେ ଅଭିଷେକ କରାଯାଏ । ରାତ୍ରର ଶେଷ ପ୍ରହର ସମୟରେ ଶିବ ମନ୍ଦିରର ଶୀର୍ଷରେ (ଚୂଡ଼ାଦେଶକୁ) ମହାଦୀପ ଉଠାଯାଏ । ସାରା ସଂସାରରୁ ଅଜ୍ଞାନରୂପକ ଅନ୍ଧକାରକୁ ଦୂରକରି ନବୀନ ଆଲୋକ ପ୍ରଦାନ କରିବା ହେଉଛି ମହାଦୀପ ଉଠାଣର ଉଦ୍ଦେଶ୍ୟ । ରାତ୍ରର ପ୍ରତ୍ୟେକ ପ୍ରହରରେ ଶିବଲିଙ୍ଗକୁ ପୁଷ୍ପ, ପତ୍ର ଓ ଫଳ ଆଦି ପ୍ରଦାନ କରାଯାଇ ଉପାସନା କରାଯାଏ । ସେହି ଦିନ ଭଗବାନ ଶିବଙ୍କ ଉପରେ କେତକୀଫୁଲ ଚଢ଼ାଯିବାର ବିଧି ରହିଛି । ହିନ୍ଦୁ ନରନାରୀ ଶୁଦ୍ଧପୂତ ଭାବରେ ଉପବାସ ପୂର୍ବକ ଅଖଣ୍ଡ ଦୀପ ଜାଳି ରାତ୍ରି ଉଜାଗର ରହି ବ୍ରତ ପାଳୁଥିବାରୁ ଏହାକୁ ଜାଗର ଓଷା ବା ଜାଗର ବ୍ରତ ମଧ କୁହାଯାଇଥାଏ । ଆତ୍ମ କଲ୍ୟାଣର ପଥକୁ ଶୁଦ୍ଧ ପବିତ୍ର କରିବାପାଇଁ ଅଖଣ୍ଡ ସଜାଗତା ଓ ଜ୍ଞାନର ଆଲୋକ ଆବଶ୍ୟକତା ଥିବା ଏହି ପର୍ବ ଶିକ୍ଷା ଦିଏ । ମଧ ରାତିରେ ମନ୍ଦିରର ଶିଖରକୁ ବିଶାଳ ମହାଦୀପ ଉଠେ । ଭକ୍ତମାନେ ହରିବୋଲ ହୁଳହୁଳି ଦେଇ ମହାଦୀପ ଦର୍ଶନ କରି ଭାବ ବିହ୍ୱଳ ହୁଅନ୍ତି । ପରଦିନ ସ୍ନାନାଦି ସମାପନ କରି ଭକ୍ତମାନେ ସେମାନଙ୍କ ଉପବାସ ଭଙ୍ଗ କରନ୍ତି ଓ ଦେବଦେବ ମହାଦେବଙ୍କ ପରମ କୃପା ଲାଭ କରିଥାନ୍ତି ।

+ଅଧକ୍ଷ, ମହାନଦୀ ବିହାର ମହିଳା , ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ: ୯୦୪୦୧୫ ୧୪୭୫



## ଜାଳିବା ଜାଗର ରହି ଉଜାଗର

### ନିରଞ୍ଜନ ସାହୁ

ମହାଶିବରାତ୍ରି ଆସିଅଛି ଆଜି
ଜାଗର ଯାତରା ନାମେ
' ହର ହର ମହାଦେବ ' ଧ୍ୱନି ଶୁଭେ
ହରଙ୍କ ପବିତ୍ର ଧାମେ ।

ଉପବାସ କରି ବ୍ରତ ପାଳନରେ
ନିୟୋଜିତ ଶିବ ଭକ୍ତ
ମହାଦୀପ ନିଶ୍ଚେ ଦର୍ଶନ କରିବ
ଦୃଢ଼ ଭାବେ ମନ ଶକ୍ତ
ସଂସାର ଜଞ୍ଜାଳ ସବୁ ଭୁଲି ଆଜି
ବ୍ୟସ୍ତ ଶିବାଳୟ କାମେ ।

ଶିବ ପଞ୍ଚାକ୍ଷର ଶିବ ଷଢାକ୍ଷର
ଶିବ ତାଣ୍ଡବକୁ ପଢ଼ି
ଶିବଙ୍କ ସହସ୍ର ନାମ ଉଚ୍ଚାରଣେ
ଶୁଭେ ଭକ୍ତଙ୍କର ରଡ଼ି
ରୁଦ୍ରଅଭିଷେକ ସାଥେ ହୋମଯଜ୍ଞ
କରୁଥାନ୍ତି ମନସ୍କାମେ ।

ଦୀପ ପ୍ରଜ୍ଜ୍ୱଳନ କରନ୍ତି ଭକ୍ତିରେ
ରାତି ଉଜାଗର ରହି
କେତକୀ ଫୁଲର ସାଥେ ବେଲପତ୍ର
ଚଢ଼ାନ୍ତି ଦୁଃଖକୁ କହି
ଗଙ୍ଗାଜଳ, କ୍ଷୀର, କଦଳୀ, ନଡ଼ିଆ
ଭୋଗ ଥୋଇଥାନ୍ତି ବାମେ ।

ମହାଶିବରାତ୍ରି ମହାଦେବଙ୍କର
ଜନ୍ମତିଥି ବୋଲି ଜଣା
ଶିବାଳୟ ଲାଗେ ଶିବପୁର ପରି
ଭକ୍ତ ଶୈବ ନାମେ ଗଣା
ଶ୍ରଦ୍ଧାଭକ୍ତି ନେଇ ସମର୍ପିତ ହୋଇ
ଶିବଙ୍କୁ ପୂଜିବା ଆମେ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

## ଉଜାଗର

### ଗଜାନନ ମିଶ୍ର

କୁମୁଡା ପାହାଡ
ହୋଇଛି ସଜେଇ ।
ଜଳୁଛି ବଗବଗାନୁ
ରଙ୍ଗ ରଙ୍ଗିଆ ବଲ୍
ଗୋଡରୁ ମୁଣ୍ଡ ।
କୁମୁଡା ପାହାଡ
ଉଜାଗର, ନୀଳ ନୀଳ
ଆକାଶ ଆଡକୁ ଦୃଷ୍ଟି
ଅବିଚଳିତ, ଅବିରତ ।

କୁମୁଡା ପାହାଡ
ନିଜେ ଇ ଈଶ୍ୱର
ନିଜେ ଇ ଐଶ୍ୱର୍ଯ୍ୟ
କାଲୁ କାଳ ଚନ୍ଦ୍ର ସୂର୍ଯ୍ୟ ।
ଏଠି ସେଠି ରକମ ରକମର
ନାନାବାୟା, ମୀନା ବଜାର,
ନାଟ ସଂକୀର୍ତ୍ତନ ଆଉ ଆଉ
ପାଣିପୁରି, ପାଓଭାଜି, ମୁଢି,
ପୁଣି ପୁଣି କଂସାବାସନ,
ସୁନା ରୂପା ସିନ୍ଦୂର ଲିପଷ୍ଟିକ୍
ଓଗେର ଘରକରଣା ନିତ୍ୟ ।

ମୌତ୍ କା କୁଆଁ,
ଘିରି ଘିରି ଚକ୍ରି, ଭିଡ ଯାତ୍ରା
ବାବାଜି ବୈଷ୍ଣବ ସାଧୁ ସନ୍ନ୍ୟାସୀ
ଏକତ୍ର ଠୁଳ ଆସି ।
ଅଲେଖ ମହିମା, ନିଆଁ, ନିଆଁ ।
ମନ୍ତ୍ର ଯନ୍ତ୍ର ତନ୍ତ୍ରର କାରସାଦି
ସବୁ ତପସ୍ୟା ଏଇଠି ଇ ।
ମତଲବ ଖୋଜା,
ଆଇନ ଶୃଙ୍ଖଳା, ପିଲାକବିଲା,
ପେଟ ପୋଷା, ଡୋଣ୍ଡ କେୟାର
କିଏ କଣ କଲା, ଭାବିଲା ।

ବରାବର ସଂପର୍କରେ
ଦେ ବନ୍ଧ, ପାଣି କୋଇଲି ବୁଡା ।
କୁମୁଡା ପାହାଡ,
ସତେଜ, ସଚେତ, ସକାରାତ୍ମକ ।
ବୁଲିପାର ବାହାରେ
ଭିତରକୁ ପ୍ରବେଶ ନିଷେଧ ।
ଦୃଢ କୁମୁଡା ପାହାଡ,
ନା ବୁଡେ ପାଣିରେ,
ନା ଉଡେ ପବନରେ,
ନା ପୋଡେ କୌଣସି ନିଆଁରେ !

ବ୍ୟତିବ୍ୟସ୍ତ ହେବାର ନାହିଁ,
ଅସଂଶ୍ଲିଷ୍ଟ, ନିରପେକ୍ଷ,
ଦୃଷ୍ଟି ତୀକ୍ଷ୍ଣ, ସମୟର
ମାଇଲଖୁଣ୍ଟ, ସମୟାତୀତର
ବଳିଷ୍ଠ ପ୍ରମାଣ, କୁମୁଡା ପାହାଡ ।
ମାଇଲ୍ ମାଇଲ୍ ଦୂରରୁ
ପାଖରୁ, ତଳୁ ଉପରୁ
ପ୍ରଣାମ ପ୍ରଣାମ, ଲାଗେ ନା
କୌଣସି ବାଧା ଜନମର
ମରଣର, ଜୀବନର,
ରହି ଜାଣିଲେ ଉଜାଗର ।

ତପୋବନ, ଟିଟିଲାଗଡ-୭୬୭୦୩୩

# ମନୋଜ ଦାସଙ୍କ ‘ଲକ୍ଷ୍ମୀର ଅଭିସାର’ ଓ ଓସ୍କାର ୱାଇଲ୍ଡଙ୍କ ‘ସେଲ୍‌ଫିସ୍ ଜେଣ୍ଟ’: ଏକ ତୁଳନାତ୍ମକ ଦୃଷ୍ଟିପାତ

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦାରିଦ୍ର୍ୟ ଦୂରୀକରଣ ପ୍ରସଙ୍ଗ...

ସମବାୟ ହେଉଛି ଅର୍ଥନୈତିକ ବିକାଶ ପ୍ରକ୍ରିୟାର ବିରାମହୀନ ସୁଦୀର୍ଘ ପଥର ଦୁଃସାହସିକ ରୋମାଞ୍ଚକର ଯାତ୍ରା ଓ ଅୟମାରମ୍ଭ। ଭାରତର ପରାଧୀନ ବେଳାର ତିମିରାଚ୍ଛନ୍ନ ସାମାଜିକ ଓ ଆର୍ଥିକ ଘନଘଟାର ସରହଦୀ ମଧ୍ୟରେ ଅକଳନୀୟ ଜିଗିଷା, ପ୍ରତିଶ୍ରୁତିବଦ୍ଧତା ଓ ପ୍ରତ୍ୟାଶାକୁ ନେଇ ଏହି ଯାତ୍ରା ଥିଲା ଏକ ଶୁଭ ସଂକେତର ସାହାନାଇ। ଯାହାର ଦୁନ୍ଦୁଭି ସ୍ୱରରେ ଜାଗ୍ରତ ହୋଇ ଉଠିଥିଲା ଖଟିଖିଆ ଶ୍ରମିକ ଶ୍ରେଣୀର ଏକ ସମଷ୍ଟିଗତ ପ୍ରଚେଷ୍ଟାର ଉତ୍ତୁଙ୍ଗ ନିର୍ମାଣ। ଯାହାଥିଲା ତତ୍‌କାଳୀନ ସମାଜର ଅର୍ଥନୈତିକ ପୃଷ୍ଠଭୂମି ଉପରେ ଜୀବନଧାରଣ ପାଇଁ ସ୍ୱାବଲମ୍ବନଶୀଳତାର ନିଚ୍ଛକ ପ୍ରତିଧ୍ୱନୀ। ଆଉ ଏହା ହିଁ ଥିଲା ମାନବବାଦର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ନିଷ୍ପେସିତ ନିରୀହ ଜନତାମାନଙ୍କର ବଞ୍ଚିରହିବା ନିମନ୍ତେ ମୂଲ୍ୟବୋଧଭିତ୍ତିକ ଏକ ସମ୍ଭାବନାର ସ୍ୱର। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବାଖ୍ୟାକାର ‘ଜାକେବ୍ ଜର୍ଜ ହିଲିଓକ’ଙ୍କ ଭାଷାରେ ସମବାୟ ହେଉଛି ଏକ ସ୍ୱେଚ୍ଛାକୃତ ସମ୍ମେଳନ, ଯହିଁରେ ସମସ୍ତଙ୍କ ସହଭାଗୀ, ଯୋଗଦାନ ଓ କର୍ତ୍ତୃତ୍ୱ ମଧ୍ୟରେ ଏକ ଐକ୍ୟବଦ୍ଧ ଉଦ୍ୟୋଗଟି ପରିପୂର୍ଣ୍ଣ ପଥରେ ଅଗ୍ରସର ହୋଇଥାଏ।’ ଭାରତର ବହୁପ୍ରାଚୀନ କାଳରୁ ସମବାୟର ପ୍ରବାହମାନ ଧାରା ସଂଘବଦ୍ଧ ଜୀବନ ଯାପନରେ ପ୍ରବାହ ସହିତ କେବଳ ସମନ୍ୱିତ ହୋଇନଥିଲା, ବରଂ ସାମାଜିକ ଜୀବନ ବିନ୍ୟାସ ଓ ସମ୍ମିଳିତ ଉଦ୍ୟୋଗ ମଧ୍ୟରେ ଏହା ଅବିଚ୍ଛେଦ୍ୟ ଭାବେ ନିମଜ୍ଜିତ ରହିଆସିଥିଲା। ପ୍ରାଚୀନ ବୈଦିକ ଯୁଗର ଏକତ୍ର ଜୀବନଧାରଣର ମନ୍ତ୍ରତା ମଧ୍ୟରେ ସମବାୟର ପରିପ୍ରକାଶ ଘଟି ତାହାର ଏକ ସ୍ୱତନ୍ତ୍ର ପରିଚୟକୁ ସୃଷ୍ଟି କରିଥିଲା ଚେତନାର ଏକ ମାର୍ମିକ ପରିପ୍ରକାଶ ମଧ୍ୟରେ। ଓଡ଼ିଆ ପୁଅ ମଧୁବାବୁଙ୍କ ଇଂଲଣ୍ଡ ଭ୍ରମଣ ପଥରେ ୧୮୯୭ ମସିହାରେ କୃଷିଭିତ୍ତିକ ସମବାୟ ବ୍ୟାଙ୍କ ସ୍ଥାପନର ବାସ୍ତବ ପରିକଳ୍ପନା ଅବଶେଷରେ ୧୮୯୮ ମସିହାରେ ରୂପ ନେଇଥିଲା ‘କଟକ କୋ-ଅପରେଟିଭ୍ ଷ୍ଟୋର’ ଭାବରେ ଏବଂ ମଧୁବାବୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ୧୯୦୩ ମସିହାରେ ବାଙ୍କୀ ତଥା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସମବାୟ କୃଷି ସମିତିମାନ ସ୍ଥାପିତ ହୋଇଥିଲା। ଏହାର ଅଳ୍ପ କେଇଟା ଦିନ ପରେ ସମଗ୍ର ଭାରତବର୍ଷକୁ ସମବାୟ ଆନ୍ଦୋଳନର ଉତ୍ତୋଳନ ପାଇଁ ତା ୨୫.୦୩.୧୯୦୪ ମସିହାରେ ଋଣ ସମବାୟ ସମିତି ଆଇନ୍‌ର ପ୍ରଥମ ଭିତ୍ତିଭୂମି ସୃଷ୍ଟି ହୋଇଥିଲା। ଆଇନଗତ ଭାବରେ ୧୨୦ ବର୍ଷ ଅତିକ୍ରମ କରିସାରିଛି ଏହି ସମବାୟ ଆନ୍ଦୋଳନ। ୧୨୦ ବର୍ଷର ଇତିହାସ ଯେକୌଣସି ଜାତିପାଇଁ ଅନେକ କିଛି ସ୍ମରଣୀୟତାର ଚିହ୍ନକୁ ବହନ କରିଥାଏ। ବିଂଶଶତାବ୍ଦୀର ଅୟମାରମ୍ଭରେ ଯେଉଁ ଆନ୍ଦୋଳନ ଜମିଦାର ଓ ସାହୁକାରମାନଙ୍କ ଶୋଷଣରୁ ଭାରତର ଗରିବ ଅବହେଳିତମାନଙ୍କୁ ସହାୟତା ଯୋଗାଇ ପାରିଥିଲା, ସେଦିନର ସେହି ଜନ୍ମିତ ଶିଶୁଟି ଆଜି ଅନେକ କିଛି ସ୍ମୃତିର ବର୍ଣ୍ଣଳ ଶୋଭାକୁ ନେଇ ସମଗ୍ର ବିଶ୍ୱରେ ସୃଷ୍ଟି କରିଛି ଏକ ନିରବ ଆକର୍ଷଣ। ଉନବିଂଶ ଶତାବ୍ଦୀର ଶିଳ୍ପ ବିପ୍ଳବ ପରେ ପରେ ଆର୍ଥିକ ଅନଟନରେ ସାଉଁଟି ହେଉଥିବା ମଣିଷଟି ବଞ୍ଚିବା ପାଇଁ ଯେଉଁ ରାହା ଖୋଜୁଥିଲା ସେଥିରୁ ଜନ୍ମ ନେଇଥିଲା ‘ରକଡେଲ’ର ସମବାୟ। ସମବାୟ ଆନ୍ଦୋଳନ ବହୁ ବିଫଳ ପ୍ରୟାସକୁ ପରାହିତ କରି ତା’ର ବିକଶିତ ନିନାଦିତ ଧାରାରେ କେବେବି ପୂର୍ଣ୍ଣଚ୍ଛେଦ ଟାଣିନି। ଆତ୍ମ ନିଯୁକ୍ତିର ମାଧ୍ୟମ ରୂପରେ ଏବଂ ବ୍ୟକ୍ତିର ଆର୍ଥିକ ସ୍ୱାଧୀନତାକୁ ଏକ ସଫଳ ପଥରେ ରୂପାୟନ କରିବାରେ ସମବାୟ ଆନ୍ଦୋଳନ ଅନେକ କ୍ଷେତ୍ରରେ ତା’ର ସଫଳତାର ଚିହ୍ନକୁ ବହନ କରିସାରିଛି। ପୃଥିବୀର ସର୍ବବୃହତ୍ ଅର୍ଥନୈତିକ ଆନ୍ଦୋଳନ ଭାରତର ସମବାୟ ଆନ୍ଦୋଳନ। ଭାରତର ମୋଟ ସମବାୟ ସମିତି ସଂଖ୍ୟା ତା୨୪.୧୧.୨୦୦୩ ମସିହା ସୁଦ୍ଧା ୭ ଲକ୍ଷ ୯୪ ହଜାର ୮୬୬, ଯାହାର ସଭ୍ୟ ସଂଖ୍ୟା ୨୯ କୋଟି ୭ ଲକ୍ଷ ୬୦ ହଜାର ୫୩୭। ୪୦୦୫୪୨.୫ କୋଟି ଟଙ୍କା କାର୍ଯ୍ୟକାରୀ ମୂଳଧନକୁ ନେଇ ଭାରତର ସମବାୟ ଆନ୍ଦୋଳନ ଆଜି ଦଣ୍ଡାୟମାନ। ସମଗ୍ର ଭାରତ ବର୍ଷରେ ସମବାୟ ଋଣ ଅନୁଷ୍ଠାନମାନେ ମୋଟ ଋଣର ପ୍ରାୟ ୫୬.୨୫% କୃଷିଋଣ ଓ ୪୬ ପ୍ରତିଶତରୁ ଊର୍ଦ୍ଧ୍ୱ ରାସାୟନିକ ସାର ବିତରଣ କରୁଛନ୍ତି। ଚିନି ଉତ୍ପାଦନ କ୍ଷେତ୍ରରେ ସମବାୟର ଅବଦାନ ୫୪% ଓ ହସ୍ତତନ୍ତରେ ୭% ଅଟେ। ସମବାୟ ଦେଶର ଶତପ୍ରତିଶତ ଗ୍ରାମ ଏବଂ ୭୫% ପରିବାର ସହିତ ପରିବ୍ୟାପ୍ତ। ଭାରତର ଅର୍ଥନୈତିକ ଜୀବନ କ୍ଷେତ୍ରରେ ସମବାୟର ଏକ ପ୍ରମୁଖ ଭୂମିକା ରହିଛି। ଦେଶର ଗ୍ରାମାଞ୍ଚଳରେ ଗରିବ ଜନସାଧାରଣଙ୍କ ସାମାଜିକ, ଆର୍ଥିକ ବିକାଶ କ୍ଷେତ୍ରରେ ସମବାୟର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅର୍ଥନୀତିର ପରିବର୍ତ୍ତିତ ପରିସ୍ଥିତିରେ ଗ୍ରାମାଞ୍ଚଳର ଅଣକୃଷିକ୍ଷେତ୍ର ଓ କ୍ଷୁଦ୍ର ବ୍ୟବସାୟ କ୍ଷେତ୍ରରେ ପ୍ରଗତି ଆଣିବା ଓ ତିଷ୍ଠି ରହିବା ପାଇଁ ସମବାୟ ବ୍ୟାଙ୍କର ସାହାଯ୍ୟ ଅବିସ୍ମରଣୀୟ।



### ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ମନୋଜ ଦାସ ହେଉଛନ୍ତି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ଲାଭ କରିଥିବା ଓଡ଼ିଶାର ଜଣେ ଅନନ୍ୟ ଶିଳ୍ପସ୍ରଷ୍ଟା। ଛାତ୍ର ଜୀବନରେ ମାର୍କ୍ସବାଦ ପ୍ରତି ବିପୁଳ ଆକର୍ଷଣ ଅନୁଭବ କରିଥିବା ଏହି ମହାନ ସ୍ରଷ୍ଟା ପରବର୍ତ୍ତୀ କାଳରେ ଶ୍ରୀ ଅରବିନ୍ଦ ଦର୍ଶନ ଉଦ୍ଦେଶ୍ୟରେ ନିଜ ହୃଦୟକୁ ଉନ୍ମୁକ୍ତ କରିଦେଇଥିବା କମ୍ ତାତ୍ପର୍ଯ୍ୟପୂର୍ଣ୍ଣ କଥା ନୁହେଁ। ଯେତେବେଳେ ସେ ଗଳ୍ପ ରଚନା ଆରମ୍ଭ କରିଥିଲେ ସେତେବେଳେ ମଣିଷର ଦୁଃଖ, ଦୁର୍ଦ୍ଦଶା ଓ ଅସହାୟତାକୁ ଯେପରି ବଳିଷ୍ଠ ଭାବରେ ଫୁଟାଇ ଉଠାଇଥିଲେ ସେହିପରି ମଣିଷର ମାନସିକତାରେ ଯେଉଁ କର୍କଶତା ଓ ବର୍ବରତା ଭରି ରହିଛି ତାହାକୁ ମଧ୍ୟ ଜଣେ ସ୍ୱଭାବବାଦୀ ବାସ୍ତବବାଦୀ ସ୍ରଷ୍ଟା ଭଳି ବଳିଷ୍ଠ ଭାବରେ ଉପସ୍ଥାପନ କରିଥିଲେ। ସେଥିପାଇଁ ତାଙ୍କର ‘ଆରଣ୍ୟକ’ ଭଳି ଗଳ୍ପ ଯେଉଁ ପ୍ରସିଦ୍ଧି ଲାଭ କରିଥିଲା ତାହା ଏପର୍ଯ୍ୟନ୍ତ ସୁଦ୍ଧା ମଳିନ ହୋଇଯାଇ ନାହିଁ। କିନ୍ତୁ ‘ଆରଣ୍ୟକ’ ଭଳି ଗଳ୍ପକୁ ସେଇ ସମାଲୋଚକମାନେ ତାଙ୍କର ଶ୍ରେଷ୍ଠ ଗଳ୍ପର ମାନ୍ୟତା ଦେଇପାରନ୍ତି, ଯେଉଁମାନେ ପରବର୍ତ୍ତୀ କାଳରେ ମନୋଜ ମାନସରେ ଘଟିଥିବା ବିବର୍ତ୍ତନ ସମ୍ପର୍କରେ ସଚେତନ ନୁହଁନ୍ତି। ଏହି ସଚେତନତା ଅଭାବରୁ ଏକାଧିକବାର ତାଙ୍କ ‘ଆରଣ୍ୟକ’ ଗଳ୍ପଟି ମହାବିଦ୍ୟାଳୟର ବା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପଢ଼ିବା ସକାଶେ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଛି। ମନୋଜ ନିଜେ ଅତ୍ୟନ୍ତ ଉଦାର ଭାବରେ ଏକଥା ସ୍ୱୀକାର କରିଛନ୍ତି ଯେ ନୈରାଶ୍ୟବାଦରେ ଆଚ୍ଛନ୍ନ ହୋଇଥିବା ତାଙ୍କ ପ୍ରାଣ ପରବର୍ତ୍ତୀ କାଳରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଚେତନା ସଂସ୍ପର୍ଶରେ ଆସି ଆଶାବାଦର ସଙ୍ଗୀତରେ କିପରି ପରିପୂର୍ଣ୍ଣ ହୋଇ ଉଠିଛି। ଏ ଦୃଷ୍ଟିରୁ ଆମେ ଯଦି ତାଙ୍କୁ ବିଚାର କରିବା ସେ କେବଳ ଓଡ଼ିଆ ଗଳ୍ପଜଗତରେ ନୁହଁନ୍ତି ବିଶ୍ୱକଥା ସାହିତ୍ୟ କ୍ଷେତ୍ରରେ ମହନୀୟ ପ୍ରେରଣାର କିରଣ ବିଚ୍ଛୁରଣ କରୁଥିବା ଜଣେ ଶ୍ରେଷ୍ଠତମ କଥାଶିଳ୍ପୀ।

ଯେଉଁମାନେ ଇଂରାଜୀ ସାହିତ୍ୟର ଧୀଶକ୍ତି ସମ୍ପନ୍ନ ପାଠକ ସେମାନେ ମହାନ୍ କାଳଜୟୀ ସ୍ରଷ୍ଟା ଓସ୍କାର ୱାଇଲ୍‌ଡଙ୍କ ଗଳ୍ପସୃଷ୍ଟି ସହ ନିଜ ଆତ୍ମାକୁ ସଂଯୁକ୍ତ କରିଦେଇଥାନ୍ତି। ସେମାନେ ଜାଣନ୍ତି ଯେ ଓସ୍କାର ୱାଇଲ୍ଡ ହେଉଛନ୍ତି ସେହି ଉଚ୍ଚତମ ସ୍ତରର ଗାଳ୍ପିକ ଯିଏ ତୁଚ୍ଛ ମନୋରଞ୍ଜନ ପାଇଁ ଗଳ୍ପ ରଚନା ନକରି ମାନବସତ୍ତାକୁ ଉତ୍ତରିତ କରିଦେବାପାଇଁ ଲେଖନୀ ଚାଳନା କରିଛନ୍ତି। ଓସ୍କାର ୱାଇଲ୍‌ଡଙ୍କ ସମ୍ପର୍କରେ ମନୋଜ ଦାସ ନିଜେ ଅତ୍ୟନ୍ତ ସଚେତନ, ମାତ୍ର ତାଙ୍କ ପ୍ରଭାବରେ ପ୍ରଭାବିତ ହୋଇ ସେ ଗଳ୍ପ ରଚନା କରିଛନ୍ତି ବୋଲି ଯଦି ଉଲ୍ଲେଖ କରାଯିବ, ଯାହା ନିଶ୍ଚିତ ଭାବରେ ଯଥାର୍ଥ ମନେହେବ ନାହିଁ। ଓସ୍କାର ୱାଇଲ୍ଡଙ୍କ ଅନ୍ତରାତ୍ମା ସଂଯୁକ୍ତ ହୋଇଥିଲା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ କ୍ଷମାଶୀଳ ଚେତନାରେ ଉଦ୍‌ଭାସିତ ଅନ୍ତରସହ। ମନୋଜ ଦାସଙ୍କ ଅନ୍ତରାତ୍ମା ଶ୍ରୀମାଙ୍କ ଆଶୀର୍ବାଦର ସ୍ପର୍ଶଲାଭ କରି ଦିବ୍ୟଆଲୋକରେ ଆପ୍ଲୁତ ହୋଇଯାଇଥିଲା। ତେଣୁ ଉଭୟ ସ୍ରଷ୍ଟାଙ୍କ ପ୍ରେରଣାର ଉତ୍ସ ହେଉଛନ୍ତି, ସେହି ମହାନ୍ ସତ୍ତା ଯାହାକୁ ଆମେ ଅଭିହିତ କରିପାରିବା ବିଗଳିତ କରୁଣାର ସ୍ୱଚ୍ଛନିର୍ଝର ବୋଲି। ସେଥିପାଇଁ ପୃଥବୀ ପ୍ରସିଦ୍ଧ ଗାଳ୍ପିକ ଓସ୍କାର ୱାଇଲ୍ଡ ଆୟାରଲ୍ୟାଣ୍ଡର ଡବ୍ଲିନ ସହରରେ ଉନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ସାହିତ୍ୟ ସାଧନାରେ ନିମଗ୍ନ ହୋଇଥିଲେ ମଧ୍ୟ ତାଙ୍କୁ ଆଧାର କରି ମନୋଜଙ୍କ ଗଳ୍ପର ମହତ୍ତ୍ୱ ସାମ୍ପ୍ରତିକ କାଳରେ ପ୍ରତିପାଦିତ କରିବା ଆଦୌ ଅସମୀଚୀନ ନୁହେଁ। ସମୟ, ଭୂଖଣ୍ଡ ଓ ଭାଷା ଭିନ୍ନଭିନ୍ନ ହୋଇଥିଲେ ମଧ୍ୟ ଚେତନାସ୍ତରରେ ଉଭୟଙ୍କ ମଧ୍ୟରେ ଯେଉଁ ସାମ୍ୟ ପରିଦୃଷ୍ଟ ହୁଏ ତାହା ଏକାନ୍ତ ଅନୁଧ୍ୟାନଯୋଗ୍ୟ।

ଓସ୍କାର ୱାଇଲ୍‌ଡ ଅନେକ ଗଳ୍ପ ରଚନା କରିଛନ୍ତି। ତା’ ମଧ୍ୟରୁ ତାଙ୍କର ‘ସେଲ୍‌ଫିସ୍ ଜେଣ୍ଟ’ ନାମକ ଗଳ୍ପଟି ପାଠକମାନଙ୍କ ଦ୍ୱାରା ବହୁଳ ଭାବରେ ଆଦୃତି ଲାଭ କରିଛି। ସେହିପରି ମନୋଜ କେତେଯେ ଗଳ୍ପର ଜନ୍ମଦାତା ତାହା ଓଡ଼ିଆ ପାଠକ ମାତ୍ରକେ ଭଲଭାବରେ ଜାଣନ୍ତି। ମାତ୍ର ତାଙ୍କର ‘ଲକ୍ଷ୍ମୀର ଅଭିସାର’ ଗଳ୍ପଟି ସମଗ୍ର ଓଡ଼ିଶାରେ ଓ ଓଡ଼ିଶା ବାହାରେ ଯେଉଁ ଲୋକପ୍ରିୟତା ଅର୍ଜନ କରିଛି ତାହା କେବଳ ଲେଖକଙ୍କ ଓଡ଼ିଶା ଭୂଖଣ୍ଡର ବା ଓଡ଼ିଆ ଭାଷାର ନୁହେଁ, ତାହା ହେଉଛି ମଣିଷର ଅନ୍ଧକାରାବୃତ୍ତ ଆତ୍ମାକୁ ଆଲୋକିତ କରିଦେବାର ଗୌରବରେ ଗୌରବାନ୍ୱିତ।

ଲକ୍ଷ୍ମୀର ଅଭିସାର ଗଳ୍ପରେ ହୋଇଛି କ’ଣ? ଲକ୍ଷ୍ମୀ ଛୋଟ ବାଳିକାଟିଏ। ସେ ସ୍ୱପ୍ନ ଦେଖେ ଠାକୁରଙ୍କୁ। ଭାବବିନିମୟ କରେ ଭଗବାନଙ୍କ ସହ। ଦିନ ଦ୍ୱିପ୍ରହରରେ ପରିବେଶ ନିଛାଟିଆ ଥିବାବେଳେ ସେ ଅପୂର୍ବ ଭାବାବେଗ ହୃଦୟରେ ଧାରଣକରି ଧାଇଁଯାଏ ମନ୍ଦିରକୁ। ଘୁଙ୍ଗୁଡ଼ି ମାରୁଥିବା ପୂଜାରୀ ପଣ୍ଡିତକୁ ଅତିକ୍ରମ କରି ସେ ସିଧା ପହଞ୍ଚିଯାଏ ଠାକୁରଙ୍କ ପ୍ରାଣବନ୍ତ ପ୍ରତିମୂର୍ତ୍ତି ପାଖରେ। ସେହି ନିର୍ଜନ ବେଳରେ ନିଜର ମନକଥା ଗୋଟିଗୋଟି କରି ବର୍ଣ୍ଣନା କରେ ସେ ଆଉ ଶେଷରେ ଦୁଇଟି କଦଳୀ ଠାକୁରଙ୍କ ପାଖରୁ ଆଣି ମନ୍ଦିରରୁ ପ୍ରସ୍ଥାନ କରୁଥିବା ବେଳେ ପୂଜାରୀ ପଣ୍ଡିତଙ୍କ କ୍ରୋଧ ଜର୍ଜରିତ ଦୃଷ୍ଟିରେ ଆବଦ୍ଧ ହୋଇପଡ଼େ। ଦୌଡ଼ି ଦୌଡ଼ି ସେ ପଶିଯାଏ ପୋଖରୀ ଭିତରକୁ। ପଣ୍ଡିତେ ତା’ର କଦଳୀ ଚୋରୀର କଥା ପ୍ରଚାର କରି ତା’ ଉଦ୍ଦେଶ୍ୟରେ ଉଚ୍ଚାରଣ କରନ୍ତି କର୍କଶ ବାକ୍ୟାବଳୀ। ଲକ୍ଷ୍ମୀର ବାପା ଆସି ପୋଖରୀ ଭିତରୁ ଉଦ୍ଧାର କରନ୍ତି ଲକ୍ଷ୍ମୀଙ୍କୁ। ତା’ପରେ ଜ୍ୱରକ୍ରାନ୍ତ ହୋଇ ଲକ୍ଷ୍ମୀ ଚାଲିଯାଏ ଆରପାରିକୁ। ମନ୍ଦିରର ଦେବତା କେଡ଼େ ପ୍ରତ୍ୟକ୍ଷ ଦେବତା ତା’ର ପ୍ରମାଣ ପାଇ ଜନତା ଦିଏ ହରିବୋଲ ଧ୍ୱନି ଆଉ ଠିକ୍ ସେତିକିବେଳେ ପଣ୍ଡିତଙ୍କ ହୃଦୟ ଭିତରେ ଅହଂକାରର ଯେଉଁ ଦୁର୍ଗ ନିର୍ମିତ ହୋଇଥିଲା ତାହା ଖଣ୍ଡ ଖଣ୍ଡ ହୋଇ ଚୂର୍ଣ ବିଚୂର୍ଣ୍ଣ ହୋଇଯାଏ। ଫିଟିଯାଏ ତାଙ୍କର ଅନ୍ତଃଚକ୍ଷୁ। ଦେଖନ୍ତି ସିଏ ଦେବତାଙ୍କ ବିଭୂତି ସିଂହାସନ ଛାଡ଼ି ଚାଲିଯାଇଛି। କେବଳ ପଡ଼ି ରହିଛି ତାଙ୍କର ଦୀପ୍ତିହୀନ ଅର୍ଥହୀନ ରୂପ। ସେତିକିରେ ଗଳ୍ପଟି ସରିନାହିଁ। ନିଜେ ପଣ୍ଡିତେ ଜ୍ୱରାକ୍ରାନ୍ତ ହୋଇଛନ୍ତି। ଲକ୍ଷ୍ମୀର ମୃତ୍ୟୁରେ ରକ୍ତାକ୍ତ ହୋଇଥିବା ତାଙ୍କ ହୃଦୟ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛି “ପ୍ରଭୁ ପରଜନ୍ମରେ ଏ ପାପିଷ୍ଠ ଜେଣ୍ଟେ ଜିହ୍ୱାହୀନ ହୋଇ ଭୂମିଷ୍ଠ ହେଉ।” ଗଳ୍ପର ଏହି ବିସ୍ମୟକର ପରିସମାପ୍ତି ପାଠକ ଆତ୍ମାକୁ ତୀବ୍ର ଭାବରେ ଆଲୋଡ଼ିତ କରିଦିଏ। ଯେଉଁ ପୂଜାରୀ ପଣ୍ଡିତ ଏତେ ନିଷ୍ଠୁର କର୍କଶ ଓ ନିର୍ଦ୍ଦୟ ଥିଲା ପଶ୍ଚାତାପର ଅଶ୍ରୁରେ ତାଙ୍କ ଆତ୍ମା କିପରି ପରିଚ୍ଛନ୍ନ ହୋଇଯାଇଛି ତାହା ପାଠକ ହୃଦୟରେ ବିସ୍ମୟ ସୃଷ୍ଟିକରେ। ସେହିପରି ପାଠକ ଭିତରେ ଥିବା ଅହଂକାରର ପ୍ରାଚୀର ମଧ୍ୟ କ୍ଷଣକରେ ଭୂତଳଶାୟୀ ହୁଏ।

ଯେଉଁମାନେ ଉଚ୍ଚକୋଟୀର ସାହିତ୍ୟ ସ୍ରଷ୍ଟା, ସେମାନେ ମଣିଷ ଭିତରେ ଥିବା କୁତ୍ସିତ ଓ କଦାକାର ରୂପକୁ ଚିତ୍ରଣ କରି ପରିତୋଷ ଲାଭ କରିପାରନ୍ତି ନାହିଁ। ଅପରପକ୍ଷରେ ସେମାନେ ମାନବାତ୍ମାର ସ୍ନିଗ୍ଧ ଆଲୋକ ରେଖାକୁ ଅଙ୍କନ କରି ପାଇଥାନ୍ତି ଚରମ ପରିତୃପ୍ତି। ଆମ ଓଡ଼ିଆ ଓ ଭାରତୀୟ ସାହିତ୍ୟରେ ମନୋଜ ଦାସ ଯେପରି ସେହି ସ୍ତରର ଅମୃତ ଉପଲବ୍ଧିରୁ ନିଜ ହୃଦୟର ପରିପୂର୍ଣ୍ଣତାର ସଙ୍କେତ ପ୍ରଦାନ କରିଛନ୍ତି, ସେହିପରି ବିଶ୍ୱ ସାହିତ୍ୟ ଜଗତରେ ଇଂରାଜୀ ଲେଖକ ଓସ୍କାର ୱାଇଲ୍ଡ ମହତ୍ତର ଚେତନାକୁ ଉନ୍ମୋଚିତ କରିଦେଇଛନ୍ତି ପ୍ରଭାବଶାଳୀ ଭାବରେ। ଏ ପ୍ରସଙ୍ଗରେ ଓସ୍କାର ୱାଇଲ୍‌ଡଙ୍କ ‘ସେଲ୍‌ଫିସ୍ ଜେଣ୍ଟ’ ଗଳ୍ପଟି ଏକାନ୍ତ ସ୍ମରଣଯୋଗ୍ୟ। ଉକ୍ତ ଗଳ୍ପରେ ଓସ୍କାର ୱାଇଲ୍ଡ ଏଭଳି ଏକ ଚରିତ୍ରର ଉପସ୍ଥାପନ କରିଛନ୍ତି ଯିଏ ପୂଜାରୀ ପଣ୍ଡିତ ଚରିତ୍ରର ଅନୁରୂପ। ଗଳ୍ପର ଚରିତ୍ର ଏହି ସ୍ୱାର୍ଥପର ମଣିଷଟି ଦାନବ ପରି ଥିଲା ରୁକ୍ଷ ଓ କର୍କଶ। ତା’ର ଥିଲା ଏକ ସୌନ୍ଦର୍ଯ୍ୟମୟ ବଗିଚା। ସେହି ବିଗିଚାକୁ ଶିଶୁମାନେ ଖେଳିବାକୁ ଆସନ୍ତା ଓ ବୃକ୍ଷଲତା, ଫୁଲଫଳ, ସବୁଜ ଘାସ, ପ୍ରଜାପତି ଓ ପକ୍ଷୀମାନଙ୍କ କାକଳି ଭିତରେ ନିଜକୁ ହଜାଇ ଦେଇ ଅନୁଭବ କରନ୍ତି ଅତୁଳନୀୟ ଆନନ୍ଦ। କିନ୍ତୁ ଏହି ସ୍ୱାର୍ଥପର ମନୁଷ୍ୟଟି ଯିଏ ବଗିଚାର ମାଲିକ ସେ ଅତ୍ୟନ୍ତ ନିଷ୍ଠୁର ଭାବରେ ଶିଶୁମାନଙ୍କ ପ୍ରବେଶକୁ ନିଷିଦ୍ଧ କରିଦେଲା। ଏହାପରେ ଯେଉଁ ଘଟଣା ଘଟିଛି ତାହା ମନୁଷ୍ୟର ଚେତନାକୁ ଦୋହଲାଇ ଦିଏ। ଘଟିଛି କ’ଣ? ଶିଶୁମାନଙ୍କୁ ନିଷେଧାଜ୍ଞା ଦେବା ଫଳରେ ସେମାନେ ଆଉ ବଗିଚା ଭିତରେ ପ୍ରବେଶ କରିପାରିନାହାଁନ୍ତି। ଏହା ଫଳରେ ବଗିଚାର ପତ୍ରସବୁ ଶୁଖିଯାଇ ଝରିପଡ଼ନ୍ତି। ଗଛରେ ଆଉ ସୁଦୃଶ୍ୟ ତଥା ସୁବାସିତ ଫୁଲ ଫୁଟେନା। ବସନ୍ତ ଋତୁ ଆଉ ଅବତରଣ କରେ ନାହିଁ ସେ ଉଦ୍ୟାନକୁ। ଦିନେ ଏହି ସେଲ୍‌ଫିସ୍ ଜେଣ୍ଟ ଆକସ୍ମିକ ଭାବରେ ଶୁଣିଛି ମଧୁର ସଙ୍ଗୀତର ଧ୍ୱନି ଓ ଆଘ୍ରାଣ କରିଛି ଫୁଲମାନଙ୍କ ପାଖୁଡ଼ାରୁ ପବନର ଢେଉରେ ଭାସି ଆସୁଥିବା ଅପର୍ବ ସୌରଭକୁ। ଘରୁ ବାହାରି ଯାଇ ସେ ଦେଖୁଛି ଅମାନିଆ ପିଲାମାନେ କାନ୍ଥ ଡେଇଁ ବଗିରରେ ଖେଳୁଛନ୍ତି। ପିଲାମାନଙ୍କ ସ୍ପର୍ଶ ପାଇବାପରେ ଉଦ୍ୟାନର ମାଟିରେ ଭରିଯାଇଛି ଉର୍ବରତା। ଗଛ ମାନଙ୍କରେ ଫୁଲଫଳର ସୌନ୍ଦର୍ଯ୍ୟ ଆତ୍ମହରା କରିଛି ତାକୁ। ଏହି ଗୋଟିଏ ବିସ୍ମୟକର ଘଟଣା ତା’ ଭିତରେ ଥିବା ନିଷ୍ଠୁରତାର ସୁଦୃଢ଼ ଦୁର୍ଗକୁ କ୍ଷଣକରେ ଖଣ୍ଡବିଖଣ୍ଡିତ କରିଦେଇଛି। ସ୍ନେହ ମମତାରେ ତା’ର ହୃଦୟ ଆପ୍ଲୁତ ହୋଇ ଆସିଛି ଅଦ୍ଭୁତ ଭାବରେ। ସେହି ପିଲାମାନଙ୍କ ସହିତ ଖେଳରେ ଅଂଶଗ୍ରହଣ କରି ସେ ପାଇଛି ତା’ପରେ ଅପାର ଆହ୍ଲାଦ। କ୍ରମେକ୍ରମେ ସେ ବୟସ୍କ ହୋଇ ବୃଦ୍ଧତ୍ୱ ପ୍ରାପ୍ତ ହୋଇଛି। ପିଲାଙ୍କ ସହିତ ଆଉ ଖେଳିପାରେନା ସେ; ଏକ ଚୌକିରେ ବସିରହି ସେମାନଙ୍କ ନିଷ୍ପାପ ମୁଖମଣ୍ଡଳ, ଆଲୋକିତ ନୟନ ଓ ଅକପଟ ଖେଳର ଦୃଶ୍ୟକୁ ହୃଦୟଭରି ଦେଖେ। ଏହିଭଳି ଅବସ୍ଥାରେ ସେ ଅନୁଭବ କରିଛି ଯେ ଫୁଲମାନେ ତ ସୁନ୍ଦର, କିନ୍ତୁ ଏହି ପିଲାମାନେ ସବୁଠାରୁ ହେଉଛନ୍ତି ଆହୁରି ସୌନ୍ଦର୍ଯ୍ୟମୟ ଏକଏକ ସୁଗନ୍ଧିତ ପୁଷ୍ପ। ବଞ୍ଚିବାର ସ୍ୱର୍ଗୀୟ ସୁଖ ଲାଭ କରିଛି ଏହି ସ୍ୱାର୍ଥପର ଲୋକଟି। ସେ ତା’ ପରେ ପରିବର୍ତ୍ତିତ ହୋଇଯାଇଛି ଏକ ନିସ୍ୱାର୍ଥପର ଅନୁରାଗପୂର୍ଣ୍ଣ ସୁନ୍ଦର ମଣିଷରେ। ସେହି ବଗିଚା ଭିତରେ ଏପରି ଏକ ଦିବ୍ୟ ବାଳକର ସେ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଛି ଯିଏ ଅନ୍ୟ କେହି ନୁହଁନ୍ତି ସେ ହେଉଛନ୍ତି ଯିଶୁଖ୍ରୀଷ୍ଟଙ୍କ ପ୍ରତୀକ। ଏହି ଦିବ୍ୟ ବାଳକଟିର ଅମୃତ-ସ୍ପର୍ଶରେ ତାର ଜୀବନ ହୋଇଛି ସାର୍ଥକ ଓ ସେ ସ୍ୱର୍ଗାଭିମୁଖୀ ହୋଇପାରିଛି ତାଆରି କରୁଣା ଲାଭ କରି।

ମନୋଜ ଦାସ ‘ଲକ୍ଷ୍ମୀର ଅଭିସାର’ ଗଳ୍ପ ରଚନା କଲାବେଳେ ଏହି ଲକ୍ଷ୍ମୀ ଚରିତ୍ର ମଧ୍ୟରେ କାହାର ଆତ୍ମପ୍ରକାଶ ଘଟିଛି? ଏହି ଲକ୍ଷ୍ମୀ ମଧ୍ୟ ଆଉ କେହି ନୁହଁନ୍ତି। ସେ ହେଉଛନ୍ତି ଦିବ୍ୟ ଜନନୀ ‘ଶ୍ରୀମା’। ମଣିଷର ନିଷ୍ଠୁରତାକୁ କୋମଳତାରେ ରୂପାନ୍ତରିତ କରିଦେବା ପାଇଁ ସେ ବରଣ କରିଛନ୍ତି ମରଣକୁ ମନୋଜଙ୍କ ଲେଖନୀ ମାଧ୍ୟମରେ। ଏ ସମ୍ପର୍କରେ ମନୋଜ ଦାସ ସଚେତନ ହୋଇଥାନ୍ତୁ ବା ନହୋଇଥାନ୍ତୁ ସେଥିରେ କିଛି ଯାଏ ଆସେନା। ଦିବ୍ୟ ଜନନୀ ବା ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଭଳି ଦିବ୍ୟାତ୍ମା ମାନେ କାହା ଲେଖନୀ ମୂନକୁ ଅବଲମ୍ବନ କରି କିପରି ଭାବରେ ରୂପାୟିତ ହେବେ ତାହା ତାଙ୍କରି ଉପରେ ନିର୍ଭର କରୁଛି। ଏ କ୍ଷେତ୍ରରେ ଓସ୍କାର ୱାଇଲ୍ଡ ବା ମନୋଜ ଦାସ ହେଉଛନ୍ତି ଏକ ଏକ ସୁଯୋଗ୍ୟ ଆଧାର, ଯାହାଙ୍କ ମାଧ୍ୟମରେ ଦିବ୍ୟଚେତନତାର ଅଭିବ୍ୟକ୍ତି ଘଟିପାରେ ଅତ୍ୟନ୍ତ ହୃଦୟସ୍ପର୍ଶୀ ଭାବେ।

ଆମେ ଜାଣୁନା ଯେ ମନୋଜ ଓସ୍କାର ୱାଇଲ୍‌ଡଙ୍କ ଏ ଗଳ୍ପରୁ ପ୍ରେରଣା ଲାଭ କରି ‘ଲକ୍ଷ୍ମୀର ଅଭିସାର’ ରଚନା କରିଛନ୍ତି ବୋଲି। ଓସ୍କାର ୱାଇଲ୍‌ଡ ମଧ୍ୟ ଆଉ କେଉଁ କାହାଣୀର ପ୍ରେରଣାରେ ‘ସେଲ୍‌ଫିସ୍ ଜେଣ୍ଟ’ ଲେଖିଛନ୍ତି ତାହା ଜାଣିବା ଆମ କ୍ଷମତା ବାହାରେ। ଉଭୟଶିଳ୍ପୀ ସେହି ଦିବ୍ୟ ଉତ୍ସ ସହିତ ସଂଯୁକ୍ତ ଯେଉଁଠୁ ଝରିଆସେ ପରମେଶ୍ୱରଙ୍କ ଅପାର କରୁଣାର ସ୍ୱଚ୍ଛ କିରଣ। ଉଭୟ ଗଳ୍ପ ଭିତରେ ତୁଳନା ଏଇଥିପାଇଁ ଉପସ୍ଥାପନ କରାଯାଇଛି ଯେ ଏ ପୃଥିବୀକୁ ଦିବ୍ୟ ରୂପରେ ପରିଣତ କରିବାପାଇଁ ଓ ମଣିଷର ଚେତନାକୁ ସ୍ନିଗ୍ଧ ସ୍ୱର୍ଗୀୟ ଆଲୋକ ଅଭିମୁଖୀ କରିବା ପାଇଁ ଏକ ମହାନ୍ ଶକ୍ତି ନିଶବ୍ଦରେ ନିରବ ଭାବରେ ସମସ୍ତଙ୍କ ଅଗୋଚରରେ ନିଜ କାମ ନିରବଚ୍ଛିନ୍ନ ଭାବରେ କରିଚାଲିଛି। ଶିଶୁମାନେ ହେଉଛନ୍ତି ସୌକୁମାର୍ଯ୍ୟ, ସୌରଭ ଓ ସୌଷମ୍ୟର ଏକ ଏକ ସୁନ୍ଦରତମ ଅଭିବ୍ୟକ୍ତି। ସେମାନଙ୍କୁ ମାଧ୍ୟମକରି ଦିବ୍ୟଚେତନା ନିଷ୍ଠୁର ମଣିଷକୁ ଏଭଳି ଭାବରେ କରୁଣା ବିଗଳିତ କରେ ଯାହା ଏକାନ୍ତ ଅଚିନ୍ତନୀୟ। ବିଶ୍ୱ ସାହିତ୍ୟରେ ଏହିଭଳି କାହାଣୀ ଗୁଡ଼ିକ ହିଁ ମନୁଷ୍ୟ ଆତ୍ମାରେ ପ୍ରସ୍ଫୁଟିତ କରିଦିଏ ଶ୍ୱେତପଦ୍ମର ସୌନ୍ଦର୍ଯ୍ୟ। ମନୋଜ ଦାସ ପଣ୍ଡିଚେରୀରେ ଅବସ୍ଥାନ କରୁଥିବା ଓ ଦିବ୍ୟ ଜୀବନ ଧାରାକୁ ପୃଥିବୀ ବକ୍ଷକୁ ଓହ୍ଲାଇ ଆଣିଥିବା ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ କରୁଣା ବଳୟରେ ପ୍ରେରଣାପୁଷ୍ଟ ଏକ ସ୍ୱଚ୍ଛ ନିର୍ମଳ ଅକପଟ ଆତ୍ମା। ଓସ୍କାର ୱାଇଲ୍‌ଡ କୌଣସି ନିର୍ଦ୍ଦିଷ୍ଟ ଚର୍ଚ୍ଚ ପରିସରରେ ବା ଆଶ୍ରମରେ ହୁଏତ ଅବସ୍ଥାନ କରୁନଥିଲେ; କିନ୍ତୁ ଯେଉଁ ଚେତନାର ରାଜ୍ୟରେ ସେ ନିଜ ଆତ୍ମାକୁ ଅଧିଷ୍ଠିତ କରାଇପାରିଥିଲେ ତାହା ଶ୍ରୀ ଅରବିନ୍ଦ ପ୍ରଦର୍ଶିତ ଦିବ୍ୟ ଜଗତର ଦୂରବର୍ତ୍ତୀ ନୁହେଁ। ଗୋଟିଏ କାହାଣୀରେ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ କରୁଣାର ମଧୁର ନିର୍ଝର ପ୍ରବାହିତ ହୋଇଥିବାବେଳେ ଆଉ ଏକ ଗଳ୍ପରେ ଦିବ୍ୟ ଜନନୀ ଶ୍ରୀମାଙ୍କ ଆତ୍ମତ୍ୟାଗ ଓ କରୁଣାର ଦିବ୍ୟଧାରା ପ୍ରବାହିତ ହୋଇପାରିଛି। ଉଭୟ ସ୍ରଷ୍ଟା ମଣିଷର ଅନ୍ତଃଚକ୍ଷୁକୁ ଉନ୍ମୀଳିତ କରିଦେବା ପାଇଁ, ମଣିଷର ଅନ୍ତଃଆତ୍ମାର ସ୍ୱର ସହିତ ମଣିଷକୁ ସଂଯୁକ୍ତ କରିଦେବା ପାଇଁ ଯେଉଁ ଭୂମିକା ଗ୍ରହଣ କରିଛନ୍ତି ତାହା ବାସ୍ତବିକ୍ ସାହିତ୍ୟ ଜଗତରେ ଏକ ଏକ ବିସ୍ମୟ ଉଦ୍ରେକକାରୀ ଦୃଷ୍ଟାନ୍ତ। କରୁଣାର କିରଣରେ ଆଲୋକସ୍ନାତ କରିଦେବାର କ୍ଷମତାରେ ତାହା ଶକ୍ତିଶାଳୀ। ଏ ଦୃଷ୍ଟିରୁ ଉଭୟ ସ୍ରଷ୍ଟା ଆମର ନମସ୍ୟ ଏବଂ ଉଭୟ ଗଳ୍ପ କାଳଜୟୀ ହେବାର ଗୌରବରେ ଭାସ୍ୱର ନିଶ୍ଚୟ।

ପରିଦର୍ଶକ ପ୍ରଫେସର,
ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର,
ଭୁବନେଶ୍ୱର




## ପଷ୍ଟିମେଶ୍ୱରରେ ଜାଗର

### ରାହାସ କୁମାର ବେହେରା



ଆମ ଗାଆଁ ମନ୍ଦିର ପଷ୍ଟିମେଶ୍ୱରରେ
ଲାଗିଛି ଜାଗର ଭିଡ଼
ଗହଳି ଚହଳି ହା’ହୋଲା ଦେଖି
କହୁଛି ମୁଁ ବାଟ ଛାଡ଼।
ମନ୍ଦିର ବେଢାରେ ଜଳେ ଘିଅ ଦୀପ
ଦେଖିଲେ ଲାଗଇ ଖୁସି
ଭାବୁଛି ଅନ୍ତରେ ଭକତ ମେଳିରେ
ପୂଜିବି ପ୍ରଭୁଙ୍କୁ ବସି।
ଆମ ମହାଦେବ ସବୁଠୁ ନିଆରା
ଡାକିଲେ କୁହନ୍ତି କଥା
ସବୁ ଦୁଃଖ ଶୋକ କରନ୍ତି ବିନାଶ
ନୁଆଇଁ ଦେଲେ ମୁଁ ମଥା।
ଆଜି ମାଘମାସ କୃଷ୍ଣ ଚତୁର୍ଦ୍ଦଶୀ
ଶିବରାତ୍ରି ନାମେ ଖ୍ୟାତ
ସେଥିପାଇଁ ଆଜି ଅମୃତ ଲଗନେ
ଆସନ୍ତି ଦୂରୁ ଭକତ।
ଶୁଭେ ହରିବୋଲ, ହୁଳହୁଳି ଆହାଃ
ଶିବମୟ ପରିବେଶ
ବାଜେ ଖୋଳତାଳ ମୃଦଙ୍ଗ, କାହାଳୀ
ସରିଯାଏ ଅବଶୋଷ।
ପ୍ରଭୁଙ୍କ ନାମରେ ଭଜନ ସନ୍ଧ୍ୟାରେ
ଜାଗର ରାତି ଜଣାଣ
ଶୁଣିଦେଲେ କର୍ଣ୍ଣ ହୁଅଇ ପବିତ୍ର
ମିଳେ ପାପୁ ପରିତ୍ରାଣ।
ଏଇ ମହାଦୀପ ଅପୂର୍ବ ମୁହୂର୍ତ୍ତେ
ଦର୍ଶନେ ମିଳଇ ମୁକ୍ତି
ଜୟ ମହାଦେବ ପିନାକୀ ଈଶ୍ୱର
ଦେଉ ଆଶିର୍ବାଦ ପ୍ରାପ୍ତି।
ଧନ୍ୟହେଲି ପ୍ରଭୁ ହେ ! ପଷ୍ଟିମେଶ୍ୱର
ଏତିକି କରୁଣା ହେଉ
ତୁମ ସେବାକରି ଅଧମ ପାମର
ଜୀବଦ୍ଦଶା ଚାଲିଯାଉ।

+ ବାଲ୍ୟମ୍ବା, ଭାପୁର,
ଢେଙ୍କାନାଳ: ୭୫୯୦୧୫
ମୋ : ୯୪୩୮୧୧୪୩୬୮

## ଶିବ

### ପୁଷ୍ପାଞ୍ଜଳି ପଣ୍ଡା



ଦୁନିଆଁ ମାନିଛି ଶିବ ହିଁ ସତ୍ୟ
ଶିବ ସୃଷ୍ଟିରେ ସୁନ୍ଦର
ସବୁ ଜ୍ଞାନ ଦର୍ଶନ ର ଊର୍ଦ୍ଧ୍ୱ ଶିବ
ଆଦି ଯୋଗୀ ନନ୍ଦୀଶ୍ୱର
କାହାପାଇଁ ଅବିନାଶୀ
ମୁଁ କହେ ଶିବ ମୋ ଭୋଳା ଶଙ୍କର
ପ୍ରଭୂ ସେ କୈଳାସ ବାସୀ।

କିଏ ସେ ଚଢାଏ ତ୍ରିଶାଖା ବେଲ
ପତର, କିଏ ଢାଳେ କ୍ଷୀର
କିଏ ସେ ଲଗାଏ ଫୁଲର ଛତ୍ରୀ
କେ ଦିଏ କେତକୀ ଫୁଲ
ସରାଗେ ଜାଳେ ଜାଗର
ମୁଁ ଢାଳିଦିଏ ଆଖିଜଳ ମୋର
ଶିବ ଶମ୍ଭୁ ମହାକାଳା।


ଶିବ ଓଁକାର ଶିବ ଈଶ୍ୱର
ଶିବ ଶକ୍ତି ମୁକ୍ତି ଦାତା
ଅଜନ୍ମା ସେ ଆଶୁତୋଷ ମନ୍ମଥାରୀ
ସୃଷ୍ଟି ର ସଂହାର କର୍ତ୍ତା
ମହାରୁଦ୍ର ଗଙ୍ଗାଧର
କରୁଣାବତାର ସଂସାର ସାର
କାଳକୁଟ ପାନକରା।

+କେନ୍ଦ୍ରାପଡ଼ା
ମୋ: ୯୮୬୧୪୫୭୫୬୩



## ଆସିଅଛି ଶିବରାତ୍ରି

### ଜୟନ୍ତ କୁମାର ମଲ୍ଲିକ



ଆସିଅଛି ଶିବରାତ୍ରି ଜଳିବ ତ ଜାଗର
ସାଜିବି ପ୍ରେୟସୀ ପାଇଁ ମୁଁ ରସିକ ନାଗର,
ସବୁ ଶୈବପୀଠେ ଜନ ସମାଗମ ହୋଇବ
ମହାଦୀପ ଦରଶନେ ପାପ ତାପ ଧୋଇବ,
ମନ୍ଦିର ବେଢ଼ାରେ ଭକ୍ତ ରାତିସାରା ଜାଗିବେ
ଆଶୁତୋଷଙ୍କୁ ତୋଷିଣ ଭଲ ବର ମାଗିବେ,
ଶିବଲିଙ୍ଗେ ନନା ମାନେ କରିବେ ତ ଘର୍ଷଣ
ଭକତ ମାନଙ୍କ ଶିରେ କୃପା ହେବ ବର୍ଷଣ,
ଓମ୍ ନମଃ ଶିବାୟ ଯେ ଭକ୍ତମାନେ କହିବେ
ନିଷ୍ଠା ସହକାରେ ସର୍ବେ ଉପବାସ ରହିବେ,
ପ୍ରଭୁ ମହେଶ୍ୱର ଜଗତର ଦୁଃଖ ହରିବେ
ବିଶ୍ୱବାସୀଙ୍କ ମଙ୍ଗଳ ନିଶ୍ଚୟ ସେ କରିବେ।

+ଶୂରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

## ଜାଗରେ ପୂଜିବା ଶିବ ଶଙ୍କର

### ସୁବ୍ରତ କୁମାର ଜେନା



ଜଟା ଧାରୁ ଯାର ଗଙ୍ଗାଯେ ବହେ
ସେ ଭୋଳା ମହେଶ୍ୱର
ଡମ ଡମ ଯାର ଡମ୍ବୁରୁ ବାଜେ
ସେ ମହା କାଳେଶ୍ୱର।

ସୃଷ୍ଟି ସିଏ ପୁଣି ଶ୍ରଷ୍ଟାଯେ ସିଏ
ସ୍ମଶାନରେ ତାଙ୍କ ଘର
ବେକେ ସର୍ପମାଳ ଶୋଭିତ ତାଙ୍କ
ସିଏ ପ୍ରଭୁ କପିଳେଶ୍ୱର।

ଦେବ ଦେବ ସିଏ ମହାଦେବ ପୁଣି
ବିଷ ପିଇ ନୀଳକଣ୍ଠେସ୍ୱର
ତୃତୀୟ ନୟନୁ କୋପ ବୃଷ୍ଟି ଝରେ
ସେ ଆଦି ଅନନ୍ତ ଈଶ୍ୱର।


ଦେବଙ୍କର ଗର୍ବ ନାଶ କରିଥିଲେ
ଦେଖି ତାଙ୍କ ବଡ଼ ପଣ
ମହା ଜାଗରରେ କରେ ଦଣ୍ଡବତ
ଦୟା କର ଶିବ ଗଣ।

ପୁର ପଲ୍ଲୀଠାରୁ ସହର ଯାକରେ
ଶୁଭୁଛି ଶିବ ଶହସ୍ର ନାମ
ତାଙ୍କରି ପୟରେ ଲୟ ରଖିଥିଲେ
ମିଳିବ ମୁକତିର ଧାମ।

ସିଏ ସତ୍ୟ ଶିବ ସିଏତ ସୁନ୍ଦର
ତ୍ରିଭୁବନ ସ୍ୱାମୀ ସିଏ
କୋପେ ଦିଏ ବର ପୁଣି ତପେବର
ସିଏ ଓଁ କାର ନାଦ ଟିଏ।

ଆସ ଆସ ସବୁ ଶିବ ଭକତ ଗଣ
ପୁଜିବା ହର ମହେଶ୍ୱର
ଜାଳିବା ଦୀପାଳି ରହି ଉଜାଗର
ସାହା ହେବେ ସେଇ ଶଙ୍କର ।।

+ଶୁରଢ଼ିହ, ନନ୍ଦିପୁର,ଯାଜପୁର
ମୋ: ୯୭୭୬୨୦୮୯୩୦



# ସଂସାରରେ ଜୀବ ଚେତନାର ସଂଚାର ହେଉଛନ୍ତି ଶିବ


**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**


ଶିବ ଏକମାତ୍ର ଭଗବାନ ଯିଏ ଏ ସଂସାରକୁ ପରିଚାଳନା କରୁଛନ୍ତି । ଶିବଙ୍କ ମାଧମରୁ ଜ୍ଞାନ ବୈରାଗ ଭଳି ମୂଳ ଦିବ୍ୟ ସାଧନା ସମ୍ବନ୍ଧୀୟ ତଥ୍ୟ ମିଳିଥାଏ । ଭଗବାନ ଶିବଙ୍କୁ ମହାଦେବ ବୋଲି କୁହାଯାଏ । ସେ ଅନାଦି ପରମେଶ୍ୱର । ଭଗବାନ ଶିବ ହିଁ ସୃଷ୍ଟିର ଉତ୍ପତ୍ତି ଓ ଜଗତର ବିସ୍ତାର, ବିକାଶ ଓ ବ୍ରହ୍ମସ୍ୱରୂପ ସ୍ଥାପିତ କରିଛନ୍ତି । ଶିବଙ୍କୁ ସଂସାରରେ ଜୀବ ଚେତନାର ସଞ୍ଚାର କୁହାଯାଇଛି । ଭଗବାନ ଶିବ ଓ ଶକ୍ତି ସ୍ୱରୂପା ମା' ପାର୍ବତୀ ଏହି ଜଗତ ଓ ବ୍ରହ୍ମାଣ୍ଡରେ ବିଶେଷ ଭୂମିକା ନିର୍ବାହ କରୁଛନ୍ତି । ଶିବ ମହାପୁରାଣ ଅନୁସାରେ ଭଗବାନ ଶିବ ସ୍ୱୟଂ ବ୍ରହ୍ମାଙ୍କୁ ବେଦ ଜ୍ଞାନ ଦେଇଥିଲେ । ଦେବ ଦେବ ମହାଦେବ ସର୍ବଦା ଧ୍ୟାନରେ ଥାଆନ୍ତି କିନ୍ତୁ ତାଙ୍କର ପୂଜା ଉଭୟ ଶିବଲିଙ୍ଗ ଏବଂ ମୂର୍ତ୍ତିକୁ କରାଯାଇଥାଏ । ମହାଦେବଙ୍କ ଗଳାରେ ସର୍ବଦା ନାଗ ଦେବତା ବିଦ୍ୟମାନ ରୁହନ୍ତି ଏବଂ ହାତରେ ଡମ୍ବରୁ ଏବଂ ତ୍ରିଶୂଳ ଶୋଭା ପାଇଥାଏ । ମହାଦେବ ପରଂବ୍ରହ୍ମ ଅଟନ୍ତି । ପ୍ରାଚୀନ ବିଦ୍ୱାନ ମାନେ ମହାଦେବଙ୍କୁ ହିଁ ଭଗବାନ ବୋଲି ମାନିଥାନ୍ତି । କୈଳାସ ପର୍ବତରେ ସ୍ୱଇଚ୍ଛାରେ ବାସ କରୁଥିବା ମହାଦେବ ଦେବୀ ଶକ୍ତିଙ୍କୁ ସୃଷ୍ଟି କରିଥିଲେ । ଦେବୀ ଶକ୍ତିଙ୍କ ଜନ୍ମ ମହାଦେବଙ୍କ ଅଂଶରୁ ହିଁ ହୋଇଛି । ମହାଦେବ ନିଜ ଅଂଶରୁ ଦେବୀ ଶକ୍ତି ଅର୍ଥାତ ମାତା ପାର୍ବତୀଙ୍କ ସୃଷ୍ଟି କରିଥିଲେ । ମାତା ପାର୍ବତୀଙ୍କୁ ଦେବୀ ଶକ୍ତି ଏବଂ ମହାଦେବଙ୍କୁ ଅର୍ଦ୍ଧ ନାରେଶ୍ୱର ର ଆଖ୍ୟା ଦିଆଯାଇଛି । ଏ ଚରାଚର ବିଶ୍ୱ ବ୍ରହ୍ମାଣ୍ଡରେ ତଥା ସୃଷ୍ଟିରେ ତ୍ରିଦେବଙ୍କ ମଧ୍ୟରୁ ଜଣେ ଦେବ ଅଟନ୍ତି ମହାଦେବ । ତାଙ୍କୁ ଦ୍ୱେଙ୍କ ଦ୍ୱେ ମହାଦେବ ବୋଲି ଆଖ୍ୟା ଦିଆଯାଇଛି । ଏହା ବ୍ୟତୀତ ମହାଦେବଙ୍କର ଆହୁରି ଅନେକ ନାମ ରହିଛି ଯଥା ନୀଳକଣ୍ଠ, ଭୋଳାନାଥ, ରୁଦ୍ର, ଶଙ୍କର,ମହେଶ ଇତ୍ୟାଦି । ତନ୍ତ୍ର ସାଧନାରେ ଭଗବାନ ଶିବଙ୍କୁ ଭୈରବ ନାଁରେ ବି ଜଣାଯାଏ । ହିନ୍ଦୁ ଧର୍ମର ପ୍ରମୁଖ ଦେବତାଙ୍କ ମଧ୍ୟରେ ଭଗବାନ ଶିବଜୀ ଜଣେ ଅଟନ୍ତି ବେଦରେ ତାଙ୍କୁ ରୁଦ୍ର ନାମରେ ଜଣାଯାଆନ୍ତି । ତନ୍ତ୍ର ସାଧନା ରେ ମହାଦେବଙ୍କୁ ଭୈରବ ନାମ ରେ ସମସ୍ତେ ଜାଣିଛନ୍ତି । ହିନ୍ଦୁ ଧର୍ମରେ ଥିବା ପ୍ରମୁଖ ଦେବତା ଗଣଙ୍କ ମଧ୍ୟରେ ଅନ୍ୟତମ ଅଟନ୍ତି ମହାଦେବ । ବେଦରେ ତାଙ୍କୁ ରୁଦ୍ର ନାମରେ ନାମିତ କରାଯାଇଛି । ମହାଦେବ ମନୁଷ୍ୟର ଚେତନାର ଅନ୍ତର୍ଯ୍ୟାମୀ ଅଟନ୍ତି ଅର୍ଥାତ ସେ ମନୁଷ୍ୟର ମନର କଥାକୁ ସ୍ପଷ୍ଟ ଭାବରେ ପଢ଼ିପାରନ୍ତି । ଅଧ୍ୟାତ୍ମବାଦ ଅନୁସାରେ ଶିବ ତମାମ ଅବସ୍ଥା ଓ ବ୍ୟବସ୍ଥାକୁ ନିଜର ମାତ୍ର ଏକ ଅଂଶ ରୂପେ ଧାରଣ କରିଛନ୍ତି । ଭଗବାନ ଶିବ ମଣିଷର ଚେତନା ଅନ୍ତର୍ଯ୍ୟାମୀ ଅଟନ୍ତି ମାନେ ମଣିଷର ମନର କଥା ସେ ପଢିନିଅନ୍ତି । ତାଙ୍କର ସ୍ତ୍ରୀ ଦେବୀ ଶକ୍ତି ଅଟନ୍ତି ତାଙ୍କର ନାମ ପାର୍ବତୀ ଅଟେ । ଭଗବାନ ଶିବଙ୍କ ଦୁଇଟି ପୁତ୍ର କାର୍ତ୍ତିକ ଓ ଗଣେଷ ଅଟନ୍ତି ଓ ତାଙ୍କର ଏକ ପୁତ୍ରୀ ବି ଅଛନ୍ତି ଯାହାଙ୍କ ନାମ ଅଶୋକ ସୁନ୍ଦରୀ ଅଟେ ।

ଭଗବାନ ଶିବ ସମସ୍ତ ଦେବଙ୍କ ଭିତରେ ମହାଦେବ ଏବଂ ବୈଷ୍ଣବମାନଙ୍କ ମଧ୍ୟରେ ପ୍ରଥମ ବୈଷ୍ଣବ ଅଟନ୍ତି । ତ୍ୟାଗ ଓ ବୈରାଗ୍ୟର ପ୍ରତୀକ ଭଗବାନ ଅତି ସହଜରେ ପ୍ରାପ୍ତ ହେଇଯାଆନ୍ତି ତେଣୁ କେବଳ ମାନବ ନୁହଁ ସମସ୍ତ ଦାନ୍ୱମାନଙ୍କର ମଧ୍ୟ ସେ ଆରାଧ ଦେବତା । ଭଗବାନ ଶିବଙ୍କ ମହିମା ଅପାର ଅଟେ ତାଙ୍କ ବିନା ଇଚ୍ଛା ରେ ଏହି ଦୁନିଆଁରେ କୌଣସି ଲୋକ କୌଣସି ସତ୍କର୍ମର ଫଳ ପାଆନ୍ତି ନାହିଁ । ପୃଥିବୀର ଶ୍ରେଷ୍ଠ ଜୀବ ମନୁଷ୍ୟ, ପଶୁ ଏବଂ ଦେବତ୍ୱର ମଝି କଡ଼ି ଅଟେ. ପ୍ରଯତ୍ନଶୀଳତା ତା ଜୀବନରେ ପ୍ରକୃତ ସୁଖ, ଶାନ୍ତି, ବୈଭବ ସହିତ ଆତ୍ମିକ ଉନ୍ନତି ଆଣିବାରେ ସାହାଯ୍ୟ କରେ କିନ୍ତୁ ଅସଂଯମତା ଏବଂ ଭୋଗବିଳାସି ଚିନ୍ତାଧାରା ତା ଜୀବନରେ ପାପ, ଶ୍ୟାପ, ରୋଗ, ଦୁଃଖ, ଯନ୍ତ୍ରଣା ସହିତ ନିମ୍ନ ପଶୁ ଯୋନିକୁ ପ୍ରାପ୍ତ କରିବାରେ ସାହାଯ୍ୟ କରେ । ମଣିଷ ନିଜର ଅଜ୍ଞାନତା ଯୋଗୁଁ ଭୁଲ କରିଥାଏ । ପ୍ରତିଟି ଭୁଲ କାର୍ଯ୍ୟ ତାକୁ ଦଣ୍ଡିତ କରେ । ଏହା ସୃଷ୍ଟିର ବିଧାନ ଅନୁସାରେ ଭୁଲ ଜାଣତରେ ହେଉ କି ଅଜାଣତରେ ହେଉ ଭୁଲ ମାନେ ଭୁଲ ! ଦଣ୍ଡ ମିଳିବ ନିଶ୍ଚିତ । ବହୁତ ଲୋକ କଷ୍ଟ ପାଇଲେ ଈଶ୍ୱରଙ୍କୁ ଦାୟୀ କରନ୍ତି ନିଜ କର୍ମଫଳକୁ ନୁହେଁ । ଈଶ୍ୱର କେବେବି କାହାକୁ ଦଣ୍ଡିତ କରିବାର ଇଚ୍ଛା କରିନଥାନ୍ତି କେବଳ ସମସ୍ତଙ୍କ ପ୍ରତି ସମାନ ନ୍ୟାୟ କରିବାକୁ ଯାଇ ସେ ଏକ୍‌ବିଧି ତିଆରି କରିଛନ୍ତି ତାହା ହେଲା 'କର୍ମ ଅନୁସାରେ ଫଳ ପ୍ରାପ୍ତି' ।

ଶାସ୍ତ୍ର ଅନୁସାରେ ଭଗବାନ ଶିବଙ୍କ ତେଜରୁ ପୁଞ୍ଜ ଜାଗୃତ ହୋଇଥିଲା ଯେଉଁଠାରୁ ଭଗବାନ ବିଷ୍ଣୁ ଉତ୍ପତ୍ତି ହୋଇଥିଲେ । ବିଷ୍ଣୁଙ୍କ ନାଭି କମଳରେ ବ୍ରହ୍ମାଙ୍କ ଉତ୍ପତ୍ତିର ଉଲ୍ଲେଖ ରହିଛି । ଭଗବାନ ଶିବଙ୍କ ପରମ ତେଜସ୍ୱି ବିନ୍ଦୁ ନିଜ ଗତିରେ ସାରା ବ୍ରହ୍ମାଣ୍ଡର ଜୀବତ୍ମାକୁ ପ୍ରକାଶିତ କରିଥାଏ । ଏହିସବୁ ଜୀବତ୍ମା ଶିବଙ୍କ ସେହି ରୂପ ଦର୍ଶନ ଓ ଅନୁଭବ କରନ୍ତି । ଶିବ ହିଁ ସଂସାରରେ ଜନଜୀବନ ଚେତନା ସଞ୍ଚାର କରନ୍ତି । ବ୍ରହ୍ମା ସୃଷ୍ଟିର ଉତ୍ପତ୍ତିକର୍ତ୍ତା । ସେହିଭଳି ଶିବ ପ୍ରଥମ, ବିଷ୍ଣୁ ଦ୍ୱିତୀୟ ଓ ବ୍ରହ୍ମା ତୃତୀୟ ସ୍ଥାନରେ ଅଛନ୍ତି । କିନ୍ତୁ ସାଂସାରିକ ମାନ୍ୟତା ଅନୁସାରେ ବ୍ରହ୍ମାଙ୍କୁ ପ୍ରଥମ, ବିଷ୍ଣୁଙ୍କୁ ଦ୍ୱିତୀୟ ଓ ଶିବଙ୍କୁ ତୃତୀୟ ତଥା ପ୍ରଳୟଙ୍କରୀ ରୂପରେ ସମସ୍ତେ ଜାଣିଛନ୍ତି । ଥରେ ଭଗବାନ ବିଷ୍ଣୁ ଏବଂ ବ୍ରହ୍ମାଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା । ପରସ୍ପରଙ୍କୁ ସୃଷ୍ଟି କର୍ତ୍ତାର ଆଖ୍ୟା ଦେଉଥିଲେ । ଭଗବାନ ବ୍ରହ୍ମା ବିଷ୍ଣୁଙ୍କୁ କହିଲେ ଯେ ତାଙ୍କ ଦ୍ୱାରା ବିଷ୍ଣୁଙ୍କ ଉତ୍ପତ୍ତି ହୋଇଛି ଏବଂ ବିଷ୍ଣୁ ଭଗବାନ ବ୍ରମହାଙ୍କୁ କହିଲେ ଯେ ତାଙ୍କ ନାଭି କମଳ ଦ୍ୱାରା ବ୍ରହ୍ମାଙ୍କ ଉତ୍ପତ୍ତି ହୋଇଛି । ଉଭୟଙ୍କ କଳହ ଦେଖି ସ୍ୱୟଂ ଦେବ ଦେବ ମହାଦେବ କହିଲେ ଯେ ସେ ସୃଷ୍ଟିର କର୍ତ୍ତା ଅଟନ୍ତି ଏବଂ ସେ ତ୍ରିଦେବଙ୍କୁ ଉତ୍ପତ୍ତି କରିଛନ୍ତି ଏବଂ ତ୍ରିଦେବଙ୍କୁ ପରସ୍ୱରଙ୍କ କାର୍ଯ୍ୟରେ ମଧ୍ୟ ଲିପ୍ତ କରିଛନ୍ତି ଏବଂ ସେ ତ୍ରିଦେବଙ୍କୁ ଜଗତର ଉତ୍ପତ୍ତି, ସ୍ଥିତି ରୂପୀ ଏବଂ ସଂହାର କାର୍ଯ୍ୟ ସମର୍ପଣ କରିଛନ୍ତି ଏବଂ ତାଙ୍କ ପାଞ୍ଚଟି ମୁଖରୁ ବାହାରିଥିବା ଶବ୍ଦ ମିଶିକରି ଗୋଟିଏ ଶବ୍ଦର ସୃଷ୍ଟି ହୋଇଛି ତାହା ହେଉଛି ଓଁ ଅର୍ଥାତ୍ ଏକ ମୁଖରୁ 'ଅ' କାର, ଦ୍ୱିତୀୟ ମୁଖରୁ 'ଉ' କାର, ତୃତୀୟ ମୁଖରୁ 'ମ୍' କାର, ଚତୁର୍ଥ ମୁଖରୁ 'ବିନ୍ଦୁ' ତଥା ପଞ୍ଚମ ମୁଖରୁ 'ନାଦ' ଶବ୍ଦ ପ୍ରକଟ ହୋଇଛି , ସେହି ପାଞ୍ଚଟି ଅବବୟ ଏକତ୍ରୀତ ହୋଇ ' ଓଁ ' ହୋଇଛି । ଏହା ମୋର ମୂଳ ମନ୍ତ୍ର ଅଟେ ଏବଂ ଏହା ହିଁ ସମସ୍ତ ସୃଷ୍ଟିର ମୂଳତତ୍ତ୍ୱ ଅଟେ । ଉପରୋକ୍ତ ଶିବ ମହାପୁରାଣ ପ୍ରକରଣରୁ ଏହା ସିଦ୍ଧ ହେଉଅଛି ଯେ ଶଙ୍କରଙ୍କ ମା ଦେବୀ ଦୁର୍ଗା ଅଟନ୍ତି , ତଥା ଶିବଙ୍କ ବାପା ସଦାଶିବ ଅର୍ଥ କାଳ ବ୍ରହ୍ମ ଅଟନ୍ତି । ଶିବ ଏକମାତ୍ର ପରମ ଅଘୋରୀ ଯାହାଙ୍କ ମାଧ୍ୟମରେ ସଂସାରର ସମସ୍ତ ଦିବ୍ୟ ଶକ୍ତି, କ୍ରିୟା ଓ ପ୍ରାକୃତିକ ଦୃଷ୍ଟିକୋଣ ସମ୍ବନ୍ଧୀୟ ଜ୍ଞାନ ପ୍ରାପ୍ତ ହୋଇଥାଏ । ଶିବ ହିଁ ପରମ ଗୁରୁ । ତାଙ୍କ କୃପାରୁ ଆମକୁ ଜୀବନକୁ ସୁନ୍ଦର ଭାବେ ଗଢିତୋଳିବା କଳା, ବର୍ତ୍ତମାନ ସହ ସଂଘର୍ଷ କରି ସମସ୍ତ ବ୍ୟାଧି ଉପରେ ନିୟନ୍ତ୍ରଣ କରି ଜୀବନ ଯାତ୍ରାକୁ ବିଜୟୀ କରିବାକୁ ଜ୍ଞାନ ମିଳିଥାଏ । ଏଥିରୁ ଜଣା ପଡେ ଯେ ସଦାଶିବ ହେଉଛନ୍ତି ସମସ୍ତ ସୃଷ୍ଟିର ମୂଳ ଉତ୍ସ । ସତ୍ୟଂ-ଶିବଂ-ସୁନ୍ଦରମ୍ ଭଗବାନ ଶଙ୍କରଙ୍କର ଏହି ସୁନ୍ଦର ନାମ ବ୍ରହ୍ମଙ୍କର ସ୍ୱରୂପ ଲକ୍ଷଣ ସତ୍ୟମ୍-ଜ୍ଞାନମ୍-ଆନନ୍ଦମ୍ ପରମଂ ବ୍ରହ୍ମର ପ୍ରତୀକ ଅଟେ ।

ଉପାସକଙ୍କର ଦୃଷ୍ଟିରେ ଶଙ୍କରଙ୍କୁ ତମୋଗୁଣୀ ଦେବତା କୁହାଯାଏ । କାରଣ ଭଗବାନ ଶିବ ଏତେ ଦୟାଳୁ ଯେ ଯେଉଁ ଦୋଷ ଓ ଅପବିତ୍ରତା କାରଣରୁ ସାଧାରଣତଃ ତାଙ୍କୁ ଘୃଣା କରାଯାଏ ସେ ସେଥିପ୍ରତି ଧ୍ୟାନ ସୁଦ୍ଧା ଦିଅନ୍ତି ନାହିଁ ଆଉ ଭକ୍ତଙ୍କର ଟିକିଏ ମାତ୍ର ସେବା ଭାବରେ ତୃପ୍ତ ହୋଇ ତାଙ୍କୁ ଧର୍ମ-ଅର୍ଥ-କାମ-ମୋକ୍ଷ ସବୁକିଛି ପ୍ରଦାନ କରିଥାନ୍ତି । ସେ ସ୍ୱୟଂ ଏତେ ବିରକ୍ତ ଯେ ସମସ୍ତ ଦୃଶ୍ୟମାନ ବସ୍ତୁ ରାଜିକୁ ସେ ତୁଚ୍ଛ ମନେ କରିଥାନ୍ତି । ଏହି ସ୍ୱଭାବ କାରଣରୁ ସେ ସମୁଦ୍ର ମନ୍ଥନରୁ ନିର୍ଗତ ହଳାହଳ ବିଷ ପାନ କରିଥିଲେ ଆଉ ସମୁଦ୍ର ରୁ ଆବିର୍ଭାବ କୌଣସି ମୂଲ୍ୟବାନ ବସ୍ତୁ ପ୍ରାପ୍ତିର ଅଭିଳାଷା ରଖି ନଥିଲେ । ଏହି ସବୁ ଗୁଣ କାରଣରୁ ସେ ରାବଣ ତଥା ଭସ୍ମାସୁର ଆଦିଙ୍କୁ ମଧ୍ୟ ବିନା ବିଚାରରେ ଅନେକ ବର ପ୍ରଦାନ କରିଥିଲେ ।

ଭଗବାନ ଶଙ୍କର ଜ୍ଞାନ, ଯୋଗ, ବୈରାଗ୍ୟ ଭକ୍ତିର ଭଣ୍ଡାର ହିଁ ନୁହଁନ୍ତି ବରଂ ଆଗମ, ମନ୍ତ୍ର, ତନ୍ତ୍ର, ଯନ୍ତ୍ର, ନୃତ୍ୟ, ବାଦ୍ୟ, ସଙ୍ଗୀତ, ବ୍ୟାକରଣ ଆଦି ସମସ୍ତ କଳା ଓ ବିଦ୍ୟା ମାନଙ୍କର ଗୁରୁ ମଧ୍ୟ ଅଟନ୍ତି । ତାଙ୍କର ବାସ୍ତବିକ ସ୍ୱରୂପ ଅତ୍ୟନ୍ତ ସୋମ୍ୟ ଏବଂ ଶାନ୍ତି ଦାୟକ ଅଟେ । ତାଙ୍କର କ୍ରୋଧାନଳ ଲୀଳା ଜଗତର କଲ୍ୟାଣ ନିମିତ୍ତ ହିଁ ସମୟେ ସମୟେ ପ୍ରକଟିତ ହୋଇଥାଏ । ଯେଭଳି କାମଦେବଙ୍କର ସଂହାର ଏବଂ ପ୍ରଳୟ ଓ ମହାପ୍ରଳୟ । ଏଥିପାଇଁ ଶଙ୍କରଙ୍କର ରୂପ ମଧ୍ୟ ଦୁଇ ପ୍ରକାରର ଅଟେ । ଗୋଟିଏ ପଟେ ମସ୍ତକରେ ପତିତପାବନୀ ଗଙ୍ଗା ଏବଂ ଶୀତଳ ଚନ୍ଦ୍ରମା ଅନ୍ୟପଟେ ଗଳାରେ ଭୟଙ୍କର ସର୍ପ, ହସ୍ତରେ ତ୍ରିଶୂଳ ତଥା ବ୍ରହ୍ମରୂପୀ ଡମ୍ବରୁ ଶୋଭିତ । ଦେବୀ ପାର୍ବତୀଙ୍କର ବିବାହ ଅବସରରେ ମହାଦେବଙ୍କର ଭୟାନକ ଏବଂ ସୌମ୍ୟ ଉଭୟ ରୂପ ଦର୍ଶନ ହୋଇଥିଲା । ଶାସ୍ତ୍ରରେ ଯେଉଁଠି ବି ଈଶ୍ୱର ଅଥବା ଈଶ ଶବ୍ଦ କୌଣସି ବିଶେଷଣ ବିନା ବ୍ୟବହୃତ ହୋଇଛି, ତାହାର ଅର୍ଥ 'ଶଙ୍କର' ବୋଲି ବୁଝାଯାଇଥାଏ । ପୁରାଣରେ ଉଲ୍ଲେଖ ଅଛି ଯେ ବିଷ୍ଣୁ-କାର୍ଯ୍ୟ, ବ୍ରହ୍ମା-କ୍ରିୟା ଏବଂ ମହେଶ୍ୱର-କାରଣ ର ସୂଚକ ଅଟନ୍ତି କିନ୍ତୁ ବାସ୍ତବରେ ଏ ତିନିହେଁ ଏକ ଓ ଅଭିନ୍ନ ଅଟନ୍ତି । ଏଣୁ ପ୍ରତ୍ୟେକ ମଣିଷ ଦୈନିକ ଶିବଲିଙ୍ଗ ପୂଜାରେ କିଛି ସମୟ ନିଜକୁ ଭକ୍ତି ଭାବ ନେଇ ନିୟୋଜିତ କରି ପ୍ରଭୁ ଶିବଙ୍କର କୃପା ଲାଭ ପ୍ରାପ୍ତ କରି ମାନବ ଜନ୍ମକୁ ସାଫଲ୍ୟ କରିବା ଉଚିତ ।


ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) ୮୨୪୯୫୦୨୭୭୬


# ଶିବରାତ୍ରୀର ପୌରାଣିକ କଥା


**କସ୍ତୁରୀ ଚରଣ ରାଉତ**


ମହାଶିବରାତ୍ରୀ ହେଉଛି ଭଗବାନ ଶିବଙ୍କର ସବୁଠାରୁ ଶୁଭ ଦିନ, ଯାହା ଫାଲଗୁନ୍ ମାସରେ କୃଷ୍ଣ ଚତୁର୍ଦ୍ଦଶୀ ଦିବସରେ ପାଳନ କରାଯାଏ । ଏହି ଦିନ ସମସ୍ତ ଶିବ ଭକ୍ତମାନେ ଉପବାସ ରୁହନ୍ତି ଏବଂ ସକାଳୁ ସ୍ନାନସାରି ମନ୍ଦିରକୁ ଯାଆନ୍ତି । ଏହି ଦିନ ପାଳନର ଅନେକ ପୌରାଣିକ କଥା ରହିଛି । ସେଥିରୁ ଗୋଟିଏ ସଂପର୍କରେ ଏବେ ଆଲୋଚନା କରିବା । ଏକଦା ଚିତ୍ରାଭାନୁ ନାମକ ଜଣେ ଶିକାରୀ ଥିଲା । ସେ ପଶୁ ଶିକାର କରି ନିଜ ପରିବାର ପାଳୁଥିଲା । ଜଣେ ସାହୁକାର ନିକଟରୁ ଆଣିଥିବା ଋଣ ଠିକ୍ ସମୟରେ ଫେରସ୍ତ କରି ନ ଥିବାରୁ କ୍ରୋଧିତ ସାହୁକାର ତାକୁ ଏକ ଶିବମଠରେ ବନ୍ଦୀ କରି ରଖିଥିଲା । ସୌଭାଗ୍ୟବଶତଃ ସେଦିନଟି ଶିବରାତ୍ରୀ ଥିଲା ।

ବନ୍ଦୀ ଅବସ୍ଥାରେ ଶିକାରୀ ଶିବଙ୍କ ସହ ଜଡିତ ଧାର୍ମିକ କଥାସବୁ ଶୁଣିବାକୁ ଲାଗିଲା, ଯେଉଁଠାରେ ସେ ଶିବରାତ୍ରୀ ବ୍ରତ କଥା ମଧ୍ୟ ଶୁଣିଥିଲା । ସନ୍ଧ୍ୟାରେ ସାହୁକାର ତାକୁ ଡାକି ଋଣ ପରିଶୋଧ କରିବାକୁ କହିଥିଲା । ଶିକାରୀ ପରଦିନ ପୁରା ଋଣ ଫେରସ୍ତ କରିବାକୁ କଥା ଦେଲା । ସାହୁକାର ତା' କଥା ମାନି ତାକୁ ଛାଡି ଚାଲିଗଲା । ଶିକାରୀ ଜଙ୍ଗଲରେ ଶିକାର କରିବାକୁ ବାହାରିଲା । କିନ୍ତୁ ଦିନସାରା ବନ୍ଦୀ ଥିବାରୁ ସେ ଭୋକ ଓ ଶୋଷରେ ଛଟପଟ ହେଉଥିଲା ।

ସୂର୍ଯ୍ୟାସ୍ତ ପରେ ସେ ଏକ ଜଳାଶୟକୁ ଯାଇ କିଛି ପାଣି ପିଇଲା ଓ କୂଳରେ ଥିବା ଏକ ଗଛରେ ଚଢି ଶିକାର ପାଇଁ ପ୍ରତୀକ୍ଷା କଲା । ସେ ନିଶ୍ଚିତ ଥିଲା ଯେ କୌଣସି ନା କୌଣସି ପଶୁ ଶୋଷ ମେଣ୍ଟାଇବାକୁ ଏଠାକୁ ଆସିବ । ସେ ଗଛଟି ବେଲ ଗଛ ଥିଲା ଏବଂ ଗଛ ତଳେ ଏକ ଶିବଲିଙ୍ଗ ମଧ୍ୟ ଥିଲା ଯାହା ଶୁଖିଲା ବେଲପତ୍ର ଦ୍ୱାରା ଆବୃତ ହେତୁ ଦୃଶ୍ୟମାନ ହେଉ ନଥିଲା । ସେଥିପାଇଁ ସେ ବିଷୟରେ ଶିକାରୀଟି ଜାଣିପାରି ନ ଥିଲା । ଭୋକ ଓ ଶୋଷରେ କ୍ଳାନ୍ତ ହୋଇ ସେ ଗଛରେ ବସିଥିଲା ।

ରାତିର ପ୍ରଥମ ପ୍ରହର ବିତିବା ପରେ ଏକ ଗର୍ଭବତୀ ମୃଗୁଣୀ ପୋଖରୀରେ ପାଣି ପିଇବାକୁ ଆସିଲା । ଶିକାରୀ ଧନୁରେ ଏକ ତୀର ଯୋଖି ଗୁଣକୁ ଟାଣିବା ମାତ୍ରେ କିଛି ପତ୍ର ଏବଂ କିଛି ବୁନ୍ଦା ପାଣି ତଳେ ଥିବା ଶିବଲିଙ୍ଗ ଉପରେ ପଡିଲା ଏବଂ ଅଜାଣତରେ ଶିକାରୀଟି ଦ୍ୱାରା ଶିବଙ୍କର ପ୍ରଥମ ପ୍ରହରର ପୂଜା ହେଇଗଲା ।

ଶିକାରୀକୁ ଦେଖି ମୃଗୁଣୀଟି କହିଲା, ମୁଁ ଗର୍ଭବତୀ, ମୁଁ ଶୀଘ୍ର ପ୍ରସବ କରିବି । ତୁମେ ଏକାସାଙ୍ଗରେ ଦୁଇଟି ଜୀବକୁ ହତ୍ୟା କରିବା ଠିକ୍ ନୁହେଁ । ମୁଁ ଏକ ସନ୍ତାନ ଜନ୍ମ ଦେବା ପରେ ଶୀଘ୍ର ତୁମ ସମ୍ମୁଖରେ ଉପସ୍ଥିତ ହେବି । ତା'ପରେ ମୋତେ ହତ୍ୟା କରିବ । ଶିକାରୀଟି ତୀର ନମାରି ହରିଣଟିକୁ ଛାଡ଼ିଦେଲା ଏବଂ ସେ ବଣୁଆ ବୁଦା ଭିତରେ ଅଦୃଶ୍ୟ ହୋଇଗଲା ।

କିଛି ସମୟ ପରେ ସେଠାକୁ ଆଉ ଏକ ହରିଣ ଆସିଲା । ଶିକାରୀ ମୁହଁରେ ହସ ଫୁଟି ଉଠିଲା । ନିକଟତର ହେବା ପରେ ସେ ଧନୁରେ ତୀର ରଖିଲାବେଳେ କିଛି ବେଲପତ୍ର ଶିବଲିଙ୍ଗ ଉପରେ ପଡ଼ିଗଲା ଏବଂ ଶିକାରୀର ଦ୍ୱିତୀୟ ପ୍ରହର ପୂଜା ବି ଅନାୟାସରେ ସଂପନ୍ନ ହେଲା ।

ସେତିକିବେଳେ ହରିଣୀଟି ତାକୁ ଦେଖି ବିନମ୍ରତା ପୂର୍ବକ ଅନୁରୋଧ କଲା ଯେ , ମୁଁ କିଛି ସମୟ ପୂର୍ବରୁ ମାସିକ ଋତୁସ୍ରାବରୁ ଅବସର ନେଇଛି । ମୁଁ କାମାତୁରା ବିରହିଣୀ । ମୋର ପ୍ରିୟଙ୍କ ସନ୍ଧାନରେ ବୁଲୁଛି । ମୋ ସ୍ୱାମୀଙ୍କୁ ଭେଟିବା ପରେ ମୁଁ ଶୀଘ୍ର ତୁମ ପାଖକୁ ଆସିବି । ଶିକାରୀ ତାକୁ ମଧ୍ୟ ଯିବାକୁ ଦେଲା ।



ଦୁଇଥର ଶିକାର ହରାଇବା ପରେ ସେ ଚିନ୍ତିତ ହେଇ ପଡ଼ିଲ । । ଏହା ରାତିର ତୃତୀୟ ପ୍ରହର ଥିଲା । ସେତିକିବେଳେ ନିଜ ପିଲାଙ୍କ ସହିତ ସେଠାରେ ଆଉ ଏକ ହରିଣୀ ବାହାରିଲା । ଶିକାରୀ ଯେତେବେଳେ ତୀର ମାରିବାକୁ ଯାଉଥିଲା ମୃଗୁଣୀଟି କହିଲା, ମୁଁ ମୋର ପିଲାମାନଙ୍କୁ ସେମାନଙ୍କ ବାପାଙ୍କୁ ହସ୍ତାନ୍ତର କରିବା ପରେ ଫେରିବି । ଏବେ ମୋତେ ହତ୍ୟା କର ନାହିଁ ।

ଶିକାରୀ ହସି ହସି କହିଲା, ସମ୍ମୁଖକୁ ଆସିଥିବା ଶିକାରକୁ ଛାଡିଦେବି, ସେପରି ମୂର୍ଖ ମୁଁ ନୁହେଁ । ପୂର୍ବରୁ ଦୁଇଥର ଶିକାର ହରାଇଛି । ମୋର ପିଲାମାନେ ଭୋକ ଓ ଶୋଷରେ ଛଟପଟ ହେଉଥିବେ । ଏହାର ଉତ୍ତରରେ, ମୃଗୁଣୀଟି ପୁନର୍ବାର କହିଛି, ଯେପରି ତୁମେ ତୁମର ପିଲାମାନଙ୍କର ବିଷୟରେ ଚିନ୍ତିତ, ସେହିପରି ମୁଁ ମଧ୍ୟ ମୋ ପିଲାଙ୍କ ପାଇଁ ଚିନ୍ତିତ, ତେଣୁ ମୋ ପିଲାମାନଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ମୁଁ କିଛି ସମୟ ପାଇଁ ଜୀବନ ମାଗୁଛି । ମୋତେ ବିଶ୍ୱାସ କର, ମୁଁ ସେମାନଙ୍କୁ ସେମାନଙ୍କ ପିତାଙ୍କ ପାଖରେ ଛାଡି ତୁରନ୍ତ ଫେରିବାକୁ ପ୍ରତିଜ୍ଞା କରୁଛି । ମୃଗୁଣୀର କାକୁତି ମିନତି ଶୁଣି ଶିକାରୀ ମନରେ ଦୟା ଆସିଲା । ସେହି ମୃଗୁଣୀଟିକୁ ମଧ୍ୟ ସେ ଯିବାକୁ ଦେଲା ।

ଯେତେବେଳେ ସକାଳ ହେବାକୁ ଯାଉଥିଲା, ଠିକ୍ ସେତିକିବେଳେ ଏକ ଶକ୍ତିଶାଳୀ ମୃଗ ଆସିଲା । ଶିକାରୀ ଭାବିଲା ଯେ ସେ ନିଶ୍ଚୟ ତାର ଶିକାର କରିବ । ଶିକାରୀ ତୀର ମାରିବାକୁ ଉଦ୍ୟତ ହେବା ଦେଖି ମୃଗଟି କରୁଣ ସ୍ୱରରେ କହିଲା ଭାଇ ! ଯଦି ତୁମେ ପୂର୍ବରୁ ତିନୋଟି ମୃଗୁଣୀ ଏବଂ ସେମାନଙ୍କର ଛୋଟ ପିଲାମାନଙ୍କୁ ମାରି ଦେଇଛ, ତେବେ ମୋତେ ମଧ୍ୟ ମାରିବାରେ ବିଳମ୍ବ କର ନାହିଁ, ଯାହା ଦ୍ୱାରା ମୋତେ ସେମାନଙ୍କଠାରୁ ବିଚ୍ଛେଦ ହେବାର କଷ୍ଟ ଭୋଗିବାକୁ ପଡିବ ନାହିଁ । ମୁଁ ସେହି ମୃଗୁଣୀମାନଙ୍କର ସ୍ୱାମୀ ଅଟେ । ଯଦି ତୁମେ ସେମାନଙ୍କୁ ଜୀବନ ଦେଇଛ, ତେବେ ଦୟାକରି ମୋତେ ବି କିଛି ମୁହୂର୍ତ୍ତର ଜୀବନ ଦାନ ଦିଅ । ସେମାନଙ୍କୁ ଭେଟିବା ପରେ ମୁଁ ତୁମ ସମ୍ମୁଖରେ ଉପସ୍ଥିତ ହେବି ।

ମୃଗ କଥା ଶୁଣିବା ପରେ ଶିକାରୀ ସବୁ ଘଟଣା ବୁଝିଗଲା । ତା'ପରେ ମୃଗଟି କହିଲା, ମୋର ତିନି ପତ୍ନୀ ଯେପରି ଫେରିବାକୁ ପ୍ରତିଜ୍ଞା କରି ଯାଇଛନ୍ତି, ମୋର ମୃତ୍ୟୁ ପରେ ସେମାନେ ସେମାନଙ୍କର ଧର୍ମ ପାଳନ କରିପାରିବେ ନାହିଁ । ତେଣୁ, ତୁମେ ଯେପରି ସେମାନଙ୍କୁ ବିଶ୍ୱାସ କରି ଛାଡିଛ, ମୋତେ ମଧ୍ୟ ଯିବାକୁ ଦିଅ । ମୁଁ ସମସ୍ତଙ୍କୁ ସାଥୀରେ ଧରି ଶୀଘ୍ର ତୁମ ସମ୍ମୁଖରେ ଉପସ୍ଥିତ ହେବି ।

ଉପବାସ, ରାତି ଉଜାଗର ଏବଂ ଶିବଲିଙ୍ଗ ଉପରେ ବେଲପତ୍ର ପ୍ରଦାନ କରି ଶିକାରୀର ହିଂସାତ୍ମକ ହୃଦୟ ଶୁଦ୍ଧ ଓ ପବିତ୍ର ହୋଇ ଯାଇଥିଲା । ତା' ହୃଦୟରେ ଭଗବତ ଶକ୍ତି ବୃଦ୍ଧି ପାଇଥିଲା । ସେ ଧନୁ ଓ ତୀର ଫିଙ୍ଗିଦେଇ ହରିଣକୁ ଯିବାକୁ ଦେଲା । କିଛି ସମୟ ପରେ ହରିଣଟି ସପରିବାର ଶିକାରୀ ସମ୍ମୁଖରେ ଉପସ୍ଥିତ ହେଲା । ବଣୁଆ ଜନ୍ତୁମାନଙ୍କର ଏପରି ସତ୍ୟବାଦିତା, ଧର୍ମପରାୟଣତା ଏବଂ ସାମୂହିକ ପ୍ରେମ ଦେଖି ଶିକାରୀ ନିଜକୁ ଦୋଷୀ ମନେ କଲା । ତା' ଆଖିରୁ ଧାର ଧାର ଲୁହ ଝରିବାକୁ ଲାଗିଲା । ସେହି ହରିଣ ପରିବାରକୁ ହତ୍ୟା ନକରି ଶିକାରୀ ନିଜର କଠିନ ହୃଦୟ ପରିତ୍ୟାଗ କରି ପଶୁ ଶିକାର ସବୁଦିନ ଛାଡ଼ିଦେଲା ।

ଦେବଲୋକରୁ ଦେବଗଣ ଏହି ଘଟଣାକୁ ଦେଖୁଥିଲେ । ଏପରି କରିବା ଦ୍ୱାରା ଭଗବାନ ଶିବ ପ୍ରସନ୍ନ ହେଲେ ଏବଂ ସଙ୍ଗେ ସଙ୍ଗେ ଶିକାରୀକୁ ଦର୍ଶନ ଦେଇ ସୁଖ ଏବଂ ସମୃଦ୍ଧି ପ୍ରଦାନ କରିଥିଲେ ।


+ ସତ୍ୟବାଦୀ ହାଇସ୍କୁଲ୍,
ଧଣ୍ଡାମାଳ, ବଲାଙ୍ଗିର
ମୋ: ୮୯୧୭୩୯୭୩୪୮



**ଭୋଳାନାଥ ସାହୁ**


# ମହାଶିବରାତ୍ରିର୍ ବ୍ରତ ହେଉ୍ ଜୀବନର୍ ବ୍ରତ

'କର୍ପୂରଗୌର ଂକରୁଣାବତାର
ସଂସାର ସାରଂ ଭୁଜଗେନ୍ଦ୍ର ହାରଂ
ସଦାବସ 'ଂହୃଦୟାର ବିନ୍ଦେ
ଭବାନୀ ସହିତଂ ନମାମି ।'

ଫାଲଗୁନ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ପାଳିତହୁଏ 'ମହାଶିବରାତ୍ରି' । ଭାରତବର୍ଷର ବିଭିନ୍ନ ସ୍ଥାନରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ପବିତ୍ର କ୍ଷେତ୍ରରେ ଏହି ପର୍ବ ବେଶ ଭକ୍ତିପୁତ ଓ ଉଲ୍ଲାସର ସହିତ ପାଳନ କରାଯାଏ । ମହାଶିବରାତ୍ରି ଏମିତି ଏକ ମହାନପର୍ବ ଯାହାକୁ ହିନ୍ଦୁଧର୍ମର ସବୁଠାରୁ ଅଧିକ ଭକ୍ତ ଏକାଗ୍ରତାର ସହିତ ପାଳନ କରିଥାନ୍ତି । ସକରାତ୍ମକ ଭାବେ ଏହିବ୍ରତକୁ ସବୁଦିନ ପାଳନ କଲେ ମଣିଷ ଜୀବନ ମଧୁମୟ ହୋଇଯାଆନ୍ତା । ଏହିପର୍ବରେ ଶିବଭକ୍ତମାନେ ଦିନ ତମାମ ଉପବାସ ପୁର୍ବକ ସାରା ରାତି ଉଜାଗର ରହି ଶିବମନ୍ଦିରରେ ଅଥବା ଗୃହମନ୍ଦିରରେ ନିଷ୍ଠାର ସହିତ ଅଖଣ୍ଡ ଦୀପ ଜାଳିଥାନ୍ତି । ଏକଥା ସତ୍ୟ ଯେ ହିନ୍ଦୁ ଧର୍ମରେ ଯେଉଁ ତ୍ରେତିଶ କୋଟି ଦେବାଦେବୀ ରହିଛନ୍ତି, ସେମାନଙ୍କ ମଧ୍ୟରୁ ଶିବପୂଜନ ଦ୍ୱାରା ତୁରନ୍ତ ମନସ୍କାମନା ପୂର୍ଣ୍ଣହୁଏ ବୋଲି ବିଶ୍ୱାସ ରହିଛି । ମୋଟାମୋଟି ଭାବରେ ଭୋଳାନାଥଙ୍କୁ ସନ୍ତୁଷ୍ଟ କରିବା ପାଇଁ ମହାଶିବରାତ୍ରି ବ୍ରତ ପାଳନ କରାଯାଏ । ବାସ୍ତବରେ ମହାଶିବ ରାତ୍ରି ବ୍ରତ ପାଳନ ପଶ୍ଚାତରେ ବହୁ କିମ୍ବଦନ୍ତୀ ନିହିତ । ଗରୁଡ଼ ପୁରାଣ, ପଦ୍ମପୁରାଣ, ସ୍କନ୍ଧ ପୁରାଣ, ଶିବପୁରାଣ ଓ ଅଗ୍ନିପୁରାଣ ପ୍ରଭୃତିରେ ମହାଶିବରାତ୍ରିର ମହତ୍ୱ ସମ୍ପର୍କରେ ବହୁ ସୂଚନା ମିଳିଥାଏ ।

କଥିତ ଅଛି ନିଷ୍ଠା ଓ ସାଧନା କେବେ ବ୍ୟର୍ଥ ଯାଏନି । ରାଜା ହିମବନ୍ତ ଓ ରାଣୀ ମେନାବତୀଙ୍କ କନ୍ୟା ପାର୍ବତୀ ହିମାଳୟରେ ତପସ୍ୟା ବଳରେ ଦେବଦେବ ମହାଦେବଙ୍କୁ ସନ୍ତୁଷ୍ଟ କରି ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ବିବାହ କରିଥିଲେ । ତେଣୁ କୁମାରୀ ଗଣଉଜାଗର ରହି ଶିବ ପୂଜା କଲେ ପାର୍ବତୀଙ୍କ ପରି ମନସ୍କାମନା ପୂର୍ଣ୍ଣ କରିବାରେ କୃତାର୍ଥ ହୋଇଥାନ୍ତି । ଦ୍ୱିତୀୟତଃ, ଶୈବଭକ୍ତଙ୍କ ମନରେ ଦୃଢ଼ ଧାରଣା ଯେ ଶିବରାତ୍ରି ଦିନ ପ୍ରଭୁ ଭୋଳାଶଙ୍କର ତାଙ୍କର ପ୍ରିୟତାଣ୍ଡବ ନୃତ୍ୟ କରିଥାନ୍ତି । ତୃତୀୟତଃ, ସମୁଦ୍ର ମନ୍ଥନରୁ ନିର୍ଗତ ହଳାହଳକୁ ଦେବଦେବ ମହାଦେବ ଆକୁଣ୍ଠ ପାନ କରି ନିଜର ଭାରସାମ୍ୟ ହରାଇ ଚେତାଶୂନ୍ୟ ହୋଇପଡ଼ିଲେ । ତାଙ୍କର ପ୍ରାଣ ରକ୍ଷାକରିବା ପାଇଁ ସର୍ବ ଦେବାଦେବୀ ମିଳିତହୋଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଚତୁର୍ଥତଃ, କଳିଯୁଗରେ ଭକ୍ତଗଣ କିଂଚିତ ସ୍ୱାର୍ଥ ପୂରଣ ନିମନ୍ତେ ମହାନ ପୁଣ୍ୟ ପ୍ରଣୟକ ଏବଂ ସର୍ବପାପ ବିନାଶକ ଶିବଙ୍କୁ ଆରାଧନା କରିଥାନ୍ତି । ପଂଚମତଃ, ଜ୍ୟୋତିଷ ଶାସ୍ତ୍ର ମତାନୁଯାୟୀ ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ଚନ୍ଦ୍ରମା ସୂର୍ଯ୍ୟଙ୍କ ସମୀପରେ ରହିଥାନ୍ତି । ଫଳରେ ଏହି ସମୟ ଜୀବନରୂପୀ ଚନ୍ଦ୍ରମୟ, ଶିବରୂପୀ ସୂର୍ଯ୍ୟଙ୍କ ସହଯୋଗ ମିଳନ ହୋଇଥାଏ । ଫଳରେ ଭକ୍ତଗଣ ଏହି ଚତୁର୍ଦ୍ଦଶୀରେ ଶିବ ପୂଜାକରିବା ଦ୍ୱାରା ନିଜର ଅଭିଷ୍ଟତମ ଫଳପ୍ରାପ୍ତି ହୋଇଥାନ୍ତି । ଷଷ୍ଠତଃ, ତ୍ରୈଲୋକରେ ଯେଉଁ ଚଳ ଅଥବା ଅଚଳ ଶିବଲିଙ୍ଗ ରହିଛନ୍ତି ଏହି ପବିତ୍ର ରାତ୍ରିରେ ସମସ୍ତ ଶିବଲିଙ୍ଗମାନଙ୍କରେ ଭଗବାନ ଶିବଙ୍କର ଶକ୍ତି ସଂଚାର ହୋଇଥାଏ । ତେଣ ୍ଶିବଭକ୍ତମାନେ ଏହି ଗୋଟିଏ ଦିନ ଉପବାସ ରହି ଶିବପୂଜାକରିବା ଦ୍ୱାରା ବର୍ଷବର୍ଷର ପାପମୋଚନ କରିଥାନ୍ତି । ମହାଶିବରାତ୍ରି ବ୍ରତ ପାଳନ ନାମରେ ମଣିଷ ଯଦି ଅପକର୍ମ ଲିପ୍ତ ହୁଏ, ତେବେ ତାଙ୍କୁ ନର୍କପଥର ଯାତ୍ରୀ ହେବାକୁ ପଡ଼ିଥାଏ । କେହି ଶିବଙ୍କର ତୃତୀୟ ନେତ୍ର ଦୃଷ୍ଟିରୁ ବଂଚିତ ହୁଅନ୍ତି ନାହିଁ ।

ଧ୍ୟାନ ଦେବଦେବ ମହାଦେବଙ୍କ ସନ୍ତୁଷ୍ଟିର ମୁଖ୍ୟ ଉପଚାର । ଏଥିରୁ ବିଚ୍ୟୁତ ଭକ୍ତ ଧ୍ୱଂସାଭିମୁଖୀ ହୋଇପାରେ । କୁହାଯାଇଛି - 'ତପେ ବର, ନହେଲେ କୋପେ ବର ।' ତପ ହିଁ ଶିବ ଆରାଧନାର ମୂଳମନ୍ତ୍ର । ଶିବପୂଜନ ନିମନ୍ତେ ଶୈବଭକ୍ତମାନଙ୍କୁ ମୁଖ୍ୟତଃ ୧୦ଟି ନୀତି ପାଳନ କରିବାକୁ ପଡ଼ିଥାଏ । ପ୍ରତ୍ୟେକ ଶୈବଭକ୍ତ ଏହାକୁ ନିଷ୍ଠାର ସହିତ ପାଳନ କଲେ ମହା ଶିବରାତ୍ରି ବ୍ରତର ମହାତ୍ମ୍ୟକୁ ହୃଦୟଙ୍ଗମକ ରିପାରିବେ । (୧) ଶିବ ପୂଜା ସମୟରେ ଉତର ଦିଗ କିମ୍ବା ପୁର୍ବ ଦିଗକୁ ମୁହଁକରି ବସି ସଂକଳ୍ପ କରିବା ଉଚିତ । (୨) ଭସ୍ମ, ତ୍ରିକୁଟ ଏବଂ ରୁଦ୍ରାକ୍ଷ ମାଳା ଶିବପୂଜନ ସମୟର ମୁଖ୍ୟ ସାମଗ୍ରୀ ଅଟେ । (୩) ଶିବପୂଜା ସମୟରେ ଶିବଭକ୍ତ ଏହା ନିଶ୍ଚିତ ଧାରଣ କରିବା ଆବଶ୍ୟକ । (୪) ଭଗବାନ ଶିବଙ୍କ ପୂଜାରେ ଫାଲ୍‌ଗୁନ ଚତୁର୍ଦ୍ଦଶୀ ତିଥିରେ ଭକ୍ତଙ୍କ ନିମନ୍ତେ ରାଶି କିମ୍ବା ଚମ୍ପାଫୁଲର ପ୍ରୟୋଗ ନିଷେଧ । (୫) ଏହା ସହିତକେଶର, ଦୁବହରିତା, ମାଳତୀ, ଚାମେଲି, କେତକୀ, ଯୁଇ ଫୁଲଚଢ଼ାଇବା ଅନୁଚିତ । (୬) ଶିବ ପୂଜା ସମୟରେ ତାଳି ବଜାଇବା ଉଚିତ ନୁହେଁ । (୭) ଦୁଇଟିଶଙ୍ଖ, ଦୁଇଟି ଚକ୍ରଶିଳା, ଦୁଇଟି ଶିବଲିଙ୍ଗ, ଦୁଇଟି ଗଣେଷ ମୂର୍ତ୍ତି, ଦୁଇଟି ସୂର୍ଯ୍ୟ ପ୍ରତିମା, ତିନୋଟି ଦୁର୍ଗା ପ୍ରତିମା ଏକାଥରକେ ପୂଜା କରାଯାଏ ନାହିଁ । (୮) ପୂଜାଶେଷରେ ଭଗବାନ ଶିବଙ୍କୁ ଅଧା ପରିକ୍ରମା କରାଯାଏ । ଜଳନିକାଶି ନଇ/ କୁଣ୍ଡ ପାଖରୁ ପୁନଃ ପଛକୁ ଫେରିବା ଉଚିତ । (୯) ଶିବଙ୍କ ପୂଜାରେ ବେଲପତ୍ର, ଦୁବ, ତୁଳସୀ ଜଳ ଚଢ଼ାଯାଇଥାଏ । (୧୦) ତୁଳସୀ ବ୍ୟବହାର ଦ୍ୱାରା ମଂଜରୀରେ ପୂଜା ଶ୍ରେଷ୍ଠ ବୋଲି ଗ୍ରହଣ କରାଯାଏ । ଶିବ ଆରାଧନା ଦ୍ୱାରା ମଣିଷକୁ ପ୍ରତ୍ୟେକ କ୍ଷେତ୍ରରେ ବିଜୟ ପ୍ରାପ୍ତି ମିଳିଥାଏ । ଶିବଙ୍କ ଧ୍ୟାନରେ ବିଭିନ୍ନ ଅସାଧ୍ୟ ରୋଗରୁ ମଧ୍ୟ ମୁକ୍ତି ମିଳିଥାଏ । କାରଣ ଶିବ ହେଉଛନ୍ତି ସ୍ୱୟଂ ବୈଦ୍ୟନାଥ । ତାଙ୍କ ପୂଜନରେ ଶରୀରରେ ଅଦ୍ଭୁତବଳ ଓ ସାହସର ଅନୁଭୂତି ମିଳିଥାଏ । ଶିବଙ୍କ ଆରାଧନାରୁ ମଣିଷ ଅକାଳ ମୃତ୍ୟୁଭୟରୁ ମୁକ୍ତି ଲାଭ କରିଥାଏ । କାରଣ ସ୍ୱୟଂ ଶିବମୃତ୍ୟୁଞ୍ଜୟ ଅଟନ୍ତି । ଶିବ ଅନାଶକ୍ତ, ମହାଯୋଗୀ । ତଥାପିସେ ଗୃହସ୍ଥ ସ୍ୱରୂପା । ତେଣୁ ସେ ଗୃହସ୍ଥର ଆଦର୍ଶ । ତାଙ୍କୁ ଆରାଧନା କରିବା ଦ୍ୱାରା ଗୃହସ୍ଥଜୀବନର ଅନୁକୂଳତା ପ୍ରାପ୍ତ ହୁଏ । ଭଗବାନ ଶିବ କୁବେରଙ୍କ ଅଧିପତି । ଲକ୍ଷ୍ମୀ ପ୍ରାପ୍ତି ଯୋଗୁଁ ଶିବ ଆରାଧନା ବିଶେଷ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଭଗବାନ ଶିବ ସୌଭାଗ୍ୟଦାତା । ଶିବଭକ୍ତି ଶତ୍ରୁନାଶର ଶ୍ରେଷ୍ଠ ମହୌଷଧି । ଶିବମଧ ମୋକ୍ଷଲାଭର ଅଧିଷ୍ଠାତା । ସେ ପୁର୍ଣ ଶକ୍ତିସ୍ୱରୂପା । ଶିବହିଁ ମଙ୍ଗଳମୟ । ଅତଏବ ମହାଶିବ ରାତ୍ରି ବ୍ରତ ଯଦି ଜୀବନର ବ୍ରତ ହୋଇଯାଆନ୍ତା, ତେବେ ସଂସାରରୁ ସମସ୍ତ ଦୁଃଖ ଓ ସନ୍ତାପ ଆପଣାଛାଏଁ ଲୋପ ପାଇ ଯାଆନ୍ତା ।


ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ
ଶିକ୍ଷାବିଭାଗ,
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଂଜ
(ମୋ) - ୯୯୩୭୧୫୧୩୧୦

## ସାମ୍ବାଦିକ ଅନ୍ତର୍ଯ୍ୟାମୀ ସାହୁଙ୍କ ପତ୍ନୀ ବିୟୋଗ

ବଲାଙ୍ଗିର, ୨୫/୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ ତଥା ଦେଓଗାଁ ନିବାସୀ ସ୍ୱତନ୍ତ୍ର ବାର୍ତ୍ତାର ସାମ୍ବାଦିକ ଅନ୍ତର୍ଯ୍ୟାମୀ ସାହୁଙ୍କ ଧର୍ମପତ୍ନୀ ଗୌର(୪୩)ଙ୍କ ଭୁବନେଶ୍ୱର ସ୍ଥିତ ଏମ୍ସ ଠାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ପ୍ରାୟ ମାସେ ହେବ ସେ ଚିକିତ୍ସାଧୀନ ଥିବା ବେଳେ ଆଜି ସନ୍ଧ୍ୟାରେ ତାଙ୍କର ଦେହାନ୍ତ ହୋଇଥିବା ଜଣାଯାଇଛି । ଏକମାତ୍ର ପୁଅ ଓମକାରା, ବଡ ଝିଅ ଲକ୍ଷ୍ମୀ ଓ ସାନଝିଅ ନିଲାମା ଥିବା ବେଳେ ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ଜଣାଯାଇଛି । ଶ୍ରୀ ସାହୁଙ୍କ ପତ୍ନୀ ବିୟୋଗରେ ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘ ସମେତ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି ।

## ତିନି ନିର୍ଯାତିତ ମହିଳା ଶ୍ରମିକ ଘରକୁ ଫେରିଲେ

ଗଂଜାମ, ୨୫/୨ (ନି.ପ୍ର): ଆନ୍ଧ୍ରରୁ ତିନିଜଣ ନିର୍ଯାତିତା ମହିଳା ଜିଲା ପୁଲିସ୍ ଓ ପ୍ରଶାସନର ସହାୟତା ରେଘରକୁ ଫେରିଛନ୍ତି । ସେମାନେ ପଶ୍ଚିମ ଗୋଦାବରୀ ଜିଲା ମଂଗଲତୁରୁ ଭାରମା ମେରାଇନ୍ ସଂସ୍ଥାର ଏକ ମହିଳା ହଷ୍ଟେଲ ରହୁଥିଲେ । ଭ୍ରମରପୁର ଗ୍ରାମର ଏହି ତିନି ମହିଳା ବେବିନା ସେଠୀ, ସୁବୁଦ୍ଧି ନାୟକ ଓ ଶ୍ରୀୟା ନାୟକ । ସେମାନଙ୍କୁ କଂପାନୀ ନିର୍ଯାତନା ଦେବା ସହ ପାରିଶ୍ରମିକ ଦେଉନଥିବା ଅଭିଯୋଗ ହୋଇଥିଲା । ଗଂଜାମ ଜିଲ୍ଲା ପ୍ରଶାସନର ଉଦ୍ୟମ ଫଳରେ ଏହି ତିନି ମହିଳାଙ୍କୁ କଂପାନୀ ଛାଡିଛି । ଏବଂ ଗତକାଲି ଏହି ମହିଳାଙ୍କୁ ପ୍ରଶାସନ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ଜିଲ୍ଲାରେ ସେଂଟ୍ରାଲ ନୋଟାରି ଭାବେ ଅନୁମୋଦନ ପାଇଲେ ଆଇନଜୀବୀ ରଞ୍ଜିତ ସାନା

ମାଲକାନଗିରି, ୨୫/୨ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ସେଂଟ୍ରାଲ ନୋଟାରି ପବ୍ଲିକ ଭାବେ ଅନୁମୋଦନ ପାଇଲେ ବରିଷ୍ଠ ଆଇନଜୀବି ରଞ୍ଜିତ ସାନା । ଜିଲ୍ଲାରେ ପ୍ରଥମ ଥର ପାଇଁ ଶ୍ରୀ ସାନା ସେଂଟ୍ରାଲ ନୋଟାରି ପବ୍ଲିକ ଭାବେ ଅନୁମୋଦନ ହାସଲ କରିଥିବା ବେଳେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଜିଲ୍ଲାରେ ପୂର୍ବରୁ କେହି ଏହି ସ୍ଥାନ ପାଇ ନଥିବା ବେଳେ ଶ୍ରୀ ସାନା ଜିଲ୍ଲାର ପ୍ରଥମ ବ୍ୟକ୍ତି ହୋଇଥିବାରୁ ସେ ଆଗକୁ ଲୋକଙ୍କ ପାଇଁ ଆହୁରି ଅଧିକ ସେବା ଯୋଗାଇ ପାରିବେ ବୋଲି ପ୍ରକାଶ କରିଛନ୍ତି । ଏହା ସହ ସେ ଆଉହୁରି ମଧ କହିଛନ୍ତି ଯେ, ପୂର୍ବରୁ ଜିଲ୍ଲାରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ ପାଇଥିବା ଅନେକ ନୋଟାରି ଅଛନ୍ତି, ସେମାନେ ସମସ୍ତେ ଲୋକଙ୍କୁ ବିଭିନ୍ନ ସେବା ଯୋଗାଇ ଆସୁଛନ୍ତି । ଶ୍ରୀ ସାନା ମଧ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଅନୁମୋଦନ ପାଇଥିବା ବେଳେ ସେ ସମସ୍ତ ନୋଟାରିଙ୍କୁ ସହଯୋଗ କରିବେ ଏବଂ ଅନ୍ୟ ମାନଙ୍କ ସହ ମିଳିମିଶି ସରକାରୀ ସ୍ତରରେ ଲୋକଙ୍କୁ ଆହୁରି ଅଧିକ ସେବା ଯୋଗାଇବେ । ତେବେ ଆଗକୁ ମଧ ଏହି ଅନୁମୋଦନ ଜିଲ୍ଲାର ଅନ୍ୟ ମାନଙ୍କୁ ମିଳୁ ବୋଲି ଶ୍ରୀ ସାନା ପ୍ରୟାସ ଓ ସହଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି ।

# ବନଜ୍ୟୋସ୍ନା ସାହିତ୍ୟ ସଂସଦର ପଂଚଦଶ ପୁସ୍ତକ ମେଳା ଓ ସାଂସ୍କୃତିକ ମେଳା ଉଦଯାପିତ

କନ୍ଧମାଳ, , ୨୫/୨ (ନି.ପ୍ର):– ଫୁଲବାଣୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋସ୍ନା ସାହିତ୍ୟ ସଂସଦର ପଂଚଦଶ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ଉଦଯାପିତ ହୋଇଯାଇଛି । ଗତ ୧୨ ତାରିଖରୁ ଆରମ୍ଭହୋଇ, ଦୀର୍ଘ ୧୨ ଦିନ ଧରି ଚାଲିଥିବା ଏହି ମେଳାରେ ବିପୁଳ ଜନସମାଗମ ହେବା ସହିତ ବିଭିନ୍ନ ଦିନମାନଙ୍କରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ତଥା କନ୍ଧମାଳ ଜିଲ୍ଲାରୁ ଅନେକ ସାରସ୍ୱତ ସାହିତ୍ୟିକ ତଥା ସାରସ୍ୱତ ସାଧକ ଯୋଗଦେଇ ତାଙ୍କର ସାହିତ୍ୟର ଭଣ୍ଡାରକୁ ଖୋଲି ଦେଇଥିଲେ ଫୁଲବାଣୀର ସାରସ୍ୱତ ପ୍ରେମୀମାନଙ୍କ ନିକଟରେ । ଉତ୍ସବର ଉଦଯାପନୀ ସଂନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଜିଲ୍ଲା ପ୍ରାଣି ଚିକିତ୍ସା ଅଧିକାରୀ ଡ.ନୀରଦଚନ୍ଦ୍ର କହଁର ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଡ.ଅରୂପ କୁମାର ଜେନା ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ତୀର୍ଥ ଯାନୀ ଯୋଗ ଦେଇଥିଲେ । ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହରୋ ସଭାପତିତ୍ୱ କରିଥିବାବେଳେ, ମୁଖ୍ୟ ସମ୍ପାଦକ ଡ.କାହ୍ନୁଚରଣ ଶତପଥି ପ୍ରାରମ୍ଭିକ ଭାଷଣ ରଖିଥିଲେ । ଅତିଥିମାନେ ଅନୁଷ୍ଠାନର ଦୀର୍ଘ ୩୨ ବର୍ଷର କାର୍ଯ୍ୟଶୈଳୀ ଏବଂ ୧୫ ବର୍ଷର ପୁସ୍ତକ ମେଳାର ଆୟୋଜନ ସହଜସାଧ ନୁହେଁ ଯାହା ବନଜ୍ୟୋସ୍ନା ସାହିତ୍ୟ ସଂସଦ ସୁଚାରୁ ରୂପେ ଏବଂ ନିରନ୍ତର ଭାବରେ କରି ଆସୁଛି ଯାହା ସହଜସାଧ ନୁହେଁ ବୋଲି ଖୁବ ସୁନ୍ଦର ଭାବରେ ବର୍ଣ୍ଣନା କରିବା ସହିତ ଅନୁଷ୍ଠିତ ଭବ୍ୟ ମେଳାର ଲୋକପ୍ରିୟତାକୁ ପ୍ରସଂଶା କରିଥିଲେ ନିଜ ନିଜର ବକ୍ତବ୍ୟରେ । ଏଥିପୁର୍ବରୁ ଅପରାହ୍ନରେ କୁଇ ଭାଷା ସାହିତ୍ୟ ସମିତି ତରଫରୁ ଏକ କୁଇ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ସମିତିର ସଭାପତି ଦୀନବନ୍ଧୁ କହଁର ସଭାପତିତ୍ୱ କରିଥିବାବେଳେ କାର୍ଯ୍ୟକ୍ରମର ଅତିଥି ଭାବରେ ବନଜ୍ୟୋସ୍ନା ସାହିତ୍ୟ ସଂସଦର ସଭାପତି ପ୍ରଶାନ୍ତ କୁମାର ବେହେରା, ସମ୍ପାଦକ ଡ.କାହ୍ନୁଚରଣ ଶତପଥି, କୁଇସମାଜ ସେବା ସମିତିର ସମ୍ପାଦକ ଇଂ.ଅବନି କୁମାର କହଁର, କୁଇ ସମାଜ ସେବା ସମିତି ଫିରିଙ୍ଗିଆର ସଭାପତି ମୁକୁନ୍ଦ କହଁର ପ୍ରମୁଖ ଯୋଗ ଦେଇଥିବାବେଳେ କବି ସମ୍ମିଳନୀରେ, କୁଇ କବି ଅର୍ଜୁନ କହଁର ଏବଂ ବିଶ୍ୱମ୍ଭର କହଁର ସଂଯୋଜନା କରିଥିଲେ । ଏଥିରେ ସମୁଦାୟ ୩୦ ଜଣ କୁଇ କବି ସେମାନଙ୍କର କବିତା ପାଠ କରିଥିଲେ । ପରେ ମୋରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି ଅବସରରେ ମେଳା ପରିସରରେ ଦୀର୍ଘ ୧୦ ଦିନ ଧରି ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ସୁପରିଚାଳନା ଓ ରକ୍ତ ସଂଗ୍ରହ ପାଇଁ ଫୁଲବାଣୀ ରକ୍ତ ଭଣ୍ଡାର ଅଧିକାରୀ ଡ.ଜୟଦୀପ ଘୋଷ ଏବଂ ତାଙ୍କର କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମେଳାରେ ପୁଜ୍ୟପୂଜା କାର୍ଯ୍ୟକ୍ରମ, ୨୨ ତାରିଖ ଦିନ କାର୍ଯ୍ୟକ୍ରମର ଉଦଘାଟକ ଭାବରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ହରିଶ ବିସି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବରେ ପ୍ରଫେସର ସୁନୀଲ ମିଶ୍ର ଏବଂ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ କିଶୋର ଚନ୍ଦ୍ର ମିଶ୍ର ଏବଂ ସମ୍ମାନିତ ଅତିଥି ଭାବରେ ପ୍ରତାପଚନ୍ଦ୍ର ମିଶ୍ର ଏବଂ ଅଧ୍ୟାପକ ମଦନସୁନ୍ଦର କ୍ଷେତି ଯୋଗଦେଇ "ଉତ୍କଳୀୟ ଅସ୍ମିତାରେ ପୂଜ୍ୟ ପୂଜାର ପରମ୍ପରା" ସମ୍ପର୍କରେ ଆଲୋଚନା ଚକ୍ରରେ ବକ୍ତବ୍ୟ ରଖିଥିଲେ । ପରେ ଅତିଥିମାନଙ୍କ ଦ୍ୱାରା, ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ରଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଫୁଲବାଣୀର ବଦାନ୍ୟ ଭିକ୍ଷୁ ତୁଳା ବେହେରାଙ୍କୁ କନ୍ଧମାଳ ଗୌରବ ସମ୍ମାନରେ ସମ୍ମାନିତ କରାଯିବା ସହିତ, ବିସ୍ମୟ ଶିଶୁ ପ୍ରତିଭା(୪ ବର୍ଷ) ଚିନ୍ମୟୀ ସୁବୁଦ୍ଧି, ସାରସ୍ୱତ ଯୁଗଳନ୍ଦୀ ଶ୍ରୀମତୀ ଦିପ୍ତୀମୟୀ ରଥ ଏବଂ ଶ୍ରୀ ପ୍ରହଲ୍ଲାଦ ଲେଙ୍କା, ବିଶିଷ୍ଟ ରକ୍ତଦାତା, ମନୋଜ କୁମାର ମିଶ୍ର,ବିଶିଷ୍ଟ ରକ୍ତଦାତା ପ୍ରୋତ୍ସାହନ କାରୀ ଘୁ.ଉଦୟଗିରିର ନିତ୍ୟସୁନ୍ଦର ଦାସ, ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀମତୀ ପ୍ରମିଳା ଦାସ, ନାରୀ ପ୍ରତିଭା ରିନାରାଣୀ ବେହେରା, ବରିଷ୍ଠନାଗରିକ (୧୦୫ ବର୍ଷ)ବିଶି ମଲ୍ଲିକ ଏବଂ ପାରା ଆଥ୍ଲେଟ୍ ସୁନୀଲ କୁମାର ପରିଡାଙ୍କ ସମେତ ବିଭିନ୍ନ ୨୨ ଜଣ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜୟପାଟଣା ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ

ଭବାନୀପାଟଣା, ୨୫/୨ (ନି.ପ୍ର): ଜୟପାଟଣା ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ଯୋଗଦେଇ ଲୋକଙ୍କର ଆପତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଂଚଳରୁ ଆସିଥିବା ୨୩ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୧୮ ଗୋଟି ଓ ସାମୂହିକ ୫ ଗୋଟି ରହିଥିବା ବେଳେ ୬ ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ଘରଡିହ, ଭତା, ପାନୀୟଜଳ, ରେଶନ କାର୍ଡ, ପୋଲିସ କେସ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି,ଶିଶୁ ସୁରକ୍ଷା, ସାମାଜିକ ସୁରକ୍ଷା, ଜଳସେଚନ, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରଓ୍ୱାନ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ମୀନତିଲତା ଦାସ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଧର୍ମଗଡ଼ ମନୋଜ ବେହେରା, ବ୍ଲକ ଅଧକ୍ଷ ଥବିର ବାଗ, ଜିଲ୍ଲା ପରିଷଦର ସଭ୍ୟ ଅଙ୍ଗଦ ମାଝୀ, ବ୍ଲକ ଉନ୍ନୟନ ଅଧିକାରୀ ଧର୍ମରାଜ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଆ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମି କହଁର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ରଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗୀର ଦ୍ୱାରା ନିଃଶୁଳ୍କ ବ୍ରତୋପନୟନ

ବଲାଙ୍ଗୀର, ୨୫/୨ (ନି.ପ୍ର): – ବ୍ରାହ୍ମଣ ମହାସଭାର ଏକ ବୈଠକ ସ୍ଥାନୀୟ ନରସିଂହ ମନ୍ଦିର ପରିସରରେ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧକ୍ଷତାରେ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରାରମ୍ଭରେ ୩ଥର ଓଁକାର ଧ୍ୱନି ଉଚ୍ଚାରଣ ପରେ ସଂପାଦକ ଜୟରାମ ମିଶ୍ର ପୂର୍ବ ସଭାର ବିବରଣୀ ପାଠ କରିଥିଲେ । ଏହି ସଭାରେ ସମାଜ ଦ୍ୱାରା ନିଃଶୁଳ୍କ ବ୍ରତୋପନୟନ ଆସନ୍ତା ତା.୦୯.୦୪.୨୦୨୫ କରିବା ପାଇଁ ସ୍ଥିର କରାଗଲା । ଇଚ୍ଛୁକ ବ୍ରାହ୍ମଣ ବ୍ୟକ୍ତିମାନେ ଆସନ୍ତା ତା.୩୦.୦୩.୨୦୨୫ ସୁଦ୍ଧା ବ୍ରାହ୍ମଣ ମହାସଭାରେ ଯୋଗାଯୋଗ କରିପାରିବେ । ଏହି ବ୍ରତକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଏକ ପଣ୍ଡିତ କମିଟି ଗଠନ କରାଗଲା । ଆସନ୍ତା ତା.୦୮.୦୪.୨୦୨୫ ଦିନ ଚାରିକର୍ମ ଓ ତା.୦୯.୦୪.୨୦୨୫ ବ୍ରତୋପନୟନ କରାଯିବାକୁ ସ୍ଥିର କରାଗଲା । ବ୍ରତ ପାଇଁ ବିଭିନ୍ନ ଆୟୋଜନ ତଦାରଖ କରିବା ପାଇଁ ଏବଂ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଏକ କମିଟି ଗଠନ କରାଗଲା । କର୍ତାମାନେ ବଟୁମାନଙ୍କ ଆଧାର କାର୍ଡ ଓ ପିତାଙ୍କ ଆଧାରକାର୍ଡ ଦରଖାସ୍ତ ସାଙ୍ଗେ ଦାଖଲ କରିବେ । ଏହି ସଭାରେ ବ୍ରାହ୍ମଣ ମହାସଭାର ଉପଦେଷ୍ଟା ନୀଳମଣି ମିଶ୍ର, କୋଷାଧକ୍ଷ ପର୍ଶୁରାମ ନାୟକ, ସଂଗଠକ ସଂପାଦକ କିଶୋର କୁମାର ପୁରୋହିତ, ନଗର ସଭାପତି ନରେନ୍ଦ୍ର କୁମାର ଆଚାର୍ଯ୍ୟ, ସହ-ସଂପାଦକ ଶୁଭେନ୍ଦ୍ର ନେପାକ, ନଗର ସଂପାଦକ ସଂର୍କିତନ ତ୍ରିପାଠି, ପଣ୍ଡିତ କିଶୋର ମିଶ୍ର, ପଣ୍ଡିତ ଲକ୍ଷ୍ମୀ ପ୍ରସାଦ ଚାନ୍ଦ, ଶ୍ୟାମ ସୁନ୍ଦର ଦାଶ, ଶିବ ଶଙ୍କର ଖୁଆସ, ରଂଜନ ତ୍ରିପାଠି, କିଶୋର ମୋହନ ମିଶ୍ର, ପ୍ରଭୁଦତ ଶତପଥି, ସୁଧିର କୁମାର ତ୍ରିପାଠି, ଶିବ ଶଙ୍କର ରଥ, ବାଳକୃଷ୍ଣ ଷଡ଼ଙ୍ଗୀ, ବିରଂଚି ତ୍ରିପାଠୀ, ଜଗଦିଶ ପ୍ରସାଦ ନାଥ ଆଦି ସଭାରେ ଭାଗ ନେଇଥିଲେ ।

# ନିରଙ୍କାରୀ ମିଶନ୍ ପକ୍ଷରୁ ଶ୍ରୀ ବଳଦେବଜୀଉଙ୍କ ପାଦଧୌତ ପୁଷ୍କରିଣୀ ସଫେଇ

କେନ୍ଦ୍ରାପଡ଼ା, ୨୫/୨ (ନି.ପ୍ର): – କେନ୍ଦ୍ରାପଡାର ଆରାଧ ଦେବ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପାଦଧୌତ ପୁଷ୍କରିଣୀକୁ ଆଜି ଶାଖା ନିରଙ୍କାରୀ ମିଶନ ପକ୍ଷରୁ ସଫେଇ କରାଯାଇଛି । ସଦ୍‌ଗୁରୁ ମାତା ସୁଦୀକ୍ଷା ସବିନ୍ଦର୍ ହରଦେବଜୀଙ୍କ ନିର୍ଦ୍ଦେଶକ୍ରମେ ପ୍ରୋଜେକ୍ଟ ଅମ୍ରିତ୍‌ଧାର ଯୋଜନା ମୁତାବକ ତୁଳସୀକ୍ଷେତ୍ରର ଗୋଡଧୁଆ ପୁଷ୍କରିଣୀ ଠାରେ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଆଳି, ସିଙ୍ଗିରୀ, ଗୌଡବାଡପୁର, ରାଜକନିକା ଓ ସୁବଳା ଅଂଚଳର ଶତାଧିକ ମିଶନ୍ ଅନୁଗାମୀମାନେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବଳଦେବଜୀଉ ଏଣ୍ଡାଉମେଂଟ୍‌ର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରି ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱଚ୍ଛ ପରିବେଶ ଓ ପ୍ରଦୂଷଣମୁକ୍ତ ସମାଜ ଗଠନ ପାଇଁ ଉଦ୍ୟମ କରିବା ଆବଶ୍ୟକ ବୋଲି ବକ୍ତବ୍ୟ ରଖିଥିଲେ ।

## ବାଇକ୍ ଚୋରି ଅଭିଯୋଗରେ ଜଣେ ଗିରଫ

ଜୟପୁର, ୨୫/୨ (ନି.ପ୍ର):- ବାଇକ ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ଧନପୁର ଅଂଚଳର ସେମସେନ ହରିଜନ ଏଲିସ କାତିକ (୧୯ ) ସହ ଜଣେ ନାବାଳକକୁ କାବୁ କରିଛି । ପୋଲିସ ସୂଚନା ଅନୁଯାଇ, ବଡବେଢା ଗ୍ରାମର ପଦନ ମାଝୀ ଗତ ୨୩।୨।୨୫ ତାରିଖରେ ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଗତ ୨ ତାରିଖରେ ରେଡ କଲର ବାଇକ ବଡକାଉଡି ଗ୍ରାମରେ ଗଙ୍ଗାଧର ପାର୍ଗିଙ୍କ ଭୋଜିରେ ରଖିଥିଲେ । ଭୋଜି ସାରି ଆସିବା ବେଳେ ଦେଖିଲେ ତାଙ୍କ ବାଇକ ଚୋରି ହୋଇଛି । ଏନେଇ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।

## ଫେରାର୍ ଅଭିଯୁକ୍ତ ଗିରଫ

ଜୟପୁର, ୨୪ ଫେବୃଆରୀ (ହି.ସ.)- ଫେରାର ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ଏନ. କେ.ଟି ରୋଡର ଏମ କାମେଶ୍ୱର । ସୂଚନା ଅନୁଯାଇ, ଜୟପୁର ଏନ. କେ.ଟି ରୋଡର ଏମ କାମେଶ୍ୱର ନାମରେ ଟାଉନ ଥାନାରେ ୨୦୨୦ ମସିହାରୁ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେ ଫେରାର ଥିବା ବେଳେ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

## ଜାମୁଣ୍ଡା ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର

ଜୟପୁର, ୨୪ ଫେବୃଆରୀ (ହି.ସ.)- ଜୟପୁର ବ୍ଲକ ଅନ୍ତର୍ଗତ ଜାମୁଣ୍ଡା ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ଆଜି ଦିନ ୧୧ଟାରେ ଅନୁଷ୍ଠିତ ହୋଇ ଅପରାହ୍ନ ୨ଟାରେ ଶେଷ ହୋଇଥିଲା । ଏହି ଅଭିଯୋଗ ଶୁଣାଣିରେ ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ ନିଶା, ସହକାରି ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ଏପିଓ ସନ୍ତୋଷି ମହାପାତ୍ର, ଅନ୍ୟ ଲାଇନର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରଙ୍କୁ ରାସ୍ତା ନିର୍ମାଣ , ଡ୍ରେନ, ପାନିୟ ଜଳ ଯୋଗାଣ ସମସ୍ୟା ଆଦି ଅଭିଯୋଗ ଜଣାଇଥିଲେ ।

## ବଲାଙ୍ଗୀର କରାଟେ ସଂଘର ସଫଳତା

ବଲାଙ୍ଗୀର, ୨୫ ଫେବୃଆରୀ (ହି.ସ.) – ସ୍ଥାନୀୟ ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ୩୬ତମ ରାଜ୍ୟ ୨୧ ବର୍ଷ ଓ ବରିଷ୍ଠ ବର୍ଗ ରାଜ୍ୟ କରାଟେ ପ୍ରତିଯୋଗିତା ୨୦୨୫ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗୀର ଜିଲ୍ଲାରୁ ୨ ଜଣ ପୁରୁଷ ଓ ୨ ଜଣ ମହିଳା ମୋଟ ୪ଜଣ ପ୍ରତିଯୋଗି ଅଂଶଗ୍ରହଣ କରିଥିବାବେଳେ ୨୧ ବର୍ଷ ବାଳକ ବିଭାଗ କାତାରେ ପୁରୁଷୋତମ ବାଗ କାଂସ୍ୟ ପଦକ ଓ ଶିବା ସାହୁ କୁମିତିରେ କାଂସ୍ୟ ପଦକ ହାସଲ କରି ଗୌରାବାନ୍ୱିତ କରିଛନ୍ତି । ସୁରେଶ ଚନ୍ଦ୍ର ଜାଲ, ଗୋପାଲ ଦୀପ, ହୃଦୟ ଶବର ଓ ଚନ୍ଦ୍ର ଶେଖର ସେଠ ରେଫେରି ଓ ଜଜ୍‌ର ଦାୟିତ୍ୱ ତୁଲାଇଥିଲେ । ବିଜେତାମାନଙ୍କୁ ମୁଖ୍ୟ ଅତିଥି ପଦକ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଉପଦେଷ୍ଟା ମାନୁଏଲ ନାଗ, ସରୋଜକାନ୍ତ ବେହେରା, ଖେଳପ୍ରେମି ଏବଂ ଅଭିଭାବକମାନେ ଶୁଭେଚ୍ଛା ଜଣାଇଥିଲେ ।

# ଭାରତର ସମସ୍ତ ଭାଷା ହେଉଛି ରାଷ୍ଟ୍ର ଭାଷା : ଅରୁଣ କୁମାର

ନୂଆଦିଲ୍ଲୀ, ୨୫/୨ :– ଭାରତର ସମସ୍ତ ଭାଷା କେହି ପ୍ରାଦେଶିକ ଭାଷା ନୁହନ୍ତି ବରଂ ସମସ୍ତ ଭାଷା ହେଉଛନ୍ତି ରାଷ୍ଟ୍ରୀୟ ଭାଷା । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ ସରକାର୍ଯ୍ୟବାହ ଅରୁଣ କୁମାର ଏହା କହିଛନ୍ତି । ସେ କହିଛନ୍ତି ଯେ, ସମସ୍ତ ରାଜ୍ୟରେ ନିଜର ସରକାରୀ କାମ, ପ୍ରଶାସନ ଓ ବ୍ୟବହାର ନିଜ ନିଜର ଭାଷାରେ ହେବା ଉଚିତ । ରାଷ୍ଟ୍ରୀୟ ସ୍ତରରେ ସହଜର ସହିତ ସମ୍ବାଦ କରିବାକୁ କମନ ନ୍ୟାସନାଲ ଲାଙ୍ଗୁଏଜ ଭାବେ ହିନ୍ଦୀର ବିକାଶ କରାଯାଇ ପାରିବ । କିନ୍ତୁ କାହା ଉପରେ ଏହା ଲଦା ଯିବା ଉଚିତ ନୁହେଁ । ମୁମ୍ବାଇରେ ଆଇଡିଆଜ ଅଫ ଇଣ୍ଡିଆ ନାମରେ ଏକ ଟିଭି ଶୋରେ ପ୍ରଶ୍ନକର୍ତା । ତାଙ୍କୁ ପଚାରିଥିଲେ ଯେ ସଂଘ ରାଷ୍ଟ୍ର ପ୍ରଥମର କଥା କହିଥାଏ । ହେଲେ ଆମ ଦେଶରେ ଅନେକ ରାଜ୍ୟ ଏପରି ଅଛନ୍ତି ଯେଉଁ ମାନେ ରାଜ୍ୟ ପ୍ରଥମ କଥା କହିଥାନ୍ତି । ସେ ପଚାରିଥିଲେ ଯେ ବିଶେଷ ଭାବେ ଭାଷାକୁ ନେଇ ତାମିଲନାଡୁ ବା ପୂର୍ବୋତରର ରାଜ୍ୟ ମାନେ ନିଜ ଭାଷାକୁ ପ୍ରାଥମିକତା ଦେବାକୁ ଚାହାନ୍ତି ।ଆମ ଦେଶରେ ରାଷ୍ଟ୍ରଭାଷା ହିନ୍ନଦୀ । ଏହାକୁ ନେଇ କିଛି ରାଜ୍ୟରେ ବିରୋଧ ହୋଇଥାଏ । ଏ ସମ୍ପର୍କରେ ସଂଘର ଦୃଷ୍ଟିକୋଣ କଣ, କଣ ରାଷ୍ଟ୍ରଭାଷାକୁ ସମସ୍ତ ରାଜ୍ୟ ମାନଙ୍କୁ ଆପଣାଇବା ଜରୁରୀ । ପ୍ରତ୍ୟେକ ରାଜ୍ୟକୁ ଯୋଡିବା ପାଇଁ କଣ ଭାଷାକୁ ଗୋଟିଏ ସୂତ୍ର ହେବା ଉଚିତ । ଏହି ପ୍ରଶ୍ନର ଉତରରେ ଅରୁଣ କୁମାର କହିଥିଲେ ଯେ ଭାଷା କୁ ନେଇ ଯେଉଁ ବିବାଦ ତିଆରି କରାଯାଉଛି ତାହା ଦୁର୍ଭାଗ୍ୟଜନକ । ପ୍ରତ୍ୟେକ ରାଜ୍ୟକୁ ନିଜ ଭାଷାର ବିକାଶ କରିବା ଆବଶ୍ୟକ । ସେଠାକାର ସରକାରୀ କାର୍ଯ୍ୟ, ପ୍ରଶାସନ, ନ୍ୟାୟିକ, ନିମ୍ନ କୋର୍ଟ, ସେଶନ୍ସ କୋର୍ଟ ଓ ହାଇକୋର୍ଟ ସବୁଥିରେ ସେହି ରାଜ୍ୟର ଭାଷାର ବ୍ୟବହାର ହେବା ଉଚିତ । ଦ୍ୱିତୀୟ କଥା ହେଲା ଯେ ଭାରତରେ କୌଣସି ପ୍ରାଦେଶିକ ଭାଷା ନାହିଁ । ଭାରତର ସମସ୍ତ ଭାଷା ହେଉଛନ୍ତି ରାଷ୍ଟ୍ରୀୟ ଭାଷା । ସଂଘର ଦ୍ୱିତୀୟ ସରସଂଘଚାଳକ ଶ୍ରୀଗୁରୁଜୀଙ୍କ ଉଦାହରଣ ଦେଇ ଅରୁଣ କୁମାର କହିଥିଲେ ଯେ ଥରେ ତାମିଲନାଡୁରେ ଶ୍ରୀଗୁରୁଜୀଙ୍କୁ ଜଣେ କେହି ପଚାରିଥିଲା ଯେ କଣ ରାଷ୍ଟ୍ର ଭାଷା ହିନ୍ଦୀ ହେବା ଆବଶ୍ୟକ । ସେତେବେଳେ ଗୁରୁଜୀ କହିଥିଲେ । ନା ଭାରତର ସମସ୍ତ ଭାଷା ହେଉଛନ୍ତି ରାଷ୍ଟ୍ରୀୟ ଭାଷା । ସବୁ ଭାଷାର ଭାବ ହେଉଛି ଏକ । ସବୁଥିରେ ଦେଶର ଭାବ ରହିଛି । କୌଣସି ଭାଷାରେ ରାଜ୍ୟର ବିଚାର ନାହିଁ ବରଂ ସମ୍ପୂର୍ଣରାଷ୍ଟ୍ରର ବିଚାର ରହିଛି । ଅର୍ଥାତ ଆମ ଦେଶରେ ଭାଷା ଅନେକ ରହିଛି ହେଲେ ଭାବ ଏକ । ଏହାକୁ ଦୃଷ୍ଟିରେ ରଖି ସବୁ ଭାଷାର ଉତଥାନ ହେବା ଆବଶ୍ୟକ । ଶ୍ରୀ ଗୁରୁଜୀ କହିଥିଲେ ଯେ ଆମେ ଭାରତକୁ ଏକ ଆଡମିନିଷ୍ଟ୍ରେଟିଭ ସେଟ ଅପ କରିଛୁ, ଯାହାର ପରିଚାଳନା ପାଇଁ ଆମେ ସମସ୍ତ ରାଷ୍ଟ୍ରୀୟ ଭାଷା ମଧ୍ୟରୁ ଗୋଟିଏ କମନ ନ୍ୟାସନାଲ ଲାଙ୍ଗୁଏଜ ନିର୍ଧାରିତ କରିବାକୁ ହେବ । କୌଣସି କାଳଖଣ୍ଡରେ ଏହା ସଂସ୍କୃତ ଥିଲା । ଆଜି ସମୟରେ ଏହା ସମ୍ଭବ ନୁହଁ । ହିନ୍ଦୀ ଏଭଳି ଏକ ଭାଷା ହୋଇ ପାରିବ । ଯଦି ଆପଣ ହିନ୍ଦୀକୁ ନିର୍ଧାରିତ ନ କରିବେ ତେବେ କେହି ନା କେହି କମନ ନ୍ୟାସନାଲ ଲାଙ୍ଗୁଏଜର ସ୍ଥାନ ନେବ । ଯଦି ଏହା ଇଂରାଜୀ ହେବ ତେବେ ତାହା କମନ ନ୍ୟାସନାଲ ଲାଙ୍ଗୁଏଜ ହେବ ନାହିଁ ବରଂ ଏହା କମନ ଫରେନ ଲାଙ୍ଗୁଏଜ ହେବ । ସେ ଭାରତୀୟ ଭାଷା ହୋଇ ପାରିବ ନାହିଁ । ଦ୍ୱିତୀୟ କଥା ହେଲା ଯେ ଶ୍ରୀଗୁରୁଜୀ ସେତେବେଳେ କହିଥିଲେ ଯେ, ଯଦି ଆମେ କୌଣସି ଫରେନ ଲାଙ୍ଗୁଏଜକୁ ନିଜର କମନ ନ୍ୟାସନାଲ ଲାଙ୍ଗୁଏଜ କରି ଦେବା ତେବେ ଆମର ନିଜ ଭାଷାର ଅସ୍ତିତ୍ୱ ମଧ ବିପଦରେ ପଡି ଯିବ ।

# ମଣିପୁରର ରାଜ୍ୟପାଳଙ୍କ ଅପିଲର ପ୍ରଭାବ, ତୃତୀୟ ଦିନରେ ବି ଅସ୍ତ୍ରଶସ୍ତ୍ର ସମର୍ପଣ କଲେ ଲୋକେ

ଇମ୍ଫାଲ, ୨୫/୨ : ମଣିପୁରର ରାଜ୍ୟପାଳ ଅଜୟ କୁମାର ଭଲ୍ଲାଙ୍କ ଅପିଲର ପ୍ରଭାବ ଧୀରେ ଧୀରେ ପଡିବାରେ ଲାଗିଛି । ତାଙ୍କ ଆହ୍ୱାନ ପରେ ଲୋକମାନେ ଅସ୍ତ୍ରଶସ୍ତ୍ର ସମର୍ପଣ କରିବା ଆରମ୍ଭ କରିଛନ୍ତି । ତୃତୀୟ ଦିନରେ ବି ସାଧାରଣ ଲୋକମାନେ ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ ପୋଲିସ ଓ ସେନାକୁ ପ୍ରଦାନ କରିଛନ୍ତି । ସୋମବାର ପୋଲିସ କହିଛି ଯେ ଥୌବଲ ଜିଲ୍ଲାର ଲୋକମାନେ ଏସପି ଅଫିସ, ଥୌବଲ ଥାନା ଅନ୍ତର୍ଗତରେ ଏକ ଏସଏମଜି କାର୍ବାଇନ, ମ୍ୟାଗିଜିନ, ଟିୟର ଗ୍ୟାସ ଗନ, ସ୍ନାଇପର ରାଇଫଲ, ଡବଲ ବ୍ୟାରେଲ ଗନ୍, ସିଙ୍ଗଲ ବ୍ୟାରେଲ ଗନ୍, ପିସ୍ତଲ, ମୋର୍ଟାର ସେଲ, ଆଇଇଡି, ଗ୍ରେନେଡ, ହ୍ୟାଣ୍ଡହେଲ୍ଡ ରେଡିଓ ସେଟ୍ ସମର୍ପଣ କରିଛନ୍ତି ।

# ଭୁତିଆରବାହାଲ ବ୍ଲକ ଘୋଷଣା ଦାବି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବଲାଙ୍ଗୀର, ୨୫/୨ (ନି.ପ୍ର): ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଭୁତିଆରାହାଲ ଗ୍ରା.ପ.କୁ ନୂତନ ବ୍ଲକ ଘୋଷଣା ଦାବି ନେଇ ଭୁତିଆରବାହାଲ ତଥା ଆଖପାଖ ପଡ଼ୋଶୀ ଗ୍ରାମ ପଂଚାୟତ ଜନସାଧାରଣଙ୍କୁ ନେଇ ବିରାଟ ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ଶୋଭାଯାତ୍ରାରେ ପ୍ରାୟ ୬୦ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠି ତଥା ଶହ ଶହ ଜନସାଧାରଣଙ୍କ ଉପସ୍ଥିତିରେ କଳାମଣ୍ଡଳ ପଡ଼ିଆରୁ ବାହାରି ଦାବି ଜଣାଇଥିଲେ । ଯେହେତୁ ଭୁତିଆରବାହାଲ ଗ୍ରାମ ପଂଚାୟତଟି ବଲାଙ୍ଗୀର ବ୍ଲକର ଶେଷ ସୀମାରେ ଅବସ୍ଥିତ । ଏହି ଗ୍ରାମ ପଂଚାୟତ ଉପରେ ଦେଓଗାଁ ବ୍ଲକର ସାରସମାଲ, ଲଣ୍ଡାପଥର, ଧଣ୍ଡାମାଲ, ବଡବନ୍ଧ, ସିକୁଆଁ, ବ୍ରାହ୍ମଣିଯୋର, କୁଡାସିଂହା, ଚିକଲବାହାଲ, ଶିକାଛିଡା, ଶିବତଲା, ବନ୍ଧପଡ଼ା, ସିଂଘାମୁଣ୍ଡା, ଦେଷଣ୍ଡ ଗ୍ରାମ ପଂଚାୟତ ଗୁଡିକ ନିର୍ଭରଶୀଳ ଅଟନ୍ତି ଏବଂ ଭୌଗଳିକ ଦୃଷ୍ଟିକୋଣରୁ କେନ୍ଦ୍ର ସ୍ଥଳରେ ଅଛି । ଏହାକୁ ଦୃଷ୍ଟିରେ ରଖି ଭୁତିଆରବାହାଲ ଗ୍ରା.ପ. ବ୍ଲକ ହେବା ପାଇଁ ଉପଯୁକ୍ତ ସ୍ଥାନ ବୋଲି ଜନସାଧାରଣ ଦାବି କରିଛନ୍ତି । ଜିଲ୍ଲାପାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରିଥିଲେ । ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସମୟରେ ଜନସାଧାରଣଙ୍କ ତରଫରୁ ବ୍ଲକ କ୍ରିୟାନୁଷ୍ଠାନ କମିଟିର ସଭ୍ୟ ଚିନ୍ତାମଣି ଚୌଧୁରୀ, ପ୍ରଦୀପ ଦାଶ, ଶିବ ପ୍ରସାଦ ସାହୁ, ତ୍ରିଲୋଚନ ମଲ୍ଲିକ, ତ୍ରିଭୁବନ ବାରିକ, କୁନା ନାଏକ, ନୀଳ ସେଠ, ଅଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୁଡଭେଲା ବ୍ଲକରେ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ

ବଲାଙ୍ଗୀର, ୨୫/୨ (ନି.ପ୍ର): – ତୁଷୁରା ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ତନ୍ମଧ୍ୟରୁ ୧୩ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ପ୍ରଦାନ କରିବା ପାଇଁ ଚିହ୍ନଟ କରାଯାଇଥିବାବେଳେ ୨ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବା ପାଇଁ ଚିହ୍ନଟ କରାଯାଇଥିଲା । ବଲାଙ୍ଗୀର ମୁଖ୍ୟ ଚିକିତ୍ସାଳୟର ଅପଥାଲମିକ୍ ଆସିଷ୍ଟାଣ୍ଡ ତୁଳସୀ ରାମ ସାହୁ ଓ ମହାନଦୀ ନେତ୍ର ଚିକିତ୍ସାଳୟର ଅପଥାଲମିକ୍ ଆସିଷ୍ଟାଣ୍ଡ ବବଲୁ ସେଠୀ ଚକ୍ଷୁ ପରୀକ୍ଷା କରିଥିଲେ । କାର୍ଯ୍ୟକ୍ରମର ସୁପରିଚାଳନା ନିମିତ ବିଇଓ ନମିତା ରାଣୀ ଭୋଇ, ଏବିଇଓ ସୁରେନ୍ଦ୍ର ସୁନା ଓ ବିପିନ ବାଗ ପରିଦର୍ଶନ କରିଥିଲେ । ସିଏଚ୍‌ସି ଗୁଡଭେଲାର ଫାର୍ମାସିଷ୍ଟ ସୁରଜ କୁମାର ସାହ, ଡା. ସ୍ମରଣିକା ପଣ୍ଡା, ଆର୍‌ବିଏସ୍‌କେ ଗୁଡଭେଲାର ଭାରତୀ କୁମ୍ଭାର, ଶୁଭ୍ରାରାଣୀ ରାଉତରାୟ, ବିଆର୍‌ଟି ଜୁଲଫିକର ଖାନ୍, ଅଶୋକ କୁମାର ସାମଲ ଏବଂ ସ୍ଥାନୀୟ ସ୍କୁଲର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ବିଶ୍ରା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ରାଉରକେଲା, ୨୫/୨ (ନି.ପ୍ର): ବିଶ୍ରା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟଓ୍ୱାନ ମହାଜନ ଓ ରାଉରକେଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ନିତେଶ ଓ୍ୱାଧଓ୍ୱାନୀ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣୀ କରିଥିଲେ । ଆଜି ମୋଟ ୮୩ ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା । ସେଥିମଧ୍ୟରୁ ୩୮ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୪୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଏଥିମଧ୍ୟରୁ ୧୩ ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭ଜଣଙ୍କୁ ୪୭ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଆଜି ଆସିଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ବ୍ରିଜ ନିର୍ମାଣ, ଆବାସ ସମସ୍ୟା, ରାସନ୍ କାର୍ଡ଼ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା । ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ସୁରଂଜନ ସାହୁ, ଡିଏଫ୍‌ଓ ଯଶୋବନ୍ତ ସେଠୀ, ବିଶ୍ରା ଗୋଷ୍ଠି ଉନ୍ନୟନ ଅଧିକାରୀ ଜଗନ୍ନାଥ ହନୁମାନ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସାଇଡ଼ ମରାକୁ ନେଇ ଟ୍ରକ ଚାଳକକୁ ଅପହରଣ କଲେ ବସ କର୍ମଚାରୀ


କୋରେଇ,୨୫।୦୨ (ନି.ପ୍ର): ଏକ ଟ୍ରକ ସାଇଡ଼ ମାରିବାରୁ ଯାତ୍ରୀବାହୀ ବସ କ୍ଷତିଗ୍ରସ୍ତ ହେବା ପରେ ବସର କର୍ମଚାରୀ ମାନେ ଟ୍ରକ ଚାଳକକୁ ଅପହରଣ କରି ନେଇ ଆସିବା ପରେ ଅନ୍ୟ ଏକ ଟ୍ରକ ବସକୁ ପିଛା କରି ପାଣିକୋଇଲି ଆସି ଅପହୃତ ଚାଳକକୁ ମୁକ୍ତ କରିଥିଲେ। ତେବେ କିଛି ସମୟ ପାଇଁ ଉଭୟ ଟ୍ରକ ଓ ବସର କର୍ମଚାରୀଙ୍କ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ଉପୁଜିଥିଲା। ପ୍ରକାଶଯେ ଭୁବନେଶ୍ୱରରୁ ବାରିପଦା ଯାଉଥିବା ଗୋଲକ ବିହାରୀ ନାମକ ଏକ ଘରୋଇ ବସ (ଓଡ଼ି୨୨ପି୩୭୭୨)କୁ ଆଜି ସକାଳେ ଜାରକା ନିକଟରେ ଏକ ଟ୍ରକ ସାଇଡ଼ ମାରିଥିଲା। ଫଳରେ ବସର ବାମ ପଟର କିଛି କାଚ ଭାଙ୍ଗି ଯାଇଥିଲା। ଯାହାକୁ ନେଇ ବସିର କର୍ମଚାରୀ ମାନେ ଉତ୍ୟକ୍ତ ହୋଇ ଟ୍ରକର ଚାଳକ ଓ ଚାବିକୁ ନେଇ ପଳାଇଆସିଥିଲେ। ଏପରିକି ବସ ଭିତରେ ଟ୍ରକର ଚାଳକକୁ ବସର ଖଲାସୀ ଓ କଣ୍ଡକ୍ଟର ମାଡ଼ ମଧ୍ୟ ମାରିଥିଲେ। ତେବେ ଖବର ପାଇ ଅନ୍ୟ ଏକ ଟ୍ରକରେ କିଛି ଚାଳକ ବସକୁ ପିଛା କରି ପାଣିକୋଇଲିରେ ଅଟକାଇଥିଲେ। ଯାହାକୁ ନେଇ ବସର କର୍ମଚାରୀ ଓ ଟ୍ରକ ଚାଳକ ମାନଙ୍କ ଗଣ୍ଡଗୋଳ ପରିସ୍ଥିତି ଉପୁଜିଥିଲା। ପରେ ପାଣିକୋଇଲି ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଂଚିବା ପୂର୍ବରୁ ବସଟି ଚାଳକକୁ ଛାଡ଼ି ଭଦ୍ରକ ଅଭିମୁଖେ ପଳାଇଯାଇଥିଲା।

## ରାସାୟନିକ ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ଟେବୁଲ ଟପ୍ ଏକ୍ସରସାଇଜ ଅନୁଷ୍ଠିତ




ବାଲେଶ୍ୱର, ୨୫/୦୨(ନି.ପ୍ର): ବାଲେଶ୍ୱର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ଆଜି ସକାଳ ୧୦.୩୦ ଘଟିକା ସମୟରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷଠାରେ ଏକ ଟେବୁଲ ଟପ୍ ମକ୍ ଏକ୍ସରସାଇଜ ଆୟୋଜିତ ହୋଇଯାଇଛି। ଶିଳ୍ପ ସମ୍ବନ୍ଧୀୟ ରାସାୟନିକ ବିପର୍ଯ୍ୟୟଗୁଡ଼ିକୁ ମୁକାବିଲା କରିବା ପାଇଁ ଆସନ୍ତା ୨୮ ତାରିଖରେ ବାଲେଶ୍ୱର ଜିଲ୍ଲାର ଇଣ୍ଡିଆନ ବଟଲିଂ ପ୍ଲାଣ୍ଟଠାରେ ମକ୍ ଏକ୍ସରସାଇଜ କରିବା ପାଇଁ ଆଜିର କାର୍ଯ୍ୟକ୍ରମରେ ଆଲୋଚନା କରାଯାଇ ଏହି ପଦକ୍ଷେପକୁ ସୁଚାରୁ ରୂପେ କରି ଶିକ୍ଷଣୀୟ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ଆଇଏଏସ ପ୍ରୋବେସନର ଶ୍ରୀ ଦୁଧାଲ ଅଭିଷେକ ଦିଲ୍ଲୀପ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ସାଇକୃଷ୍ଣ ଜେନାଙ୍କ ସମେତ ଜିଲ୍ଲାର ବିଭିନ୍ନ ବରିଷ୍ଠ ଅଧିକାରୀ ଯୋଗଦେଇ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହାୟତା କରିଥିଲେ।

## ଡ. ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ପ୍ରବନ୍ଧ ପୁସ୍ତକ 'ପ୍ରବନ୍ଧ ପ୍ରବାହ' ଉନ୍ମୋଚିତ




ବାଲେଶ୍ୱର,୨୫।୦୨(ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ବର୍ଷୀୟାନ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ୯୦ତମ ଜନ୍ମତିଥି ଅବସରରେ ତାଙ୍କ ରଚିତ ପ୍ରବନ୍ଧ ପୁସ୍ତକ 'ପ୍ରବନ୍ଧ ପ୍ରବାହ' ଉନ୍ମୋଚିତ ହୋଇଯାଇଛି। ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉନ୍ମୋଚକ ଭାବେ ଯୋଗ ଦେଇ ଡ. ମହାନ୍ତିଙ୍କ ଓଡ଼ିଆ ସାରସ୍ୱତ ଜଗତକୁ ଅବଦାନ ସଂପର୍କରେ ବକ୍ତବ୍ୟ ରଖିବା ସହ ତାଙ୍କ ଦୀର୍ଘଜୀବନ କାମନା କରିଥିଲେ। ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ମୁଖ୍ୟଅତିଥି ଓ 'ଅକ୍ଷାଂଶ' ସଂପାଦକ ଡ. ହରିଶ୍ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପୁସ୍ତକ ସଂପର୍କରେ ଆଲୋଚନା କରିବା ସହିତ ଡ. ମହାନ୍ତିଙ୍କ ବୃତ୍ତିଗତ ଜୀବନ ସଂପର୍କରେ ଅନେକ ଅନାଲୋଚିତ ଦିଗ ସଂପର୍କରେ ଆଲୋକପାତ କରିଥିଲେ। ଶୁଭ ଜନ୍ମ ଦିବସ ଉପଲକ୍ଷେ ପରିଷଦ ସମେତ ଅନେକ ଅନୁଷ୍ଠାନର କର୍ମକର୍ତ୍ତା ମାନେ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ଅଭିନନ୍ଦନ ଜ୍ଞାପନ କରିଥିଲେ ଓ ସମ୍ବର୍ଦ୍ଧନାର ଉତ୍ତରରେ ଡ. ମହାନ୍ତି ସମାଜ ପ୍ରତି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସଂପର୍କରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ପରିଷଦର ସଂପାଦକ ଡ. ରତ୍ନାକର ସିଂହ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିଲେ। କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଦୀନବନ୍ଧୁ ଲେଙ୍କା, ତପନ ରାୟ, ପ୍ରଦୀପ ଚାଟାର୍ଜୀ, ଅରୁଣା ରାୟ, ନିବାରଣ ଜେନା, ରମାକାନ୍ତ ନାୟକ, ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଦୁସ୍ଥ ସାମ୍ବାଦିକଙ୍କୁ ସାକ୍ଷାତ କଲେ ସୁବର୍ଣ୍ଣପୁର ଏସପି

ସୁବର୍ଣ୍ଣପୁର,୨୫।୦୨(ନି.ପ୍ର): ଫୁସଫୁସ୍ ଜନିତ ରୋଗରେ ଦୀର୍ଘ ଦିନଧରି ପୀଡିତ ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ପ୍ରମେୟ ଖବର କାଗଜର କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ତଥା ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖାର ଉପଦେଷ୍ଟା ରାଜକୁମାର ମାହାଣା ବରଗଡ଼ ବିକାଶ ହସ୍ପିଟାଲରୁ ସଫଳ ଚିକିତ୍ସାପରେ ଆରୋଗ୍ୟ ଲାଭ କରି ଘରକୁ ଫେରିଥିବା ବେଳେ ଆଜି ଅପରାହ୍ନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ସାମ୍ବାଦିକଙ୍କ ଘରକୁଯାଇ ସାକ୍ଷାତ କରିବା ସହ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଆରକ୍ଷୀ ଅଧିକ୍ଷକ ଶ୍ରୀ ସାହୁ ଏହି ଅବସରରେ ପ୍ରଶାସନ ପକ୍ଷରୁ ମାହାଣାଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ନିମନ୍ତେ ପ୍ରତିଶ୍ରୁତି ଦେବାସହ ତାଙ୍କର ଆଶୁ ଆରୋଗ୍ୟ କାମନା କରି ବ୍ୟକ୍ତିଗତ ଭାବରେ ଆର୍ଥିକ ସହଯୋଗ ମଧ୍ୟ କରିଥିଲେ। ଆଜି ସନ୍ଧ୍ୟାରେ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ତରଭା ବିଡ଼ିଓ ବରିଷ୍ଠ ସାମ୍ବାଦିକ ଶ୍ରୀ ମାହାଣାଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି ।

## ସ୍ୱର୍ଗତ ବନମାଳୀ ଦାସଙ୍କ ୧୮ତମ ଶ୍ରାଦ୍ଧବାର୍ଷିକୀ ପାଳନ




ନୀଳଗିରି,୨୫।୦୨(ନି.ପ୍ର): ନୀଳଗିରି ଉପଖଣ୍ଡ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ବନମାଳୀ ଭବନ ପରିସରରେ ମଙ୍ଗଳବାର ନୀଳଗିରି ଗଡଜାତ ସ୍ୱାଧୀନତା ଆନ୍ଦୋଳନର ଅନନ୍ୟ ବିନ୍ଧାଣୀ ସ୍ୱର୍ଗତ ବନମାଳୀ ଦାସଙ୍କ ୧୮ତମ ଶ୍ରାଦ୍ଧବାର୍ଷିକୀ ନିରାଡ଼ମ୍ବର ଭାବେ ପାଳନ ହୋଇଯାଇଛି। ବର୍ଷିଆନ କମ୍ୟୁନିଷ୍ଟ ନେତା କୈଳାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ,ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ୨ ମିନିଟ ନୀରବପ୍ରାର୍ଥନା ପରେ, ସଭାକାର୍ଯ୍ୟ ଆରମ୍ଭ ହୋଇଥିଲ। ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ ବନମାଳୀ ଦାସଙ୍କ ଜୀବନୀ ଉପରେ ଆଲୋଚନା କରି କିଭଳି ବନମାଳୀ ବାବୁ ମାତ୍ର ୧୨ବର୍ଷ ବୟସରେ ଇଞ୍ଚୁଡ଼ିର ଲବଣ ସତ୍ୟାଗ୍ରହରେ ସାମିଲ ହେବାଠାରୁ ଆରମ୍ଭକରି ଇଂରେଜ ପ୍ରତିନିଧି ବେଜେଲଗେଟଙ୍କୁ ଯୁକ୍ତିରେ ପରାସ୍ତ କରିବା, ରାଜାଙ୍କ ଦ୍ୱାରା ପ୍ରଚଳନଥିବା ବେଠି ପ୍ରଥା, ଜିଜିଆକର ଭଳି ବିଭିନ୍ନ କୁପ୍ରଥା ବିରୋଦ୍ଧ ରେ ସଂଗ୍ରାମକରି ସଫଳ ହୋଇଥିଲେ ତାହାକୁ ବିସ୍ତୃତ ଭାବରେ ବ୍ୟାଖ୍ୟା କରିଥିଲେ। ଜୋନ ସମ୍ପାଦକ ବିଜୟ କୁମାର ସ, ଅଜୟ କୁମାର ପଟ୍ଟନାୟକ, ସାମ୍ବାଦିକ ନିହାର ରଞ୍ଜନ ଜେନା, ଉମାକାନ୍ତ ମଲିକ, ଅବସରପ୍ରାପ୍ତ ଶିକ୍ଷକ ରବି ନାରାୟଣ ଜେନା, ପ୍ରଭାକର ମହାପାତ୍ର, ସୀତାରାମ ଦାସ, ନାରୀନେତ୍ରୀ ଗାୟତ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ନିଜନିଜର ମନ୍ତବ୍ୟରେ ସ୍ୱର୍ଗତ ବନମାଳୀ ବାବୁ ସ୍ୱାଧୀନତା ପରେ ଜଣେ ଉତ୍ତମ ବିଧାୟକ, ଦରଦୀ ଜନସେବୀ ଭଳି ବହୁ ମୁଖି ପ୍ରତିଭାର ଅଧିକାରୀ ଥିଲେ ବୋଲି ମତ ଦେଇଥିବା ବେଳେ ଶତାଧିକ ନୀଳଗିରିବାସୀ ଏହି ଶ୍ରାଦ୍ଧବାର୍ଷିକୀରେ ଯୋଗଦାନ କରିଥିଲେ ।

## ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନଙ୍କର ଆବଶ୍ୟକତାର ମୂଲ୍ୟାଙ୍କନ ଉପରେ କର୍ମଶାଳା



ଭଦ୍ରକ,୨୫।୦୨(ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଭଦ୍ରକ ଆନୁକୂଲ୍ୟରେ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନଙ୍କର ଆବଶ୍ୟକତାର ମୂଲ୍ୟାଙ୍କନ ଉପରେ ପର୍ଯ୍ୟବେସିତ ଏକ କର୍ମଶାଳା କାଂଜିଆପାଳସ୍ଥିତ ମହାପୁରୁଷ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଡ଼ା ଦେବରାଜ ପାଣିଗ୍ରାହୀ ଯୋଗଦେଇ ଯତ୍ନ ସହାୟତା ଆବଶ୍ୟକ କରୁଥିବା ଶିଶୁମାନେ ଶିଶୁ ଯତ୍ନ ଅନୁଷ୍ଠାନରେ ରହିଥାନ୍ତି । ସେମାନଙ୍କର ସାମଗ୍ରିକ ବିକାଶକୁ ଧ୍ୟାନଦେଇ ଉନ୍ନତିର ପ୍ରତ୍ୟେକ କ୍ଷେତ୍ର ଯଥା - ଶିକ୍ଷା, ସ୍ୱାସ୍ଥ୍ୟ ଓ କର୍ମନିଯୁକ୍ତି ସମ୍ବନ୍ଧୀୟ ଆବଶ୍ୟକ ଶିକ୍ଷା ଇତ୍ୟାଦି ଦିଗ ପ୍ରତି ଧ୍ୟାନ ଦେଇ ସେଥିନିମି କାର୍ଯ୍ୟକରିବା ପାଇଁ ପରାମର୍ଶ ଦେଇଥିଲେ ଓ ସରକାରଙ୍କ ଦ୍ୱାରା ପ୍ରଣତି ନିୟମକୁ ମଧ୍ୟ ଧ୍ୟାନ ଦେଇ କାର୍ଯ୍ୟକରିବା ଆବଶ୍ୟକ । କର୍ମଶାଳାରେ ସମ୍ମାନୀତ ଅତିଥିଭାବେ ଆଶ୍ରମର ସଭାପତି ନକୁଳ ଚରଣ ଶାସ୍ତ୍ରୀ ଯୋଗ ଦେଇ କହିଥିଲେ ମହାପୁରୁଷ ଶିଶୁ ଯତ୍ନ ଅନୁଷ୍ଠାନ ଶିଶୁମାନଙ୍କ ପ୍ରତି ନିଜର କର୍ତ୍ତବ୍ୟରେ ସର୍ବଦା ଗୁରୁତ୍ୱ ଦେଇଥାଏ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଏହିପରି କର୍ମଶାଳାରେ ଆୟୋଜନ ଅତ୍ୟନ୍ତ ପ୍ରଶଂସନୀୟ । କର୍ଯ୍ୟକ୍ରମର ଦ୍ୱିତୀୟର୍ଦ୍ଧରେ ବିଷୟ ବିଶାରଦ ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ପୂର୍ବତନ ସଦସ୍ୟ ସତ୍ୟ ସୁନ୍ଦର ପୁହାଣ ଯୋଗଦେଇ ଶିଶୁମାନଙ୍କର ଆବଶ୍ୟକତାର ମୂଲ୍ୟାଙ୍କନ ନିମିତ୍ତ ବିଭିନ୍ନ ଦିଗ ଯଥା ଶାରିରୀକ, ମାନସିକ, ଶିକ୍ଷା, ବ୍ୟକ୍ତିତ୍ୱ ବିକାଶ, କର୍ମ ସଂସ୍ଥାନ ଓ ସରକାରୀ ସୁବିଧା ପ୍ରାପ୍ତି ନିମିତ୍ତ ଆବଶ୍ୟକ ଦସ୍ତାବିଜ୍‌ର ଆୟୋଜନ ଇତ୍ୟାଦି ଉପରେ ଗୁରୁତ୍ୱରୋପ କରିଥିଲେ । ଅନୁଷ୍ଠାନରେ କାର୍ଯ୍ୟରତ ପ୍ରତ୍ୟେକ କର୍ମଚାରୀ ଉପରୋକ୍ତ ଆବଶ୍ୟକତାକୁ ଧ୍ୟାନ ଦେଇ କାର୍ଯ୍ୟ କରିବା ନିମିତ୍ତ ପରାମର୍ଶ ଦେଇଥିଲେ । କର୍ମଶାଳାର ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଶ୍ୱ ନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଅନୁଷ୍ଠାନର କର୍ମଚାରୀମାନେ ପ୍ରଶିକ୍ଷଣରେ ଦିଆଯାଉଥିବା ସୂଚନାକୁ କାର୍ଯ୍ୟକାରୀ କରିବା ନିମିତ୍ତ ଯତ୍ନବାନ ହେବା ଆବଶ୍ୟକ । ଏହି କର୍ମଶାଳାରେ ଭଦ୍ରକ ଜିଲ୍ଲାର ୯ ଗୋଟି ଶିଶୁଯତ୍ନ ଅନୁଷ୍ଠାନ ଯଥା ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ମହାପୁରୁଷ ଆଶ୍ରମ, ଯୋଗୀରଷି ଲଚ୍ଛମନ ଦାସ ଶିଶୁ ଆଶ୍ରମ, ଉକ୍ଳମଣି ଦରିଦ୍ର ନାରାୟଣ ସେବା ମନ୍ଦିର, ଶାନ୍ତି ଆଶ୍ରମ, ମାନବ ସେବା କନ୍ୟାଶ୍ରମ, ଫେଲୋସିପ୍, ବାତ୍ସଲ୍ୟ ଓ ଆସିୟାନା ଓପନ ସେଲ୍‌ଟରର କର୍ମକର୍ତ୍ତା ଯଥା ଅଧିକ୍ଷକ, କାଉନ୍‌ସେଲର, ପ୍ରୋବେସନ ଅଧିକାରୀ, ଗୃହମାତା ଓ ପିତା, ପାରାମେଡ଼ିକାଲ ଷ୍ଟାଫ୍ ଇତ୍ୟାଦି ଯୋଗଦେଇ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ମହାପୁରୁଷ ଆଶ୍ରମର ଆକାଶ ଚନ୍ଦ୍ର ପୃଷ୍ଟି, ଦେବୀସ୍ମିତା ମହାନ୍ତି ଓ ସତ୍ୟଦେବ ପାତ୍ର ଇତ୍ୟାଦି ସହଯୋଗ କରିଥିଲେ । ଶେଷରେ ଆଶ୍ରମର ପ୍ରୋବେସନ୍ ଅଧିକାରିଣୀ ଦେବୀସ୍ମିତା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

## ଏସଡିପିଓ ଜ୍ୟୋତି ରଂଜନଙ୍କ କାର୍ଯ୍ୟଭାର ଗ୍ରହଣ

କେନ୍ଦ୍ରାପଡ଼ା,୨୫।୦୨(ନି.ପ୍ର): କେନ୍ଦ୍ରାପଡାର ନୂତନ ଏସଡିପିଓ ଭାବେ ବରିଷ୍ଠ ପୋଲିସ ଅଧିକାରୀ ଜ୍ୟୋତି ରଂଜନ ଗୌଡ ଆଜି କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ ପୂର୍ବରୁ କଟକ ମୁଖ୍ୟାଳୟ ରେ ଏଚଆରପିସି ଡିଏସପି ଭାବେ କାର୍ଯ୍ୟରତ ଥିଲେ । ଏଠାରେ ପୂର୍ବରୁ ଥିବା ଏସଡିପିଓ ଦେବେନ୍ଦ୍ର କୁମାର ମଲିକ କୋରାପୁଟ ର ନନ୍ଦପୁର ଏସଡିପିଓ ଭାବେ ବଦଳି ହୋଇଥିବାରୁ ଶ୍ରୀ ଗୌଡ ତାଙ୍କ ସ୍ଥାନରେ ମଙ୍ଗଳବାର ଏସଡିପିଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସର ରେ ତାଙ୍କୁ ରଂଜନ କୁମାର ସାହୁ, ଦୁର୍ଗାପ୍ରସାଦ ପତି, ସନ୍ତୋଷ ପୋଥାଳ ପ୍ରମୁଖ ଗଣମାଧମ ପ୍ରତିନିଧିମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅଭିନନ୍ଦନ ଜଣଇଥିଲେ ।


### ଏସ୍.ଇ. ରେଳବାଇ ଟେଣ୍ଡର

ଟେଣ୍ଡର ନୋଟିସ୍ ନମ୍ବର (ଆଇ) ୧୧୪-ଇଏଲସି-ଜି-କେଜିପି- ୨୪-୨୫-୪୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ବରିଷ୍ଠ ବିଭାଗୀୟ ବୈଦ୍ୟୁତିକ ଇଞ୍ଜିନିୟର (G), ଏସ୍. ଇ. ରେଳବାଇ, ଖଡ଼ଗପୁର- ୭୨୧୩୦୧, ନିର୍ଦ୍ଦିଷ୍ଟ ଦିନର ୧୨:୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। କାର୍ଯ୍ୟର ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳବାଇ (ଫେଜ୍ -୧) (ଖଡ଼ଗପୁର ଡିଭିଜନ ଅଂଶ) ଉପରେ ପାରମ୍ପରିକ ପଙ୍ଖା ପାଇଁ ଶକ୍ତି ସଂରକ୍ଷଣକାରୀ ବିଏଲଡିସି ପଙ୍ଖାର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ୨୨,୩୩,୯୦୮.୭୪। ବିଡ୍ ସିକ୍ୟୁରିଟି/ଇ.ଏମ୍.ଡି.: ୪୪,୭୦୦/-। ଖୋଲିବାର ତାରିଖ ୧୯.୦୩.୨୦୨୫। ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: କୌଣସି ସମାପ୍ତି ଅବଧି: ଗ୍ରହଣ ପତ୍ର ପ୍ରଦାନ ତାରିଖରୁ କ୍ରମ ସଂଖ୍ୟା (i) ପାଇଁ ୧୨ ମାସ। ଦାଖଲ ତାରିଖ: ୧୯.୦୩.୨୦୨୫ ଦିନ ୧୨:୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଟିପ୍ପଣୀ: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍ରଦାତାମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ। (PR-1172)


### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆମେରିକାର ୟୁଟର୍ଣ୍ଣ :...

ଉତରକୋରିଆ ସମେତ ଅନ୍ୟ ୧୪ଟି ରାଷ୍ଟ୍ର ରୁଷକୁ ସମର୍ଥନ କରିଥିଲେ । ରଷ --ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବାପରଠାରୁ ପ୍ରଥମଥର ପାଇଁ ଆମେରିକା ରଷ ସମର୍ଥନରେ ବାହାରିଛି । ଯୁଦ୍ଧ ପାଇଁ ଏକ ପାଖିଆ ହୋଇ ମସ୍କୋକୁ ଦାୟୀ କରାଯାଇପାରିବନି ବୋଲି ରାଷ୍ଟ୍ରପତି ଟ୍ରମ୍ପ ମତ ଦେଇଛନ୍ତି ।ଏପରିକି ୟୁକ୍ରେନ ରାଷ୍ଟ୍ରପତି ଭ୍ଲୋଦମିର ଜେଲେନସ୍କିଙ୍କୁ ଏକଛତ୍ରବାଦୀ ବୋଲି ଟ୍ରମ୍ପ ଅଭିହିତ କରିଛନ୍ତି । ଗତ ୩ବର୍ଷ ଧରି ରଷ -ୟୁକ୍ରେନ ଯୁଦ୍ଧରେ ଉଭୟ ଦେଶର ବ୍ୟାପକ ଧନଜୀବନ ହାନି ହୋଇଛି । ତତକାଳୀନ ବାଇଡେନ ସରକାର ଏହି ଯୁଦ୍ଧରେ ଜେଲେନସ୍କିକୁ ସମର୍ଥନ କରି ଅର୍ଥଶସ୍ତ୍ର ସହାୟତା ଦେଉଥିଲେ ମାତ୍ର ଟ୍ରମ୍ପ କ୍ଷମତାକୁ ଫେରିବା ପରେ ୟୁକ୍ରେନ ପ୍ରତି ଆମେରିକାର ମତିଗତି ବଦଳିବା ଆରମ୍ଭ ହୋଇଛି । ଯାହାକୁ ଦେଖି ଯୁଦ୍ଧ ବନ୍ଦ ଓ ୟୁକ୍ରେନରେ ଶାନ୍ତି ପ୍ରତିଷ୍ଠା ପାଇଁ ରାଷ୍ଟ୍ରପତି ପଦରୁ ଓହରିଯିବାକୁ ପ୍ରସ୍ତୁତ ବୋଲି ଜେଲେନସ୍କି କିଛି ଦିନ ତଳେ ଘୋଷଣା କରିଥିଲେ । ନିର୍ବାଚିତ ହେବାପରଠାରୁ ରଷ ସମ୍ବନ୍ଧିତ ନିଜ ମତ ପରିବର୍ତ୍ତନ କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ପ୍ରସ୍ତାବକୁ ବିରୋଧ କରିଥିଲେ । ପ୍ରସ୍ତାବ ସପକ୍ଷରେ ୯୩ଟି ଭୋଟ ପଡ଼ିଥିଲା । ବିପକ୍ଷରେ ଆସିଥିଲା ୧୮ଟି ଭୋଟ । ଭାରତ ଓ ଚୀନ ସମେତ ୬୫ ଦେଶର ଭୋଟରୁ ନିଜକୁ ଦୂରେଇ ରଖିଥିଲେ ଆମେରିକା ସମେତ ଇସ୍ରାଏଲ, ଉତ୍ତରକୋରିଆ ସମେତ ଅନ୍ୟ ୧୪ଟି ରାଷ୍ଟ୍ର ରୁଷକୁ ସମର୍ଥନ କରିଥିଲେ ।

### ହଟ୍ଟଗୋଳ କରି ସସପେଣ୍ଡ ହେଲେ...

ଏବେ ରଦ୍ଦ ହୋଇଥିବା ୨୦୨୧-୨୨ର ଏହି ଅବକାରୀ ନୀତି ଘୋଟାଲାରେ ଆପର ବହୁ ବରିଷ୍ଠ ନେତା ଗିରଫ ହୋଇ ଜେଲ୍ ଯାଇଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍, ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଓ ସାଂସଦ ସଞ୍ଜୟ ସିଂହ ଏହି ଦୁର୍ନୀତିରେ ଜଡିତ ଥିବା ଅଭିଯୋଗରେ ଜେଲ୍ ଯାଇଛନ୍ତି । ଏହି ଅବକାରୀ ନୀତି ଦ୍ୱାରା ସରକାରଙ୍କର ୨୦୦୦ କୋଟି ଟଙ୍କା କ୍ଷତି ହୋଇଥିବା ଏହି ରିପୋର୍ଟରେ ଦର୍ଶାଯାଇଛି । ତେବେ ଧାରଣାରେ ବସିଥିବା ଆପ୍ ବିଧାୟକମାନେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଅଫିସରୁ ସମ୍ବିଧାନ ପ୍ରଣେତା ବି.ଆର୍.ଆମ୍ବେଦକରଙ୍କ ଫଟୋ କଢ଼ାଯିବା ଘଟଣାକୁ ନେଇ ଆମେ ଧାରଣାରେ ବସିଛୁ । ତେବେ ଉପସ୍ଥାପିତ ହୋଇଥିବା ସିଏଜି ରିପୋର୍ଟରେ କୁହାଯାଇଛି ଯେ, ଏହି ଅବକାରୀ ନୀତି ପ୍ରଣୟନ ବେଳେ ବିଶେଷଜ୍ଞ କମିଟିର ରିପୋର୍ଟକୁ ଅଣଦେଖା କରିଥିଲେ ଆପ୍ ସରକାର ।

### ପ୍ରୟାଗ 'ମହାକୁମ୍ଭ'ରେ...

କୋଟିଏରୁ ଅଧିକ ଶ୍ରଦ୍ଧାଳୁ ଅପେକ୍ଷା କରିଛନ୍ତି । ଜାନୁଆରୀ ୧୩, ପୌଷ ପୂର୍ଣ୍ଣିମାର ପବିତ୍ର ସ୍ନାନ ଯୋଗରୁ ତୀର୍ଥରାଜ ପ୍ରୟାଗର ସଂଗମ ତଟରେ ଶୁଭାରମ୍ଭ ହୋଇଥିଲା ମହାକୁମ୍ଭ ୨୦୨୫ । ଏଥର ୬ଟି ସ୍ନାନ ଯୋଗରୁ ୩ଟି ଥିଲା ସାହି ସ୍ନାନ- ମକର ସଂକ୍ରାନ୍ତି, ମୌନି ଅମାବାସ୍ୟା ଓ ବସନ୍ତ ପଞ୍ଚମୀ । ମେଳାକୁ ଆସିଥିଲେ ନାଗା, ଜୁନା, ନିର୍ମୋହୀ, ମହାନିର୍ବାଣୀ, ଅଟଳ ଓ କିନ୍ନର ଭଳି ୧୩ଟି ପ୍ରମୁଖ ଆଖଡ଼ାର ଲକ୍ଷ ଲକ୍ଷ ସାଧୁ ଓ ଦେଶ-ବିଦେଶରୁ କୋଟି କୋଟି ଶ୍ରଦ୍ଧାଳୁ । ସେଲିବ୍ରିଟିଙ୍କର ବି ଲାଗିଥିଲା ଲମ୍ବା ଲାଇନ୍ । ଶହ ଶହ ରାଜନେତା ଓ ସିନେଷ୍ଟାର ଛୁଟିଥିଲେ ପ୍ରୟାଗରାଜ । ଫେବୃଆରୀ ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ୧୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପକାଇଥିଲେ ଆସ୍ଥାର ବୁଡ଼ । ସେମିତି ଗୃହମନ୍ତ୍ରୀ ଅମିତ୍ ଶାହ, ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, ବହୁ କେନ୍ଦ୍ରମନ୍ତ୍ରୀ ଏବଂ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ବି ସ୍ନାନ କରି ଗଙ୍ଗାଙ୍କୁ ପୂଜନ କରିଛନ୍ତି । ଦୁଇ ଦିନ ତଳେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଗତକାଲି ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ ଓ ଆଜି ରାଜ୍ୟପାଳ ହରିବାବୁ କମ୍ଭମପାଟି ବି କରିଛନ୍ତି କୁମ୍ଭ ସ୍ନାନ । ସିନେଷ୍ଟାରଙ୍କ ଭିତରେ ଭିକି କୌଶଲ, କାଟ୍ରିନା କେଫ୍, ଅକ୍ଷୟ କୁମାର, ରବିନା ଟଣ୍ଡନ ଓ ତାଙ୍କ ଝିଅ ରାସା, ଅନୁପମ ଖେର୍, ତମନ୍ନା ଭାଟିଆ ଆଦି ବୁଡ଼ ପକାଇଛନ୍ତି । ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀ ବି ସପରିବାର କରିଥିଲେ ସଂଗମ ସ୍ନାନ । ତେବେ ଏତେ ସବୁ ମହା ଆୟୋଜନ ଭିତରେ ମେଳା ପରିସରରେ ବିଭିନ୍ନ ସମୟରେ ୫ଟି ଛୋଟବଡ଼ ଅଗ୍ନିକାଣ୍ଡ ଘଟିଛି । ହେଲେ ମହାକୁମ୍ଭ ମେଳାର ଭବ୍ୟ ଛବିକୁ ସାମାନ୍ୟ ମଳିନ କରିଥିଲା ମୌନୀ ଅମାବାସ୍ୟା ପୂର୍ବ ରାତିର ଦଳା ଚକଟା । ଯେଉଁଥିରେ ୩୦ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିଲା । ଏତେସବୁ ସତ୍ତ୍ୱେ ବି ଶ୍ରଦ୍ଧାଳୁଙ୍କ ମନର ମହାକୁମ୍ଭ କ୍ରେଜ୍ କମିନଥିଲା । ସଫଳ ଆୟୋଜନ ପାଇଁ ଯୋଗୀ ସରକାରଙ୍କୁ ସବୁ ଆଡୁ ପ୍ରଂଶସା ମିଳୁଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କିନ୍ତୁ କିଛି ବିଶୃଙ୍ଖଳାକୁ ଆକ୍ଷେପ କରି ମହାକୁମ୍ଭ 'ମୃତ୍ୟୁକୁମ୍ଭ'ରେ ପରିଣତ ହୋଇଥିବା କହିବାକୁ ପଛାଇନଥିଲେ ।

## ଜନଶୁଣାଣୀ କାର୍ଯ୍ୟକ୍ରମର ଦିନକ ମଧ୍ୟରେ ସହାୟତା ପାଇଲେ ମହିଳା

### ସ୍ୱାମୀଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ବାବଦ ଚେକ୍ ପ୍ରଦାନ କଲେ ବିଧାୟକ

ବାଲେଶ୍ୱର:,୨୫।୦୨(ନି.ପ୍ର): ଜନସାଧାରଣଙ୍କ ନିକରେ ପ୍ରଶାସନକୁ ପହଞ୍ଚାଇବା ତଥା ସେମାନଙ୍କ ସମସ୍ୟା ସମାଧାନ କରିବାରେ ବେଶ ଫଳପ୍ରଦ ସାବ୍ୟସ୍ତ ହୋଇଛି ବିଧାୟକଙ୍କ ଜନ ଶୁଣାଣୀ କାର୍ଯ୍ୟକ୍ରମ । ଏହି କ୍ରମରେ ବାଲେଶ୍ୱର ପୌରପାଳିକା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜନୈକ ମହିଳା ନିଜ ସ୍ୱାମୀଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ଆବେଦନ କରିବାର ଦିନକ ମଧ୍ୟରେ ସରକାରୀ ସହାୟତା ପାଇଛନ୍ତି। ପୌରପାଳିକା ଅନ୍ତର୍ଗତ ୧୫ନଂ ୱାର୍ଡ଼ର ମିନତୀ ଜେନା ଭୁବନେଶ୍ୱରରେ ଚିକିତ୍ସାଧୀନ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ ପାଇଁ ବିଧାୟକଙ୍କ ନିକଟରେ ଆବେଦନ କରିଥିଲେ। ସରକାରଙ୍କ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ମାଧ୍ୟମରେ ସ୍ୱାମୀଙ୍କ ଚିକିତ୍ସା ଚାଲିଥିବା ବେଳେ ଅଧିକ ଅର୍ଥର ଆବଶ୍ୟକତା ଥିବା ମିନତୀ ଦର୍ଶାଇଥିଲେ । ତାଙ୍କର ଆବେଦନକୁ ଗୁରୁତ୍ୱ ଦେଇ ଜିଲ୍ଲା ପ୍ରଶାସନ ସହ ଆଲୋଚନା ପରେ ବିଧାୟକ ଶ୍ରୀ ଦତ୍ତ ତୁରନ୍ତ ମିନତୀଙ୍କ ପାଇଁ ଆର୍ଥିକ ସହୟତା ବ୍ୟବସ୍ଥା କରିଥିଲେ । ସେହିକ୍ରମରେ ବିଧାୟକଙ୍କ କାର୍ଯ୍ୟାଳୟରେ ମିନତୀଙ୍କୁ ଜିଲ୍ଲା ପ୍ରଶାସନ ପ୍ରଦତ୍ତ ୧୫ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ତୃଣମୂଳସ୍ତରରେ ସାଧାରଣ ଜନତାଙ୍କ ସମସ୍ତ ସମସ୍ୟାର ତ୍ୱରିତ ସମାଧାନ ପାଇଁ ରାଜ୍ୟର ମୋହନ ମାଝୀ ସରକାର ଦୃଢ଼ ପ୍ରତିବଦ୍ଧ । ଜନସାଧାରଣ ସାମନା କରୁଥିବା ପ୍ରତ୍ୟେକ ସମସ୍ୟା ସମ୍ପର୍କରେ ଅବଗତ ହେବା ଜନଶୁଣାଣୀ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି ଭଳି କାର୍ଯ୍ୟକ୍ରମ ଦ୍ୱାରା ପ୍ରଶାସନର କାର୍ଯ୍ୟଶୈଳୀକୁ ଅଧିକ ଜନକେନ୍ଦ୍ରିକ କରାଯାଇପାରିବ ବୋଲି ବିଧାୟକ ଶ୍ରୀ ଦତ୍ତ ଆଶା ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ... ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।


GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION No-II, KEONJHAR

E-mail: eerw_kjr2@yahoo.com

**Notice of Procurement Notice**
**Identification No Online NCB - 10/2024-25.**

1. Name of the Work : 20 Nos. Roads & 11Nos. Buildings Works
2. Total Number of Work : 31 Nos.
3. Estimated Cost : Upto Rs. 2.00 Lakhs (Approx.)
4. Class of Contractor : 'D' & 'C' Class
5. Period of Completion : As per annexure of Procurement Notice No.10/2024-25

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road & Building Online NCB No. 10 | Dt.27.02.25 at 11.30 A.M. | Dt.01.03.25 up to 4.00 P.M. | Dt.28.02.25 up to 5.00 P.M. | Dt.03.03.2025 at 11.30 P.M. |

Further details can be seen from the Website www.tenderorissa.gov.in"

Executive Engineer
R.W.Divn. No-11, Keonjhar

OIPR : 25093/11/0012/2425

ଧ୍ୱନି ପ୍ରତିଧ୍ୱନି

# ଉଦଳା ଆଇ.ଟି.ଡ଼ି.ଏ. ସମ୍ପୂର୍ଣ୍ଣ ନୀରବ ରହିବାର ଫଳ

**ଦିନମଜୁରିଆ ଆଦିବାସି ପରିବାର ଖାଦ୍ୟ ସୁରକ୍ଷାରୁ ବଂଚିତ**

ଉଦଳା ତା.୨୫/୦୨(ନି.ପ୍ର)- କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ମହୁଲପଙ୍କା ଗ୍ରାମରେ ବସବାସ କରୁଥିବା ଏକ ଆଦିବାସି ପରିବାର ଖାଦ୍ୟ ସୁରକ୍ଷା ଯୋଜନାରୁ ସମ୍ପୂର୍ଣ୍ଣ ବଂଚିତ ଥିବାର ଅଭିଯୋଗ ହୋଇଛି । ଉକ୍ତ ପରିବାରର ସଦସ୍ୟ ମାନେ ହେଲେ ବେର୍ଗା ହୋ ଓ ତାଙ୍କର ସହଧର୍ମିଣି ସୁନି ହୋଙ୍କ ସହିତ ପୁତ୍ର 'କାର୍ତିକ' ଓ କନ୍ୟା 'ସୁଭି' ମୋଟ ୪ ଜଣ ଅଟନ୍ତି । ଦିନମଜୁରିଆ ଭାବରେ କାମ କରି ନିଜ ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାରଟି ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିବା ଫଳରେ ସରକାର ମୁଣ୍ଡପିଛା ଯୋଗାଇ ଦେଉଥିବା ୫ କିଗ୍ରା ଚାଉଳ ପାଇପାରୁ ନାହାଁନ୍ତି । ତେବେ ଏହିଭଳି ଏକ ଗରିବ ପରିବାର ଖାଦ୍ୟ ସୁରକ୍ଷା ଯୋଜନାରୁ କାହିଁକି ବାଦ ପଡ଼ିଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସି ଉନ୍ନୟନ ସଂସ୍ଥାର ନିରବତା ହିଁ ଏହାର ମୂଳ କାରଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜନଜାଗୃତି ମଂଚ ତରଫରୁ ଦାବି ହୋଇଛି ।



# ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ବେତନଟୀ,୨୫।୦୨(ନି.ପ୍ର): ବେତନଟୀ ବ୍ଲକ୍ ଆୟଗାଡ଼ିଆ ପଞ୍ଚାୟତ ଭଗବାନପୁର ଗ୍ରାମର ଯୁବ ସମାଜସେବୀ ତଥା ପରିବେଶବିତ୍ ଦେବେନ୍ଦ୍ର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ରୂପ୍ସା ନୀଳମଣି ମହାବିଦ୍ୟାଳୟ ଏବଂ ରୂପ୍ସାର ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଅନୁଷ୍ଠିତ ହୋଇଯାଇଚି । ପରିବେଶର ଯତ୍ନ ନେବା ସହ କିପରି ପରିବେଶକୁ ପ୍ଲାଷ୍ଟିକ ମୁକ୍ତ ରଖିବା, ପରିବେଶ ପ୍ରଦୂଷଣ ରୋକିବା, ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପମାନ ଓ ଜୈବ ବିବିଧତାରେ ହ୍ରାସ ଇତ୍ୟାଦି ଅନେକ ସମସ୍ୟା ପ୍ରଭୃତି ର ସମାଧାନ ଜନିତ ସଚେତନତା ବାର୍ତ୍ତା ନେଇ ଯୁବକ, ଯୁବତୀ ଓ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବିଶେଷ କରି ଯୁବ ସମାଜ କିପରି ଭାବରେ ପରିବେଶ ପ୍ରେମୀ ହେବେ ଓ ଗଛ ନକାଟି ଅଧିକରୁ ଅଧିକ ବୃକ୍ଷ ରୋପଣ କରି ସବୁଜ ଦିଗବଳୟ ସୃଷ୍ଟି କରି ପରିବେଶ ସନ୍ତୁଳନ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଅବଗତ କରାଇବା ସହ ବୃକ୍ଷ ରୋପଣ କରିଥିଲେ । ନୀଳମଣି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଶ୍ରବଣ ନାୟକ, ଅଧ୍ୟାପିକା ଇତିଶ୍ରୀ ମହାନ୍ତ, ଡ଼ ଆରୁଣି ମିଶ୍ର ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦାନ ପୂର୍ବକ ପରିବେଶ ସୁରକ୍ଷାର ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇବା ସହ ଦେବେନ୍ଦ୍ର ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମ ପାଇଁ ତାଙ୍କୁ ସାଧୁବାଦ ଜଣାଇଥିଲେ, ଏହି କାର୍ଯ୍ୟକ୍ରମରେ ମନ୍ମଥ ଦଳେଇ, ଯଜ୍ଞେଶ୍ୱର ଗିରି, ଓମ୍ ବ୍ରତ, ବିକାଶ ମହାପାତ୍ର, ବବିତା ନାୟକ, ବିବେକ ପାଖଲ ପ୍ରମୁଖ ସହଯୋଗ କରିଥିଲେ ।

# ଫେସବୁକ କବିତା ଆସରର ସୁବର୍ଣ୍ଣ ଆସରରେ ସମ୍ବର୍ଦ୍ଧିତ ହେବେ ପ୍ରତିଭା

ବାଲେଶ୍ୱର,୨୫।୦୨(ନି.ପ୍ର): ୫୦ତମ ଫେସବୁକ କବିତା ଆସରର ସୁବର୍ଣ୍ଣ ଆସରରେ ସମ୍ବର୍ଦ୍ଧିତ ହେବେ କଲିକତା ଓ ଓଡିଶାର ବିଭିନ୍ନ ଜିଲ୍ଲାର ପ୍ରତିଷ୍ଠା କବି ଓ କବୟିତ୍ରୀ । ନୋସି କଲଚ୍ୟୁରାଲ ଏକାଡେମି ଓ ଫେସବୁକ କବିତା ଆସରର କବି ଓ କବୟିତ୍ରୀଙ୍କ ସହଯୋଗରେ ଆସନ୍ତା ୧ଓ ୨ ତାରିଖ ଦୁଇଦିନ ନୋସି ବିଜିନେସ ପାର୍କର ଉତ୍କଳା ମୁକ୍ତମଞ୍ଚରେ ଆୟୋଜିତ ହେବାକୁ ଯାଉଛି ଫେସବୁକ କବିଙ୍କ ମହାକୁମ୍ଭ 'ସୁବର୍ଣ୍ଣ ଆସର' । ଏହି ଅବସରରେ ଦୁଇଦିନ ଅପରାହ୍ନ ୪ ଟା ୩୦ ରୁ ରାତ୍ରୀ ୯ ଘଟିକା ପର୍ଯ୍ୟନ୍ତ ନବକବି କବିତା ପାଠୋତ୍ସବ, ବିଶିଷ୍ଟ କବିଙ୍କ କବିତା ପାଠୋତ୍ସବ, ସାମାଜିକ ଗଣମାଧ୍ୟମରେ କବିତାର ଭୂମିକା, ଶାସ୍ତ୍ରୀୟ ସଙ୍ଗୀତ ଆସର, ସାଂସ୍କୃତିକ ସନ୍ଧ୍ୟା, ପୁସ୍ତକ ଲୋକାର୍ପଣ, ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ ଇତ୍ୟାଦି କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ କଲିକତାର ଉର୍ଦ୍ଦୁ କବି ଇର୍ଷାଦ ମଜହାରୀ, କଟକରୁ ଡାକ୍ତର ଦେବାଶିଷ ଜ୍ୟୋଷ୍ଟୀ, ଭୁବନେଶ୍ୱର ରୁ ଡାକ୍ତର ଶୁଭ ଦାଶ, ଯାଜପୁରରୁ ପୂର୍ଣ୍ଣ ଦାସ, ଢେଙ୍କାନାଳରୁ ମୃତ୍ୟୁଞ୍ଜୟ ବେହେରା, ଭୁବନେଶ୍ୱରରୁ ଅନିତା ରାୟ, ଭଦ୍ରକରୁ ମନୋରଞ୍ଜନ ମୁଦୁଲି, ମୟୁରଭଞ୍ଜରୁ ସୁଚରିତା ମହାନ୍ତି ଓ କେଉଁଝରରୁ ମିଲନ ମିଶ୍ରଙ୍କୁ ତାଙ୍କର ଫେସବୁକ ମାଧ୍ୟମରେ କବିତାକୁ ସମୃଦ୍ଧ କରିବା ସହ ଅନ୍ୟମାନଙ୍କୁ ପ୍ରେରଣା ଦେଇଥିବାରୁ ସମ୍ବର୍ଦ୍ଧନା ଦିଆଯିବା ପାଇଁ ମନୋନୀତ ହୋଇଛନ୍ତି । ଡ଼ଃ ଦେବାଶିଷ ସିଂହଙ୍କ ପୌରହିତ୍ୟରେ ଶିଳ୍ପୀ କେଶୁ ଦାସ, ଗଗନ ସେଠୀ, ରଣଜିତ ପୃଷ୍ଟି, ସୁଶାନ୍ତ ପରିଡା, ସୁଧାକର ସେଠୀ, ପ୍ରବୀର କମିଲା, ଅଜିମ ବାଲେଶ୍ୱରୀ ଓ ପ୍ରଣତି ମହାପାତ୍ର ଚୟନ କମିଟିର ସଦସ୍ୟ ସଦସ୍ୟାଙ୍କ ଦ୍ୱାରା ଏହି ଚୟନ କରାଯାଇଛି ।

# ରାଜପଥ ପାର୍ଶ୍ୱରୁ ନବଜାତ ଶିଶୁ ଉଦ୍ଧାର



ବାଲେଶ୍ୱର, ୨୫।୦୨(ନି.ପ୍ର): ବାଲେଶ୍ୱର ୬୦ ନଂ ଜାତୀୟ ରାଜପଥର ସଦର ବ୍ଲକ ରୁପସା ଥାନା ଅନ୍ତର୍ଗତ ଧାରି ପୋଲ ନିକଟରୁ ଆଜି ଏକ ପଲିଥିନ ବ୍ୟାଗ ଭିତରୁ ନବଜାତ ଶିଶୁକୁ ଉଦ୍ଧାର କଲା ରୁପସା ପୋଲିସ । ରାଜପଥ ପାର୍ଶ୍ୱରେ ପଲିଥିନ ବ୍ୟାଗ ଭିତରୁ ପିଲାଟି ର କାନ୍ଦ ଶୁଣି ରାସ୍ତାରେ ଯାଉଥିବା କିଛି ଲୋକ ପୋଲିସକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ରୁପସା ପୋଲିସ ପହଞ୍ଚି ପିଲାଟିକୁ ଉଦ୍ଧାର କରି ରୁଫସା ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରୁଛି । ପିଲାଟି ସ୍ୱାସ୍ଥ୍ୟ ଅବସ୍ଥା ପରିକ୍ଷା କରି ଜିଲ୍ଲା ଶିଶୁ ମଙ୍ଗଳ ବିଭାଗକୁ ହସ୍ତାନ୍ତର କରାଯାଇଛି । କେହି ଜଣେ ମା ପିଲାଟିକୁ ଜନ୍ମ ଦେବା ପରେ ବ୍ୟାଗରେ ଭର୍ତ୍ତି କରି ଫିଙ୍ଗି ଦେଇଥିବା ଅନୁମାନ । ପୋଲିସ ଘଟଣାର ତଦନ୍ତ କରୁଛି ।

# ଭାରସାମ୍ୟ ହରାଇ ଏକ ଦ୍ରୁତଗାମୀ କାର ଦୁର୍ଘଟଣା



ବେତନଟୀ,୨୫।୦୨(ନି.ପ୍ର):ବେତନଟୀ ଥାନା ଅଧୀନ ୧୮ନଂ ଜାତୀୟରାଜ ପଥ ଦାନ୍ତିଆମୁହାଁ ପୋଲ ଠାରେ ଆଜି ଭାରସାମ୍ୟ ହରାଇ ଏକ ଦ୍ରୁତଗାମୀ କାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏଥିରେ ଜନୈକା ମହିଳା ଗୁରୁତର ଆହତ ହୋଇଛନ୍ତି । ଘଟଣାରୁ ପ୍ରକାଶ ଜେଏଚ-୦୫ଏପି -୨୪୦୨ନମ୍ବର ବିଶିଷ୍ଟ କାର ଯୋଗେ ଦୁଇଜଣ ପୁରୁଷ ଏବଂ ଦୁଇଜଣ ମହିଳା କଟକସ୍ଥିତ ଶ୍ରୀରାମଚନ୍ଦ୍ରଭଞ୍ଜ ଡାକ୍ତରଖାନା ଯାଉଥିଲେ । ତେବେ କୌଣସି କାରଣରୁ ଦାନ୍ତିଆମୁହାଁ ପୋଲଠାରେ ଦ୍ରୁତଗାମୀ କାରଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ କାରଟି ଭାଙ୍ଗି ଚୁରମାର ହୋଇ ଯାଇଥିଲା । ଦୁର୍ଘଟଣାରେ ଜଣେ ମହିଳା ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଜଣେ ମହିଳା ସମେତ ଦୁଇଜଣ ପୁରୁଷ ଆହତ ହୋଇଥିଲେ । ସ୍ଥାନୀୟଲୋକେ ଉଦ୍ଧାରକରି ଗୁରୁତର ମହିଳାଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପାଟିବାଇଥିବା ବେଳେ ଖବରପାଇ ବେତନଟୀ ପୁଲିସ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛି ।

# ଗପ ଶୁଣିବା ଗପ କହିବା କାର୍ଯ୍ୟକ୍ରମ ଅନୁଷ୍ଠିତ



ବାସୁଦେବପୁର,୨୫।୦୨(ନି.ପ୍ର):ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଭିନବ ପ୍ରୟାସ ଗପ ଶୁଣିବା ଗପ କହିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା ସଭାପତିତ୍ୱ କରିଥିଲେ । ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ସମାଜସେବୀ ମମତା ଜେନା, କବି ଦେବକୀ ପାତ୍ର, କବି କାମିନୀ ଲତା ଧର, ଉପ ସଭାପତି ଆରତୀ ମହାପାତ୍ର ଓ କବି ରଞ୍ଜନ କୁମାର ନାୟକ । ସମସ୍ତ ଅତିଥି ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ବିଚାରକ ଭାବେ ଯୋଗ ଦେଇଥିଲେ କମଳିନି ଦ୍ୱିଜ, ଦୟାନିଧି ପଲାଇ ଓ ଆରତି ଧର । ବେଦ ପାଠ କରିଥିଲେ ଶିକ୍ଷକ ହରେକୃଷ୍ଣ ମହାରଣା । ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା ଓ କବିତା ବହି ଓ ଗପ ବହି ପ୍ରଦାନ କରାଯାଇଥିଲା । ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷୟିତ୍ରୀ ମିନତୀ ପଣ୍ଡା । ଶିକ୍ଷୟିତ୍ରୀ ଆରତି ଧର ଧନ୍ୟବାଦ ଅର୍ପଣ କରିଥିଲେ । ଦୁଇ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ । ସସ୍ମିତା ବାରିକ, ଆରତୀ ଲତା ନାୟକ, ଭାନୁମତି ଶଙ୍ଖୁଆ, ଶ୍ରୀଧର ବାରିକ ଏହି ଉତ୍ସବରେ ସହଯୋଗ କରିଥିଲେ ।

# ପୁର୍ନଃଗଠନ ହେଉ ପୁଟୁରା ପଞ୍ଚାୟତ: ସାଂସଦଙ୍କୁ ଦାବିପତ୍ର ଦେଲେ ପଞ୍ଚାୟତବାସୀ

ରୂପସା,୨୫।୦୨(ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ପୁଟୁରା ପଞ୍ଚାୟତ ପୁର୍ନଃଗଠନ ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି । ଏହି ପଞ୍ଚାୟତରେ ୧୫ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ରହିଛି । ଭୌଗୋଳିକ ଦୃଷ୍ଟି କୋଣରୁ ୨୫ରୁ ଅଧିକ ଗ୍ରାମ ବିଶିଷ୍ଟ ଏହି ପଞ୍ଚାୟତର ପରିସୀମା ୧୦କିମିରୁ ଉର୍ଦ୍ଧ୍ୱ ଅଟେ । ପଞ୍ଚାୟତର ପୂର୍ବପଟ ବାଲିଆପାଳ ସୀମାକୁ ଲାଗି ଦୁନ୍ଦକୁଟ, ବାସୁଲିଦୀଘା, ତେନ୍ତୁର୍ଦ୍ଦା ଆଦି ବହୁ ଗ୍ରାମ ରହିଥିବା ବେଳେ ପଶ୍ଚିମପଟକୁ ପୁଟୁରା, ବାଲିସାହି, କମାରଗଡ଼ିଆ ଇତ୍ୟାଦି ଗ୍ରାମ ବସ୍ତା ବ୍ଲକ ସୀମାକୁ ଲାଗି ରହିଛି । ପଞ୍ଚାୟତ ଅଫିସକୁ ଯାତାୟତ କରିବା ପାଇଁ ଜନସାଧାରଣଙ୍କୁ ୯/୧୦କିଲୋମିଟର ଦୂରତା ଯିବାକୁ ପଡ଼ିଥାଏ । ବିଭିନ୍ନ ସମୟରେ ଜରୁରୀକାଳୀନ କାର୍ଯ୍ୟ ପାଇଁ ଦୂରତା ଯୋଗୁଁ ଅଫିସ୍ ଯିବାରେ ବାଧା ସୃଷ୍ଟି ହୋଇଥାଏ । ପୁଟୁରା ପଞ୍ଚାୟତକୁ ଦୁଇଟି ପଞ୍ଚାୟତରେ ବିଭାଜନ କରିବା ପାଇଁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସାଂସଦ ଷଡ଼ଙ୍ଗୀଙ୍କ ଉଦ୍ଦେଶ୍ୟରେ ଭାଜପା ଉତ୍ତରଓଡ଼ିଶା ସାଂଗଠନିକ ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କୁ ଭେଟି ପଞ୍ଚାୟତ ତରଫରୁ ଅଜୟ ପାଲ, ସୁବଳ ଭୂୟାଁ, ବ୍ରହ୍ମାନନ୍ଦ ମୈକାପ, ରାମଚନ୍ଦ୍ର ରାଉତ, ହରିହର ବେହେରା, ପୂର୍ଣ୍ଣଚନ୍ଦ୍ର ଖଟୁଆ, ନନ୍ଦକିଶୋର ସାମନ୍ତ ପ୍ରମୁଖ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପଞ୍ଚାୟତ ଅନ୍ତର୍ଗତ ପଶ୍ଚିମ ପଟ ଗ୍ରାମମାନଙ୍କୁ ନେଇ ପୁଟୁରା(କ) ଓ ପୂର୍ବ ପଟ ଗ୍ରାମମାନଙ୍କୁ ନେଇ ପୁଟୁରା(ଖ) କିମ୍ବା ଦୁନ୍ଦକୁଟ ପଞ୍ଚାୟତ ଭାବେ ବିଭକ୍ତ କରିବା ପାଇଁ ସ୍ଥାନୀୟ ଜନସାଧାରଣ, ଆଇନଜୀବୀ, ସମାଜସେବୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ପ୍ରମୁଖ ଦାବି କରିଛନ୍ତି ।

# ଗ୍ରିଲ ଭାଙ୍ଗି ଧାନଖାଇଲା କୁଳଡିହା ହାତୀ: ବାସନ ଓ ଟିଣବାକ୍ସ ବଜାଇ ହାତୀ ଖେଦିଲେ ପରିବାର ଲୋକେ



ନୀଳଗିରି -୨୫/୨ :(ନି.ପ୍ର) ଲୁହାଗ୍ରୀଲ ଭାଙ୍ଗି ଘରେପଶିଲା ହାତୀ । ଘରେ ଥିବା ଧାନବସ୍ତାରୁ ପ୍ରାୟ ପାଞ୍ଚୋଟି ଧାନବସ୍ତାକୁ ଚିରି ଧାନଖାଇବା ସହିତ ଉପଦ୍ରବ ମଚାଇଥିଲା । ଏଭଳି ଘଟଣା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ରାଇପୁର ଗ୍ରାମରେ ଦେଖିବାକୁ ମିଳିଛି । ମଙ୍ଗଳବାର ଭୋର ସମୟରେ କୁଳଡିହା ଅଭୟାରଣ୍ୟର ଏକ ହାତୀ ଉକ୍ତଗ୍ରାମର ବନମାଳୀ ବିଶ୍ୱାଳଙ୍କ ଘରର ଲୁହାଗ୍ରୀଲକୁ ଶୁଣ୍ଢରେ ଭାଙ୍ଗି ଘରେ ପଶି ବାରଣ୍ଡାରେ ଥିବା ଧାନବସ୍ତାରେ ଧାନ ଖାଇବା ସହ ଧାନକୁ ଫିଙ୍ଗାଫିଙ୍ଗି କରିଥିଲା । ଭୟରେ ପରିବାର ଲୋକ ଘରେ କବାଟକିଳୀ ହାତୀକୁ ଘଉଡାଇବା ପାଇଁ ଯେତେ ଚେଷ୍ଟା କରିଥିଲେ ମଧ୍ୟ ହାତୀଟି ଯାଇନଥିଲା । ଶେଷରେ ପରିବାର ଲୋକେ ବାସନ ଟିଣ ଆଦି ବଜାଇବାରୁ ହାତୀଟି ଜଙ୍ଗଲକୁ ପଳାଇ ଯାଇଥିଲା ।ତେବେ ହାତୀଙ୍କ ଉପଦ୍ରବ ନୂଆ ଘଟଣା ନୁହେଁ । ଜଙ୍ଗଲ ସଙ୍କୁଚିତ ହେବା, ଖାଦ୍ୟାଭାବ, ପରିବେଶ ପ୍ରଦୂଷଣ ପାଇଁ ଜଙ୍ଗଲି ଜନ୍ତୁ ଜନବସତି ମୁହାଁ ହେଉଥିବା । ମୁଖ୍ୟକାରଣ ବୋଲି ପରିବେଶବିତ୍ ମତ ରଖିଛନ୍ତି । ତେବେ ହାତୀମାନଙ୍କୁ ଜନବସତି ମୁହାଁ ନହେବା ପାଇଁ ସୌରବାଡ, ଟ୍ରେଞ୍ଚ ଖନନ, ପ୍ରଚୁର ପରିମାଣରେ ଖାଦ୍ୟ ସହ ଅଧିକ ଜଙ୍ଗଲ ସୃଷ୍ଟି ଉପରେ ବନବିଭାଗ ଦୃଷ୍ଟି ଦେଇ ନିରାକରଣ କରିପାରିଲେ ସ୍ଥାୟୀ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଞ୍ଚଳବାସୀ ଦାବୀ କରିବା ସହିତ ବର୍ତ୍ତମାନ ପାଇଁ ପଞ୍ଚଲିଙ୍ଗେଶ୍ୱର, ତେଣ୍ଡା, ବାବନ୍ଧ ଆଦି ବିଭିନ୍ନ ବିଟରେ ବନବିଭାଗ ପେଟ୍ରୋଲିଂ କୁ କଡାକଡି କରିବାକୁ ଦାବି କରାଯାଇଛି । ନହେଲେ ହାତୀ ଆକ୍ରମଣରେ ବିଗତ ଦିନରେ ଘଟିଥିବା ଅନେକ ଘଟଣା ସହ ନିକଟରେ ଘଟିଥିବା ଯୁବକଙ୍କୁ ରାସ୍ତାରୁ ଟାଣିନେଇ କଚାଡ଼ିବା ଭଳି ଘଟଣାର ପୁନରାବୃତ୍ତି ଘଟି ବହୁ ଧନଜୀବନ ନଷ୍ଟ ହେବାର ସମ୍ଭାବନାକୁ ଏଡାଇ ଦିଆ ଯାଇନପାରେ ।

# ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ପିଆରଆଇ ଏକାଦଶକୁ ହରାଇ ମିଡ଼ିଆ ଏକାଦଶ ଚମ୍ପିୟାନ



ବାଲିଆପାଳ,୨୫.୨(ନି.ପ୍ର) ସୁବର୍ଣ୍ଣରେଖା ବନ୍ଦର କର୍ତ୍ତୃପକ୍ଷ ଓ ଟାଟା ଷ୍ଟିଲ ଫାଉଣ୍ଡେସନ ମିଳିତ ଆୟୋଜନରେ ବାଲିଆପାଳ ବ୍ଲକ ଡଗରା ବେଳାଭୂମି ନିକଟସ୍ଥ ମକର ପଡ଼ିଆରେ ଆଜି ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରୀକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି ।ଏହି ମ୍ୟାଚରେ ପିଆରଆଇ ମେମ୍ବର ଏକାଦଶ ଓ ମିଡ଼ିଆ ଏକାଦଶ ମଧ୍ୟରେ ମୁକାବିଲା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ମିଡ଼ିଆ ଏକାଦଶର ଅଧିନାୟକ ପ୍ରତାପ କୁମାର ପାତ୍ର ଟସ ଜିତି ଫିଲଡିଂ ନିଷ୍ପତ୍ତି ନେଇଥିଲା ବେଳେ ଅପରପକ୍ଷ ପିଆରଆଇ ମେମ୍ବର ଏକାଦଶ ଦଳକୁ ବ୍ୟାଟିଂ କରିବା ପାଇଁ ଆମନ୍ତ୍ରଣ କରିଥିଲେ । ମ୍ୟାଚର ପ୍ରଥମ ବଲରେ ମିଡ଼ିଆ ଏକାଦଶ ଅଧିନାୟକ ପ୍ରତାପ କୁମାର ପାତ୍ର ୱିକେଟ ନେଇ ଦଳ ପାଇଁ ସଫଳତା ଆଣିଦେଇଥିଲେ । ତେବେ ପିଆରଆଇ ମେମ୍ବର ଏକାଦଶର ବ୍ୟାଟର ଅଶ୍ୱିନୀ ପାତ୍ରଙ୍କ ଧୁଆଁଧାର ୩୫ରନର ବ୍ୟାଟିଂ ବଳରେ ନିର୍ଦ୍ଧାରିତ ୧୦ଓଭରରେ ସମସ୍ତ ୱିକେଟ ହରାଇ ୬୦ରନ ସଂଗ୍ରହ କରିଥିଲେ । ମିଡ଼ିଆ ଏକାଦଶର ବୋଲର ଶମ୍ଭୁନାଥ ଦାସ ୪ଟି ୱିକେଟ ନେଇ ଥିଲାବେଳେ, ବୋଲର ଚିନ୍ମୟ ଦାସ, ଅଶୋକ ଜେନା ଓ ଅଧିନାୟକ ପ୍ରତାପ କୁମାର ପାତ୍ର ୨ଟି ଲେଖାଏଁ ୱିକେଟ ନେଇଥିଲେ । ଦ୍ୱିତୀୟ ଇନିଂସରେ ମିଡ଼ିଆ ଏକାଦଶ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଗୋଟିଏ ପରେ ଗୋଟିଏ ୱିକେଟ ହରାଇ ଚାଲିଥିଲା । ତେବେ ଅଧିନାୟକ ପ୍ରତାପ କୁମାର ପାତ୍ର ଗୋଟିଏ ପଟେ ଧୈର୍ଯ୍ୟର ସହିତ ବ୍ୟାଟିଂ କରି ୧୨ବଲର ସମ୍ମୁଖୀନ ହୋଇ ୬ଟି ଛକ୍କା ସାହାଯ୍ୟରେ ୪୫ରନର ଅଧିନାୟକ ଇନିଙ୍ଗସ ଖେଳି ମିଡ଼ିଆ ଏକାଦଶକୁ ୪ୱିକେଟରେ ବିଜୟୀ କରାଇଥିଲେ । ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପ୍ରତାପ କୁମାର ପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବରେ ସୁବର୍ଣ୍ଣରେଖା ବନ୍ଦରର କାର୍ଯ୍ୟାନିର୍ବାହୀ ନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର, ଟାଟା ଷ୍ଟିଲ ଫାଉଣ୍ଡେସନ ବାଲେଶ୍ୱର ୟୁନିଟ ମୁଖ୍ୟ ପ୍ରମୋଦ କୁମାର ପାତ୍ର, ସୁବର୍ଣ୍ଣରେଖା ବନ୍ଦର ପ୍ରସାଶନିକ ମୁଖ୍ୟ ବିରଜା ଶଙ୍କର ଦାସ ଓ ସୁବର୍ଣ୍ଣରେଖା ବନ୍ଦର ସୁରକ୍ଷା ବିଭାଗ ମୁଖ୍ୟ ମନୋଜ ମିଶ୍ର ପ୍ରମୁଖ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଅବସରରେ ଏକ ଦୁଇ ଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟକୁ ଅତିଥିମାନେ ଉଦଘାଟନ କରିଥିଲେ ।

# ଆଞ୍ଚଳିକ ମିଳିତ କୃଷକମଞ୍ଚ ତରଫରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ନୀଳଗିରି,୨୫।୦୨(ନି.ପ୍ର):ନୀଳଗିରି ଉପଖଣ୍ଡ ଆଞ୍ଚଳିକ ମିଳିତ କୃଷକମଞ୍ଚ ତରଫରୁ ନୀଳଗିରି ବଉଳଗଡିଆ ରାସ୍ତା ଇକୋ ସେନସ୍ୱିଟିଭ ଜୋନ ମଧ୍ୟରେ ଯାଉଥିବା ନେଇ ଏହାକୁ ପୁନଃନିର୍ମାଣ କରେଇ ନଦେବା ପାଇଁ ବାଲେଶ୍ୱର ବନଖଣ୍ଡ ଅଧିକାରୀ ଷଡଯନ୍ତ୍ର କରି ଭୁଲତଥ୍ୟ ଦେଇଥିବା ଅଭିଯୋଗ କରିଛନ୍ତି । ଉଚ୍ଚନ୍ୟାୟାଳୟ କୁଳଡିହକ୍ଷ ଅଭୟାରଣ୍ୟର ସୀମା ନିର୍ଦ୍ଧାରଣ ପାଇଁ ଜିଲ୍ଲାପାଳଙ୍କୁ ଜନଶୁଣାଣି କରିବା ନିର୍ଦ୍ଦେଶ ଥିବାବେଳେ ଏହାର ସଂଲଗ୍ନ ୨୦୪ଟି ଗ୍ରାମକୁ ଇକୋ ସେନସିଟିଭ ଜୋନଭାବେ ଘୋଷଣା କରିବା ପ୍ରଶ୍ନବାଚୀ ସୃଷ୍ଟି କରୁଛି କ୍ଷ ସଂଗଠନର ଉପସଭାପତି ଅବସରପ୍ରାପ୍ତ ସୈନିକ ଉମାକାନ୍ତ ମଲିକଙ୍କ ଦ୍ୱାରା ସୂଚନା ଅଧିକାର ଦ୍ୱାରା ମିଳିଥିବା ତଥ୍ୟରେ ସେମିତି କିଛି ତଥ୍ୟ ମିଳିନଥିବା ଅଭିଯୋଗ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ନିହାର ରଞ୍ଜନ ଜେନା, ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, ବରିଷ୍ଠ କୃଷକ ନେତା କୈଳାଶ ଚନ୍ଦ୍ର ପଣ୍ଡା, ଅଖିଳ ଭାରତ କୃଷକ ସଭାର ସଭାପତି ପ୍ରଭାକର ମହାପାତ୍ର, ଜୋନ ସମ୍ପାଦକ ବିଜୟ କୁମାର ସ, ଯୋଗେଶ୍ୱର ବେହେରା, ପ୍ରସନ୍ନ ମହାନ୍ତି, ହରେକୃଷ୍ଣ ପଣ୍ଡିତ, ପ୍ରକାଶ ଚନ୍ଦ୍ର ଚୌଧୁରୀ, ନାରୀନେତ୍ରୀ ଗାୟତ୍ରୀ ପଣ୍ଡା ପ୍ରମୁଖ ଉପଜିଲ୍ଲାପାଳ ଅନୁପସ୍ଥିତିରେ କାର୍ଯ୍ୟାଳୟର ବଡ଼ବାବୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏନେଇ ଉପଜିଲ୍ଲାପାଳ ଆସୁ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ପ୍ରଦାନ କରିଛନ୍ତି ।

# ଅବିବାହିତ ବାପଛେଉଣ୍ଡ କନ୍ୟାଙ୍କୁ ଅଣଦେଖା

**ଖାଦ୍ୟ ଓ ସାମାଜିକ ସୁରକ୍ଷା ସବୁକିଛିରୁ ବଂଚିତ 'ସିତା'**



ଉଦଳା,୨୫/୦୨(ନି.ପ୍ର)- ଯେ ହେଉଛି କପ୍ତିପଦା ବ୍ଲକର ବଡ଼ଖଲାଡ଼ି ପଂଚାୟତ ଅନ୍ତର୍ଗତ ମହିଁଷାସୁରୀ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ମାଟକୁ ମାଝିଙ୍କ କନ୍ୟା 'ସିତା' ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ଓ ସାମାଜିକ ସୁରକ୍ଷା ଯୋଜନାରେ ଭତା ପାଇବାରୁ ବଂଚିତ ଥିବାର ଗଣମାଧ୍ୟମକୁ ଜଣାଇଛନ୍ତି । 'ସିତା'ଙ୍କୁ ବର୍ତମାନ ବୟସ ପାଖାପାଖି ୪୦ ଛୁଇଁଥିବା ବେଳେ ସେ ଅବିବାହିତ ଅଛନ୍ତି । ଦିନମଜୁରିଆ ଭାବରେ କାମ କରି 'ସିତା' ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ଚାଉଳ ଓ ଭତା ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ବାରମ୍ବାର ହୋଇ ମଧ୍ୟ କୌଣସି ସୁଫଳ ମିଳିନଥିବାର 'ସିତା' ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ଦେଶି ମଦ ଚାଲାଣ ବେଳେ ଚଢ଼ଉ, ଜଣେ ଗିରଫ

ଜୟପୁର,୨୫।୦୨(ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଚଢ଼ଉ କରି ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଗଡପଦରର ନବିନ ହରିଜନ । ଏକ ବାଇକରେ ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରି ଥାନା ପକ୍ଷରୁ ତେଲିଗୁଡା ଠାରେ ଚଢ଼ଉ କରାଯାଇଛି । ଚଢ଼ଉ କରି ଅଭିଯୁକ୍ତ ନବିନ ହରିଜନକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଠାରୁ ୪୦ ଲିଟର ଦେଶି ମଦ ଓ ବାଇକକୁ ଜବତ କରିଛି । ଗିରଫ ଅଭିଯୁକ୍ତକୁ ଆଜି ସଂନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଅବକାରି ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida